# ପ୍ରଥମ ପରିଚ୍ଛେଦ

କଥାକାଳିଂକ

ଦାଗଗାଲେମୟ

ଓଡ଼ିଆ ଗଳ୍ପର ସୁଦୀର୍ଘ ଯାତ୍ରା ପଥରେ ଡଃ ହୃଷୀକେଶ ପଣ୍ଡା ଜଣେ କ୍ରାନ୍ତିକାରୀ ସ୍ରଷ୍ଟା । ନୂତନ ଫର୍ମ ଓ ଥିମ୍‌ର ପ୍ରୟୋଗ ଯୋଗୁଁ ତାଂକ ଗଳ୍ପଗୁଡ଼ିକ ବାରିହୋଇପଡ଼େ । ଉତ୍ତର ଅଶି ଓଡ଼ିଆ ଗଳ୍ପରେ ଯେଉଁ ପରୀକ୍ଷା ନିରୀକ୍ଷା ଦେଖାଦେଇଛି, ସେଥିରେ ସାମିଲ୍ ହେବା ସହିତ ଏହାକୁ ତାଂକ ଗଳ୍ପଗୁଡ଼ିକରେ ବିଶେଷ ଭାବେ ପ୍ରୟୋଗ କରିବା ପାଇଁ ସେ ଯତ୍ନବାନ । ସମାଜ ଓ ମଣିଷର ସଂଗୁପ୍ତ ମନର ସୂକ୍ଷ୍ମଭାବ ବିଶ୍ଳେଷଣ କରିବା ତାଂକର ଲକ୍ଷ୍ୟ । ସାଂପ୍ରତିକ ମଣିଷର କାୟା ଓ ଆତ୍ମା ଏକ ନୁହେଁ । ଭିତରର ମଣିଷ ଓ ବାହାରର ମଣିଷ ସଂପୂର୍ଣ୍ଣ ଅଲଗା । ସେଥିପାଇଁ ଗୋଟିଏ ମଣିଷ ପାଖରେ ଦେଖାଯାଉଛି ଦୁଇ ପ୍ରକାର ପ୍ରତିକ୍ରିୟା । ଏହିପରି ନୂଆ ମଣିଷମାନଂକୁ ନେଇ ସୃଷ୍ଟି ହୋଇଛି ଗାଳ୍ପିକଂକ କଳା କୋଣାର୍କ । ପରଂପରାକୁ ଭାଂଗି ଏକ ନୂତନ ମୂଲ୍ୟବୋଧର ପ୍ରତିଷ୍ଠାରେ ସେ ବ୍ରତୀ । ଯାହାର ଫଳସ୍ୱରୂପ ଅନ୍ୟାୟ ଓ ଅତ୍ୟାଚାରକୁ ବିରୋଧ କରିବାକୁ ଯାଇ ପ୍ରଚଳିତ ସାମାଜିକ, ରାଜନୀତିକ ବ୍ୟବସ୍ଥା ବିରୁଦ୍ଧରେ ଚ୍ୟାଲେଞ୍ଜ କରିବାକୁ ମଧ୍ୟ ସେ ପ୍ରସ୍ତୁତ । ଏହା ସହିତ ଅଭିନବ ବିଷୟବସ୍ତୁ, କଥନଭଂଗୀରେ ମୌଳିକତା ଓ ଚରିତ୍ର ଚିତ୍ରଣରେ ନୂତନତା ପ୍ରଦର୍ଶନ କରି ସେ ତାଂକ ଗଳ୍ପଗୁଡ଼ିକୁ ପୁଷ୍ଟ କରିପାରିଛନ୍ତି । ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ଓ ସଚ୍ଚୋଟ ବ୍ୟକ୍ତି ହୋଇଥିବାରୁ ସେ ନିଜର ବିଶାଳ ଅଭିଜ୍ଞତା ଓ ଅନୁଭୂତିକୁ ଖୋଲାଖୋଲି ଭାବେ ବ୍ୟକ୍ତ କରିବାରେ ଦ୍ୱିଧା ପ୍ରକାଶ କରିନାହାନ୍ତି । ପାଠକମାନଂକୁ ଏକ କଳ୍ପନାର ରାଜ୍ୟକୁ ନନେଇ ବାସ୍ତବ ଜଗତରେ ହିଁ ନିଜର ବକ୍ତବ୍ୟକୁ ରୋକଠୋକ୍ ଓ ସଂକ୍ଷିପ୍ତ ବର୍ଣ୍ଣନା ମାଧ୍ୟମରେ କହିବାକୁ ଚେଷ୍ଟା କରିଛନ୍ତି । ସେଥିପାଇଁ ତାଂକ ଲେଖାରେ ବିଷୟବସ୍ତୁ ଓ ଚରିତ୍ରର ଗୁରୁତ୍ୱ ନଥାଏ । କାରଣ ତାଂକର ପ୍ରତ୍ୟେକଟି ଗଳ୍ପରେ ନିଜର ବକ୍ତବ୍ୟ ଓ ଅନ୍ତର୍ଦୃଷ୍ଟିକୁ ଗୁରୁତ୍ୱ ଦେଇଥାନ୍ତି । ଏହା ହିଁ ହେଉଛି ହୃଷୀକେଶୀୟ ଶୈଳୀ । ଏହାକୁ ସେ ନିଜେ ସ୍ୱୀକାର କରିଛନ୍ତି 'ପ୍ରୌଢ଼ଭାବନା' ଗଳ୍ପ ସଂକଳନର ପୃଷ୍ଠଭୂମିରେ । "ତରୁଣବାବୁ ଆପଣଂକୁ ମୁଁ ଠକେଇଲି, ଉପନ୍ୟାସଟିଏ ଲେଖିଦେଲି ହେଲେ ତହିଁରେ ଗପ ଦେଲିନାହିଁ, ଚରିତ୍ର ଦେଲିନାହିଁ, ପ୍ଲଟ ଦେଲିନାହିଁ, କୌଣସି ନୀତିକଥା ତା' ଅନ୍ତରାଳରେ ରଖିଲି ନାହିଁ ।" (ପୃଷ୍ଠଭୂମି, ପ୍ରୌଢ଼ଭାବନା, ପୃଷ୍ଠା-୧୦୮)

ସାହିତ୍ୟିକର ସାମାଜିକ ଦାୟିତ୍ୱ ରହିଛି ଏବଂ ନିଶ୍ଚିତ ଭାବେ ରହିବା ଉଚିତ୍ ବୋଲି ଗଭୀର ବିଶ୍ୱାସ ରଖୁଥିବା ଗାଳ୍ପିକ ଡଃ ପଣ୍ଡା ଭାରତୀୟ ପ୍ରଶାସନିକ ସେବାରେ

ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଆସିଛନ୍ତି ଓ ଦେଶ ବିଦେଶର ବିଭିନ୍ନ ଅଂଚଳ ଭ୍ରମଣ କରିବା ସହିତ ବହୁଲୋକଂକ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଛନ୍ତି ଓ ଏହି ଅନୁଭବ ଓ ଅନୁଭୂତିକୁ ସେ ତାଂକ ଗଳ୍ପଗୁଡ଼ିକରେ ପ୍ରୟୋଗ କରିଛନ୍ତି । ସେଥିପାଇଁ ଓଡ଼ିଶା ଓ ଓଡ଼ିଶା ବାହାରର ଶ୍ରଦ୍ଧାଶୀଳ ପାଠକମାନଂକ ନିକଟରେ ସେ ଖୁବ୍ ପରିଚିତ । ଏ ପର୍ଯ୍ୟନ୍ତ ତାଂକର ବହୁସ୍ରାବୀ ଲେଖନୀରୁ ପ୍ରକାଶ ଲାଭା କରିଥିବା ଗଳ୍ପ ସଂକଳନଗୁଡ଼ିକ ହେଲା- ବାହାରେ ଛିଡ଼ାହୋଇଥିବା ଲୋକ (୧୯୮୨), ରେବତୀ (୧୯୮୩), ରାଜପୁତ୍ର (୧୯୮୭), ସାହାବଦେବତା (୧୯୮୯), ପ୍ରୌଢ଼ଭାବନା (୧୯୯୨), ଶୂନ୍ୟତାର ପାଶ୍ଚାତ୍ୟକୁ (୧୯୯୪), ବୟସ୍କଙ୍କ ପାଇଁ ଶିଶୁକାହାଣୀ (୧୯୯୪), ମିଛଖୁସି ସତଦୁଃଖ (୨୦୦୫) । ଏହି ଆଠଟି ସଂକଳନରେ ସ୍ଥାନ ପାଇଛି ଚଉରାନବେ(୯୪)ଟି ଗଳ୍ପ । ମାତ୍ର 'ରେବତୀ' ସଂକଳନରେ ସ୍ଥାନ ପାଇଥିବା ପାଞ୍ଚଟି ଗଳ୍ପ ପୁନର୍ବାର 'ପ୍ରୌଢ଼ଭାବନା' ସଂକଳନରେ ସ୍ଥାନିତ ହୋଇଥିବାରୁ ତାଂକର ସର୍ବମୋଟ ଗଳ୍ପ ସଂଖ୍ୟା ହେଉଛି ଅଣାନବେ(୮୯) । ଏହି ଗଳ୍ପଗୁଡ଼ିକର ତାତ୍ତ୍ୱିକ ବିଶ୍ଳେଷଣ ହିଁ ଉକ୍ତ ପରିଚ୍ଛେଦର ଆଲୋଚ୍ୟ ବିଷୟ ।

ଆଲୋଚନାର ସୁବିଧାର୍ଥେ ଏହି ଗଳ୍ପଗୁଡ଼ିକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି । ଯଥା- ୧)ଅବକ୍ଷୟଗ୍ରସ୍ତ ସଭ୍ୟତା ଓ ସଂସ୍କୃତି ମୂଳକ ଗଳ୍ପ, ୨)ନାରୀ ମନସ୍ତତ୍ତ୍ୱମୂଳକ ଗଳ୍ପ, ୩)ଆଦିବାସୀ ଜନଜୀବନ ସମସ୍ୟାମୂଳକ ଗଳ୍ପ, ୪)ଲୋକକାହାଣୀ ଶୈଳୀମୂଳକ ଗଳ୍ପ ଓ ୫)ସାମାଜିକ ସମସ୍ୟାମୂଳକ ଗଳ୍ପ । ପ୍ରତ୍ୟେକ ବିଭାଗରେ ସାମାଜିକ ସମସ୍ୟା ଅନ୍ତର୍ଗତ ହେଲେ ହେଁ ଗଳ୍ପଗୁଡ଼ିକରେ ଉପରୋକ୍ତ ସ୍ୱର ସ୍ପଷ୍ଟ ।

**(୧) ଅବକ୍ଷୟଗ୍ରସ୍ତ ସଭ୍ୟତା ଓ ସଂସ୍କୃତି ମୂଳକ ଗଳ୍ପ:-**

ଓଡ଼ିଶାର ପରଂପରା, ସଭ୍ୟତା ଓ ସଂସ୍କୃତି ବହୁ ପ୍ରାଚୀନ ଓ ସମୃଦ୍ଧ । ଏହି ସଭ୍ୟତା ଓ ସଂସ୍କୃତି ପାଇଁ ଓଡ଼ିଶା ଗର୍ବିତ ଓ ବିଶ୍ୱ ଦରବାରରେ ମଧ୍ୟ ବଂଦିତ । ମାତ୍ର ଏହି ସୁସମୃଦ୍ଧ ପରଂପରା ଆଜି ଅବକ୍ଷୟଗ୍ରସ୍ତ । ସଂପ୍ରତି ଲୋକମାନଂକ ମଧ୍ୟରେ ଦେଖାଦେଇଛି ଏକତାର ଅଭାବ ଓ ସଂସ୍କୃତିକୁ ପାସୋରି ଯିବାର ମନୋଭାବ । ଏହି ଅଧଃପତିତ ଓଡ଼ିଆ ଜାତିର ଦୁର୍ଦ୍ଦଶାକୁ ଉପସ୍ଥାପନ କରାଯାଇଛି 'ସାଧବପୁଅ', 'ଧର୍ମପଦ', 'ପୁରୀ' ଓ 'ବୁଢ଼ୀମା' ଗଳ୍ପରେ । ନିଜର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତି ଓ ଅନୁଭୂତିକୁ ପାଥେୟ

କରି ଗାଳ୍ପିକ ସମସାମୟିକ ଓଡ଼ିଆ ଯୁବକ ଓ ଧର୍ମର ରକ୍ଷକମାନଂକର ଭକ୍ଷକ ସାଜିବାର ରୂପକୁ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣରୁ ବିଚାର କରିଛନ୍ତି ।

'ସାଧବପୁଅ' ଗଳ୍ପର ନାୟକ ପରୀକ୍ଷିତ କଲିକତାରେ ଏକ ପାନଦୋକାନରେ କାମକରେ । ମାତ୍ର ଗାଁରେ ସମସ୍ତଙ୍କୁ କହେ ସେ ଲଜେନ୍‌ସ ଫ୍ୟାକ୍‌ଟରୀରେ କାମ କରୁଛି । ଗାଁକୁ ଆସିଲେ ବଦଳିଯାଏ ତା'ର ଚାଲିଚଳଣି, କଥାବାର୍ତ୍ତା ଓ ବ୍ୟବହାର । କଲିକତା ପରି ମହାନଗରୀରେ କାମ କରୁଥିବାରୁ ସେ ଗର୍ବିତ ମନେକରେ । ଘରକୁ ଆସିବା ସମୟରେ ସୁଟକେଶ୍ ଓ ବେଗ୍ ଭର୍ତ୍ତିକରି ତା' ସ୍ତ୍ରୀ ଓ ଛୁଆଂକ ପାଇଁ ଆଣେ ପ୍ଲାଷ୍ଟିକ ମାଳି, ସଂଦେଶ, ଗୁଡ଼ାଖୁ, ପାନିଆ, ଇଲାଷ୍ଟିକ୍ ଲଗା ପେଣ୍ଟ, ଅଂଗୁର, ଇସ୍ପାତ ମୁଦି, ବିସ୍କୁଟ ଇତ୍ୟାଦି । ଷ୍ଟେସନ୍‌ରେ ଓହ୍ଲେଇ ଗାଁରେ ନିଜର କଲିକତି ଚଳଣିକୁ ଦେଖେଇବା ପାଇଁ ଜି.ଆର.ପି. ଘର ପଛପଟେ ମଇଳା ଲୁଗା ବଦଳେଇ ଇସ୍ତ୍ରୀକରା ଲୁଗା ପିନ୍ଧେ ଓ ମୁଣ୍ଡଧୋଇ ତେଲେ ଲଗେଇ ପାତିଆ କରି ମୁଣ୍ଡକୁଣ୍ଡାଏ । ନିଜ ପାନ ଦୋକାନର ଚାକିରିକୁ ଲୁଚେଇବା ପାଇଁ ଇସ୍ତ୍ରୀଦାଗକୁ ନଖଗାରରେ ପୁନର୍ଜୀବିତ କରିବାକୁ ଚେଷ୍ଟାକରେ । ଗାଳ୍ପିକଂକ ବକ୍ତବ୍ୟ ହେଉଛି ସତେ ଯେପରି ଓଡ଼ିଆ ସାଧବପୁଅ ସାତୋଟି ଦ୍ୱୀପରୁ ବଣିଜ ସାରି ଗାଁକୁ ଫେରିଲେ । ଏଥିରେ ରହିଛି ଗାଳ୍ପିକଂକ ବ୍ୟଙ୍ଗାତ୍ମକ ମନୋଭାବ । ଏହାକୁ ବର୍ଣ୍ଣନା କରିବାକୁ ଯାଇ ଗାଳ୍ପିକ କହିଛନ୍ତି–

"ସାଧବପୁଅ ସାତୋଟି ଦ୍ୱୀପରୁ ବଣିଜ ସାରି
ଫେରୁଥିଲା । ତାମ୍ରଲିପ୍ତ ବନ୍ଦରରେ ମଙ୍ଗମୋଡ଼ି ମୋଡ଼ି
ସେ ବୋଇତ କୂଳରେ ଲଗେଇଲା । ବନ୍ଦରରେ
ଶହଶହ ଲୋକ ଅପେକ୍ଷା କରିଥିଲେ । ବୋହୂମାନେ
ଆଳତି ଧରି ସ୍ୱାମୀମାନଂକୁ ବନ୍ଦେଇଲେ । ଚତୁର୍ଦ୍ଦିଗରେ
ଉଚ୍ଚସ୍ୱରରେ ଶଙ୍ଖଧ୍ୱନି, ହୁଳହୁଳି ହର୍ଷରୋଳ ।"
(ସାଧବପୁଅ, ପ୍ରୌଢ଼ଭାବନା, ପୃଷ୍ଠା–୩୦)

ପରୀକ୍ଷିତକୁ ସାଧବପୁଅ ସହ ତୁଳନା କରାଯାଇଛି ଓ ତା ସହିତ ସାଂପ୍ରତିକ ଯୁବକମାନଂକର ଏହି ପ୍ରକାର ମନୋଭାବକୁ ବିଦ୍ରୁପ କରାଯାଇଛି । ସତେ ଯେପରି ପରୀକ୍ଷିତ ସାତୋଟି ଦ୍ୱୀପରୁ ବାଣିଜ୍ୟ କାରବାର ସାରି ବୋଇତରେ ପ୍ରତ୍ୟାବର୍ତ୍ତନ କରିଛି ଓ ଅପେକ୍ଷା କରିଛି କୁଳବଧୂମାନେ ତା'କୁ ପାଛୋଟିନେବେ । ଏଠାରେ ମଧ୍ୟ ପରୀକ୍ଷିତ

ଭାବିଛି ତା'କୁ ଗାଁଲୋକେ ସମ୍ମାନ ଜଣାଇବେ ଓ ଅଭିନଂଦନ ଜଣାଇ ଘରକୁ ନେଇଯିବେ । ମାତ୍ର ଗାଁଲୋକେ ତା'କୁ କେହି ନପଚାରିବାରୁ ସେ ମନଦୁଃଖ କରିବା ସହିତ ଭାବିଛି ଗାଁକୁ ଆସି ଭୁଲ୍‌କଲା । ତା'ର ଏହି ଦେଖାଣିଆ ହାବଭାବକୁ ଗାଁଲୋକେ ବୁଝିପାରିଛନ୍ତି । ପରୀକ୍ଷିତର ପ୍ରିୟ ବଂଧୁ ଗୌରହରି ତା'ର ଏହି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇ କହିଛି- "ସେ କ'ଣ ଭାବୁଥିଲା କେଜାଣି ? ତା' ପାଇଁ ତୋରଣ ସଜାହୋଇଥିବ । ହୁଳହୁଳି, ଫୁଲମାଳ ଓ ଚନ୍ଦନ ଅତର ଧରି ଆମେ ତା'କୁ ବରଡ଼ା ପତର ବିଞ୍ଚଣାରେ ବିଞ୍ଚିଥାନ୍ତୁ ?" (ସାଧବପୁଅ, ପ୍ରୌଢ଼ଭାବନା, ପୃଷ୍ଠା-୩୧)

ପରୀକ୍ଷିତ ଗାଁରେ ସହରର ଆଦବକାଇଦା ଦେଖେଇ ସବୁ ପଇସା ଖର୍ଚ୍ଚ କରିଦେଇଛି । ସେ ପୁଣି ଥରେ ଫେରିଯାଉଛି ତା' କର୍ମମୟ ଜୀବନ ଭିତରକୁ । ଯେଉଁଠି ସେ ପାନ ଭାଂଗିବ, ଗୁଆ ଭାଂଗିବ, ସିଗାରେଟ ବଢ଼ାଇଦେବ, ନିଆଁଲାଗି ଝୁଲୁଥିବା ନଡ଼ିଆକତା ରଶି ଆଡ଼କୁ ହାତ ଦେଖେଇ ଦେଉଥିବ ଏବଂ ପାନ ଡେଂଫରେ ଚୂନ ଲଗେଇ ବଢ଼େଇ ଦେଉଥିବ । କେତେବେଳେ ଲେବଂଚୁସ୍‌ଟିଏ, ଗୁଜୁରାତି କି ଅଳେଇଚ, ଗୁଆ କି ପାନିଆଟିଏ ସଂତର୍ପଣରେ ଧୋତିରେ ଗୁଂଜି ଦେଉଥିବ । ଏକ କିଲୋମିଟର ବାଟ ଚାଲିଚାଲିଯାଇ ଚଉକିଦାର ମଉସା ସାଂଗେ ତଳେ ସପ ମେଲେଇ ଶୋଇଯିବ ଏବଂ ଦିନଯାକର ରୋଜଗାରକୁ ସୁଟ୍‌କେଶ ଭିତରେ ସଂଚିଦେବ । ତା' ପରଦିନ ସକାଳ ଛଅଟାରେ ନିଦ ମଳିମଳି ଉଠି ପହଂଚିଯିବ ସେହି ପାନ ଦୋକାନରେ, ଯୋଉଠୁ ସେ ତିନିଶହ ଟଂକା ଦରମାପାଏ । ବାସ୍ତବିକ୍ ସଂପ୍ରତି ସମୟ ବଦଳିଯାଇଛି । ଗାଁ ଛାଡ଼ି, ଗାଁର ଅର୍ଥ ରୋଜଗାରକୁ ଘୃଣାକରି ଅନେକ ଓଡ଼ିଆ ଯୁବକ ଏବେ ଚାକିରି ଆଳରେ ବଡ଼ବଡ଼ ସହରରେ ଚାକର ହେବାକୁ ମଧ୍ୟ ପ୍ରସ୍ତୁତ । କଲିକତା ପରି ବଡ଼ବଡ଼ ସହରକୁ ଯାଇ କିଏ ପରୀକ୍ଷିତ ପରି ପାନ ଦୋକାନରେ ନିଜର ଗୁଜୁରାଣ ମେଣ୍ଟାଏ ତ କିଏ ତା' ମଝିଆଁ ଭାଇ ପରି ପାଇଖାନା କଂପାନୀରେ କାମକରି ପେଟପୋଷେ । ମାତ୍ର ଗାଁରେ ଇଜ୍ଜତ ଓ ସମ୍ମାନର ସହ ବଂଚିବାକୁ ପସଂଦ କରଂତି ନାହିଁ । ଦୁଇ ତିନି ଶହ ଟଂକା ଦରମାରେ କଲିକତାରେ ଦୁଃଖ ଦୁର୍ଦ୍ଦଶାରେ ଅତ୍ୟନ୍ତ କଷ୍ଟକର ଜୀବନ ବିତଉଥିବା ଏହି ଯୁବକମାନେ ଗାଁକୁ ଫେରି ସାହେବୀ ଢ଼ଂଗ ଦେଖାନ୍ତି । ବାଣିଜ୍ୟର ସମୟ ପରିବର୍ତ୍ତେ ଆସିଯାଇଛି ଦାସତ୍ୱର ସମୟ । ଉତ୍କଳର ବହୁ ପ୍ରାଚୀନ ଓ ସମୃଦ୍ଧ ବାଣିଜ୍ୟ ପରଂପରା ଏହିପରି ଯୁବକମାନଂକ ଦ୍ୱାରା ହୋଇଛି ଭୂଲୁଂଠିତ । ଏହି ମହାନ୍ ପରଂପରାକୁ ବିକୃତ କରିବା

ସହିତ ହୀନମନ୍ୟତାର ଶିକାର ହେଉଥିବା ଏହି ଯୁବକମାନଂକର ଦୁରବସ୍ଥା ସଂପର୍କରେ ବର୍ଣ୍ଣନା କରିବା ପାଇଁ ଗାଳ୍ପିକ ଏକ ବ୍ୟଙ୍ଗାତ୍ମକ କବିତାର ଅବତାରଣା କରିଛନ୍ତି ।

"ଓଡ଼ିଆ ସାଧବପୁଅ ଘରେ ବସେ ନାଇଁ । କଥାରେ
ଅଛି-ବାଣିଜ୍ୟେ ବସତେ ଲକ୍ଷ୍ମୀ । ଓଡ଼ିଆ ସାଧବପୁଅ
ପୁଣିଥରେ ସିଲ୍କ, ବାଉଁଶନଳ ଲୁଗା, ହୀରା-ନୀଳା-
ମୋତି-ମାଣିକ୍ୟ ବୋଇତରେ ବୋଝେଇ ପୋତ
ମେଲିଦେବ ସାତ ସମୁଦ୍ର ତେର ନଈ ଆର ପରିକୁ ।"
(ସାଧବପୁଅ, ପ୍ରୌଢ଼ଭାବନା, ପୃଷ୍ଠା-୩୫)

ସେହିପରି ଧର୍ମପଦ ଏକ କିଂବଦଂତୀୟ ଚରିତ୍ର । ଯିଏକି କୋଣାର୍କ ମଂଦିରର ମୁଂଡି ମାରିପାରିଥିଲା । ମାତ୍ର 'ଧର୍ମପଦ' ଗଳ୍ପରେ ଧର୍ମପଦ ନିଜ ପରିବାରକୁ ମଧ୍ୟ ଠିକ୍‌ଭାବେ ଗଢ଼ିପାରିଲା ନାହିଁ । ଗାଁର ସବୁଠାରୁ ଡରୁଆ ଓ ଲାଜକୁଳା ପିଲା ଧର୍ମପଦ । ଏକ ଗରିବ ବଢ଼େଇ କୁଳରେ ଜନ୍ମ ହୋଇଥିବାରୁ ବେଶୀ ପାଠ ପଢ଼ିବାକୁ ପାଇନାହିଁ । 'ସାଧବପୁଅ' ଗଳ୍ପ ପରି ଏଠାରେ ମଧ ଦେଖାଦେଇଛି ଗାଁଲୋକଂକ ନିକୃଷ୍ଟ ମାନସିକତା । ଗାଁରେ ଚାଷବାସ କରି କିଂବା ଦୋକାନ କରି ପେଟ ପୋଷିବା ଅପେକ୍ଷା ଏମାନେ ସହରରେ କାହା ପାନ ଦୋକାନରେ ଦିନରାତି ପରିଶ୍ରମ କରିବା ଏବଂ ମେହଂତର କାମ କରିବାକୁ ପସଂଦ କରନ୍ତି । ଉକ୍ତ ଗଳ୍ପରେ ଧର୍ମପଦର ବାପା ବୋଉ ମଧ୍ୟ ତା'କୁ ବାରଂବାର ଘରଛାଡ଼ି ବାହାରକୁ ଯିବାକୁ ବାଧ୍ୟ କରିବା ସହ ତା'କୁ ବିଭିନ୍ନ ପ୍ରକାର କଟୁ କଥା ମଧ୍ୟ କହିଛନ୍ତି । କାରଣ ସେ ଘରୁ ଗୋଡ଼ କାଢ଼ିଲେ ଯଦି ତା' ଭାଗ୍ୟରେ ଥାଏ ତା'ହେଲେ ବଡ଼ଲୋକ ହୋଇପାରିବ । ଶ୍ୱାସରୁଦ୍ଧ ହୋଇଯାଉଛି ଧର୍ମପଦ । ମାଟିର ମୋହ ତୁଟାଇ ପାରୁନାହିଁ । ସେ ଗାଁ ଦାଣ୍ଡରେ ଦୌଡୁଛି । କାହିଁକି କେହି ତା'କୁ ଚାହୁଁନାହାନ୍ତି ଏହି ଗାଁରେ । ତା'ର ନିଜର ପରିବାର, ଗାଁଲୋକେ ଓ ସର୍ବଶେଷରେ ଗାଁମାଟିର ମିଳିତ ଯୋଜନାରେ ଅଣନିଶ୍ୱାସୀ ହୋଇ କହିଛି, "କାହିଁକି ମୋତେ ଗୋଡ଼େଇ ପକଉଛି ଏ ମାଟି ? ମୁଠାଏ ଖାଇବାକୁ କାହିଁକି ଦେଇପାରିବ ନାହିଁ । ମୁଁ ଭିକ ତ ମାଗୁନାହିଁ, ଖଟିବି, ଖାଇବି, କାହିଁକି ତଡ଼ି ପକଉଛି ମୋତେ ? ଦୁଧ ଘିଅ ତ ମାଗୁନାହିଁ, ତୁଳାଶେଯ, ରାଜପ୍ରାସାଦ ତ ମାଗୁନାହିଁ, ମୋର ହକ୍ ମୂଲ କାହିଁକି ଦେବୁନାହିଁ ।" (ଧର୍ମପଦ, ପ୍ରୌଢ଼ଭାବନା, ପୃଷ୍ଠା-୮୨)

ରାଉରକେଲା ଯିବା ପାଇଁ ସେ ବାରଂବାର ବସଷ୍ଟାଣ୍ଡରୁ ଫେରିଛି ଓ ଗାଁଲୋକମାନଂକ ଦ୍ୱାରା ଅପଦସ୍ତ ମଧ୍ୟ ହୋଇଛି । ମାତ୍ର ସାହସ ସଂଚୟ କରି ରାଉରକେଲା ଚାଲିଯିବା ପରେ ପ୍ରଥମେ ସେ ଗୋଟିଏ କଣ୍ଟ୍ରାକ୍ଟର ପାଖେ କାଠକାମର ହେଲ୍ପର ହେଲା, ତା'ପରେ ପିଅନ ଓ ପରିଶେଷରେ ନିଜର ବୁଦ୍ଧିବଳରେ ଷ୍ଟିଲ୍‌ପ୍ଲାଣ୍ଟ ଟ୍ରେଡ୍ ଇଉନିୟନର ସଭାପତି ହୋଇପାରିଲା । ଏଠାରେ ତା' ସ୍ତ୍ରୀ ପିଲାଛୁଆ ସମେତ ବିଳାସବ୍ୟସନରେ ଜୀବନ ଅତିବାହିତ କଲା । ମାତ୍ର ଅର୍ଥ ଓ ପ୍ରତିପତ୍ତିର ପ୍ରାଚୁର୍ଯ୍ୟରେ ବୁଡ଼ିରହି ସେ ଭୁଲିଗଲା ତା ବାପା, ମା' ଓ ଆତ୍ମୀୟସ୍ୱଜନଂକୁ । ବାପା ଓ ଭାଇର ମୃତ୍ୟୁରେ କେବଳ ଶୁଦ୍ଧିକ୍ରିୟା ପାଇଁ ଟଂକା ପଠେଇଦେଇ ଚୁପ୍‌ରହିଲା । ତା'ର ପରିବାର ରୂପକ ମଂଦିର ସେହିପରି ରହିଗଲା ଚୂଡ଼ାହୀନ ଭାବେ । ଏଠାରେ ଧର୍ମପଦ ହୋଇଗଲା ଆମ ସଭ୍ୟତା, ସଂସ୍କୃତିରୁ ବିଚ୍ୟୁତ ଏକ ମଣିଷ । ଯିଏକି ପ୍ରଥମେ ମା' ଓ ମାଟିର ମୋହକୁ ତୁଟାଇ ପାରୁନଥିଲା, ପରେପରେ ସହରୀ ଚାଲିଚଳଣି, ଅର୍ଥ ଓ ପ୍ରତିଷ୍ଠା ପାଇଁ ସବୁକିଛିକୁ ତୁଚ୍ଛ କରିପାରିଲା ।

ଓଡ଼ିଶାର ଜନସଂସ୍କୃତି ଅର୍ଥାତ୍ ଜଗନ୍ନାଥ ସଂସ୍କୃତିର ସଂକଟ ଓ ଅଧଃପତନକୁ ଗାଳ୍ପିକ 'ପୁରୀ' ଗଳ୍ପରେ ଦର୍ଶାଇଛନ୍ତି । ଜଣେ ସମୟ ସଚେତନ ଗାଳ୍ପିକ ହିସାବରେ ସେ ମର୍ମେମର୍ମେ ଅନୁଭବିଛନ୍ତି ଆମ ସଂସ୍କୃତିର ଅବକ୍ଷୟକୁ । ଏହି ଗଳ୍ପରେ ପ୍ରେମିକ-ପ୍ରେମିକା ଦ୍ୱୟ ସାମାଜିକ ସ୍ୱୀକୃତି ନମିଳିବାରୁ ପୁରୀ ମଂଦିରରେ ବାହାହେବା ପାଇଁ ଠିକ୍ କରିଛନ୍ତି । ହୋଟେଲରେ ଏକ ଶସ୍ତା ରୁମ୍ ନେଇସାରି ସମୁଦ୍ର କୂଳରେ ବୁଲିବା ସମୟରେ ଜରଦ୍‌ଗବ ପରି ଦିଶୁଥିବା କଦଳୀ ଦୋକାନୀ, ଶିପ ତିଆରି ହରିଣ ହରିଣୀ ବିକୁଥିବା ପିଲା, ମିଠେଇ ଦୋକାନୀ ଏପରିକି ଜଣେ ପଣ୍ଡା ମଧ୍ୟ ସେମାନଂକୁ ଠକେଇବା ଉଦ୍ଦେଶ୍ୟରେ ବିଦେଶୀ ଭାଷାରେ ତାଂକ ସହ କଥାହେଲେ । ଏଥିରେ ପୁଅଟି ବିରକ୍ତି ଓ ଅଶ୍ୱସ୍ତି ଅନୁଭବ କଲା ଓ ଅସ୍ତବ୍ୟସ୍ତ ହେଲା । "ମୁଁ ବିଦେଶୀ ନୁହେଁ ! ମୁଁ ମାଟି ଖୋଜୁଛି ମାଟି । ମୋତେ ମାଟି କାହିଁକି ମନା କରିଦେଉଛ ?" (ପୁରୀ, ପ୍ରୌଢ଼ଭାବନା, ପୃଷ୍ଠା-୯୮) ପୁରୀ ପରି ପବିତ୍ର ସ୍ଥାନରେ ମଶାପରି ଧର୍ମଯାଜକମାନେ । ଧର୍ମଯାଜକମାନଂକର ଏହି ରାଜପଥରେ ମଣିଷ କେବଳ ଯଥେଷ୍ଟ ପରିଚୟ ନୁହେଁ । ମଣିଷମାନଂକୁ ଏଠି କାଟିକୁଟି ଶ୍ରେଣୀଭୁକ୍ତ କରାଯାଏ, ଗୋଷ୍ଠୀରେ ବିଭକ୍ତ କରାଯାଏ । ଯଦ୍ୱାରା ସେମାନଂକୁ ଚିହ୍ନିବାର ଛଳନା କରାଯାଇପାରିବ । ଧର୍ମଯାଜକମାନଂକର ବାରଂବାର ପ୍ରଶ୍ନବାଣରେ ଉତ୍‌କ୍ଷିପ୍ତ ହୋଇ

ପୁଅଟି କହିଛି, "ଏଠି କେହି ମଣିଷ ନାହିଁ । ଏଠି ଖାଲି ବ୍ରାହ୍ମଣ ଓ କରଣ, ବଂଗାଳୀ ଓ ବିଦର୍ଭୀ, ତେଲୁଗୁ ଓ ତାମିଲ, ମରାଠୀ ଓ ମାରୱାଡ଼ି । କାପୁ ଓ କାଶ୍ମିରୀ ।" (ପୁରୀ, ପ୍ରୌଢ଼ଭାବନା, ପୃଷ୍ଠା-୯୯) ଧର୍ମଯାଜକମାନେ ତା'କୁ ଘେରିଯାଉଛନ୍ତି । କେଉଁଠି ଜୋତା ରଖିବେ, ଭେଟି ଦେବେ, ଭୋଗ ନେବେ ଓ କାହାକୁ ନମସ୍କାର କରିବେ ଏସବୁକୁ ନେଇ ଅନବରତ ପ୍ରଳାପ କରିଚାଲିଛନ୍ତି । ଏମାନଂକ ଦୌରାତ୍ମ୍ୟ ଓ ଅତ୍ୟାଚାରରେ ପେଷିହୋଇ ଝିଅଟି ବଡ଼ଦାଣ୍ଡରେ ନଟରାଜ ନୃତ୍ୟ ଆରଂଭ କଲା । "ମୁଁ ମଣିଷ, ମୁଁ ମଣିଷ, ମୋତେ ଚାପିଦିଅ ନାହିଁ । ମଣିଷ ଉପଯୋଗୀ ସ୍ୱାଧୀନତା ହିଁ ମାଗୁଛି । କାହାରି ଦୟାତ ମାଗୁନାହିଁ ! ଅବା ଅନୁକଂପା ! ହକ ଅଧିକାର ମାଗୁଛି ।" (ପୁରୀ, ପ୍ରୌଢ଼ଭାବନା, ପୃଷ୍ଠା-୧୦୦) ଏମାନଂକ ବ୍ୟତୀତ ଧର୍ମଯାଜକମାନେ କେଉଁ ତୀର୍ଥଯାତ୍ରୀକୁ ଅଶ୍ଳୀଳ ଗାଳି କରୁଛନ୍ତି, କାହାର ଗାଞ୍ଜିଆ ଓ କଛା ଟାଣି ନେଉଛନ୍ତି ଓ କେଉଁ ବୁଢ଼ୀକୁ ପିଚକାରି ମାରୁଛନ୍ତି । ଜଗନ୍ନାଥ ଦର୍ଶନାର୍ଥେ ଆସିଥିବା ବୁଢ଼ୀଟି ଭାବିଛି, ସବୁବେଳେ ଭଗବାନଂକ ପାଖେ ପହଞ୍ଚିବାର ରାସ୍ତା କଂଟକିତ ଓ ଧର୍ମଯାଜକମାନେ ଗୋଟେଗୋଟେ କଣ୍ଟା । ପରିଶେଷରେ ଜଗନ୍ନାଥ ମଂଦିରରେ ହେଉଥିବା ଅନ୍ୟାୟ ଅନୀତି ଓ ବ୍ରାହ୍ମଣମାନଂକର ଦୌରାତ୍ମ୍ୟରେ ନୟାନ୍ତ ହୋଇ ପୁଅ-ଝିଅ ଦୁଇଜଣ ସମୁଦ୍ର କୂଳରେ ବାହାହୋଇପଡ଼ିଲେ ।

ଓଡ଼ିଶାର ସଭ୍ୟତା ଓ ସଂସ୍କୃତି ଆଜି ଏକ ବିବାଦୀୟ ମୋଡ଼ରେ ପହଂଚିଛି । ସମସ୍ତେ ଜାଣନ୍ତି ପୁରୀରେ ଜାତିନାହିଁ । ମାତ୍ର ଯେଉଁ ଆଦିବାସୀମାନେ ଜଗନ୍ନାଥଂକର ଆଦିପୂଜକ ଥିଲେ ସେମାନେ ଆଜି ଅଛୁଆଁ । ଧର୍ମଯାଜକମାନେ ଏଥିପାଇଁ ଦାୟୀ ହେଲେ ହେଁ ଏହାର ମୁଖ୍ୟ କାରଣ ଆମ ସମସ୍ତଂକର କାପୁରୁଷତା ଓ ପ୍ରତିବାଦହୀନ ବ୍ୟକ୍ତିତ୍ୱ । ସଂପ୍ରତି ଓଡ଼ିଶାରେ ବା ପୁରୀରେ ଦେଖାଦେଇଛି ପଣ୍ଡା ସଂସ୍କୃତିର ପ୍ରାଦୁର୍ଭାବ । ଏହା ଓଡ଼ିଶାର ଜନ ସଂସ୍କୃତି ହୋଇ ରହିନାହିଁ; ଏହା ହୋଇଯାଇଛି ଶାସକ ବର୍ଗର ସଂସ୍କୃତି । ଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଆରାଧ୍ୟ ଦେବତା ଓ ଜଗନ୍ନାଥ ସଂସ୍କୃତି ହେଉଛି ଉତ୍କଳୀୟ ସଂସ୍କୃତିର ପ୍ରତୀକ । ତାହା ଆଜି ଏହି ମୁଷ୍ଟିମେୟ ବ୍ରାହ୍ମଣମାନଂକ ହାତରେ । ସାରା ବିଶ୍ୱରୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନେ ଏମାନଂକର ଠକାମି, ଭଂଡାମି ଓ ଦୌରାତ୍ମ୍ୟର ଶିକାର ହେଉଛନ୍ତି । ଜଗନ୍ନାଥଂକ ଦ୍ୱାହିଦେଇ ଏମାନେ ବିଭିନ୍ନ ଉପାୟରେ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣରେ ଲିପ୍ତ ରହୁଛନ୍ତି । ଆମ ସଂସ୍କୃତିରେ ଦେଖାଦେଇଥିବା ଏପରି ଧର୍ମଗତ ସଂକଟକୁ ଗାଳ୍ପିକ ଡଃ ପଣ୍ଡା ଅନୁଭବ କରିଛନ୍ତି । ସେଥିପାଇଁ 'ପୁରୀ'

ଗଳ୍ପରେ ପ୍ରେମିକ-ପ୍ରେମିକା ଦ୍ୱୟଙ୍କୁ ଉପଜୀବ୍ୟ କରି ସେ ପୁରୀରେ ଧର୍ମଯାଜକ ବା ପଣ୍ଡାମାନଂକର ଉପଦ୍ରବ ଓ ସେମାନଂକ ଦ୍ୱାରା କିପରି ନିରୀହ ଧର୍ମପରାୟଣ ଲୋକମାନେ ଅତ୍ୟାଚାରିତ ତାହା ଦର୍ଶାଇଛନ୍ତି । ଯାହାଫଳରେ ଓଡ଼ିଶା ଓ ବାହାରର ଗରିବ ଓ ନୀଚଜାତିର ଲୋକେ ଓଡ଼ିଶାକୁ ଓ ଜଗନ୍ନାଥଂକୁ ସମାଲୋଚନା କରିବା ସହିତ ଜଗନ୍ନାଥ ଧାମକୁ ଆସିବାକୁ ଭୟ କରୁଛନ୍ତି । ଗାଳ୍ପିକ ଉକ୍ତ ଗଳ୍ପ ମାଧ୍ୟମରେ ଚେତେଇ ଦେଇଛନ୍ତି ଯେ, ଯଦି ବ୍ରାହ୍ମଣମାନଂକର ନୀଚ ମାନସିକତା ଓ ଦୌରାତ୍ମ୍ୟ ଜଗନ୍ନାଥ ସଂସ୍କୃତିକୁ ଏହିପରି ଗ୍ରାସ କରି ରଖିବ ତାହେଲେ ଧିରେଧିରେ ଲୋପପାଇଯିବ ଆମର ପ୍ରାଚୀନ ଉତ୍କଳୀୟ ସଂସ୍କୃତିର ଐତିହ୍ୟ ଓ ମୂଲ୍ୟବୋଧ ।

ଡଃ ହୃଷୀକେଶ ପଣ୍ଡା ଜଣେ ସମାଜ ସଚେତକ ଗାଳ୍ପିକ । ଜଣେ ଦକ୍ଷ ପ୍ରଶାସକ ହିସାବରେ ସମାଜ ପାଇଁ ସେ ଯେତିକି କାର୍ଯ୍ୟ କରନ୍ତି ଠିକ୍ ସେହିପରି ଜଣେ ସୁନାଗରିକ ହିସାବରେ ଓଡ଼ିଶାର ସଭ୍ୟତା ଓ ସଂସ୍କୃତି ପାଇଁ ମଧ୍ୟ ଚିନ୍ତା କରନ୍ତି । ଯାହାର ପ୍ରତିଫଳନ ଆମେ ଏହି ଗଳ୍ପଗୁଡ଼ିକରେ ଦେଖିବାକୁ ପାଉ । 'ପୁରୀ' ଗଳ୍ପରେ ଯେମିତି ପ୍ରାଚୀନ ଉତ୍କଳୀୟ ସଂସ୍କୃତିର ଅଧଃପତନ ପରିଲକ୍ଷିତ, ଠିକ୍ ସେମିତି ପରୀକ୍ଷିତ ଚରିତ୍ର ମାଧ୍ୟମରେ ଓଡ଼ିଶାର ମହାନ ବାଣିଜ୍ୟିକ ପରଂପରାର ଅବକ୍ଷୟ ଅଭିବ୍ୟକ୍ତ । ଦିନଥିଲା ସାଧବପୁଅମାନେ ସାତ ସମୁଦ୍ର ତେର ନଈ ପାରିହୋଇ ବିଭିନ୍ନ ଦ୍ୱୀପକୁ ବାଣିଜ୍ୟ କରିବା ପାଇଁ ଯାଉଥିଲେ । ଏଥିରେ ନିହିତ ଥିଲା ସେମାନଂକର କଠିନ ପରିଶ୍ରମ ଓ ଉତ୍କଳୀୟମାନଂକର ପ୍ରଚ୍ଛନ୍ନ ପ୍ରେରଣା; ମାତ୍ର ସଂପ୍ରତି ଯୁବ ସଂପ୍ରଦାୟ ପାଖରେ ଦେଖାଦେଇଛି ନିଷ୍ଠା, ଏକାଗ୍ରତାର ଅଭାବ ଓ ହୀନମନ୍ୟତା । ଅର୍ଥ ଉପାର୍ଜନ ପାଇଁ ଏମାନେ ଅନ୍ୟ ପାଖରେ ଗୋଲାମ ରହିବାକୁ ମଧ୍ୟ ପ୍ରସ୍ତୁତ । ଓଡ଼ିଶାର ଅତୀତ ଐତିହ୍ୟକୁ ଭୁଲିଯାଉଛି ଆଜିର ଯୁବପୀଢ଼ି । ବାପାର ଅପୂର୍ଣ୍ଣ କାମକୁ ପୂର୍ଣ୍ଣ କରିବାକୁ ଓ ବାପାର ସାମ୍ମାନ ଓ ବଢ଼େଇ କୁଳର ସମ୍ମାନ ଅକ୍ଷୁଣ୍ଣ ରଖିବାକୁ ବାରବର୍ଷର ଧର୍ମପଦ ନିଜର ନିଷ୍ଠା ବଳରେ କୋଣାର୍କ ମଂଦିରକୁ ସଂପୂର୍ଣ୍ଣ କରିପାରିଲା, ମାତ୍ର 'ଧର୍ମପଦ' ଗଳ୍ପରେ ପରୀକ୍ଷିତ ଯେତେବେଳେ ପ୍ରତିଷ୍ଠିତ ହୋଇଗଲା ସେତେବେଳେ ବାପା-ବୋଉ ଓ ପରିବାରକୁ ତୁଚ୍ଛ କରିଦେଲା । ବାରଶହ ବଢ଼େଇର ମୃତ୍ୟୁରେ ସେ ଆଉ ବ୍ୟଥିତ ନୁହେଁ, ସେ ଚିନ୍ତା କରିଛି ନିଜକଥା, ନିଜ ସ୍ତ୍ରୀ ଓ ପିଲାଛୁଆଂକ କଥା । ସେଥିପାଇଁ ବାପା ଓ ଭାଇର ମୃତ୍ୟୁରେ ମଧ୍ୟ ସେ ମ୍ରିୟମାଣ ନହୋଇ ବରଂ ଆଶ୍ୱସ୍ତି ଲାଭ କରିଛି ଓ ତୁଟେଇ ଦେଇଛି ସମସ୍ତ

ସଂପର୍କ ନିଜ ପରିବାର ସହ । ଏହିପରି ଆମମାନଂକର ହୀନ ମାନସିକତା ପାଇଁ ଆଜି ଆମର ପ୍ରାଚୀନ ସଭ୍ୟତା, ସଂସ୍କୃତି ଓ କିଂବଦଂତୀ ବିସ୍ମୃତ ଓ ବିଲୁପ୍ତ ପ୍ରାୟ । ଏହି ଗଳ୍ପଗୁଡ଼ିକ ମାଧ୍ୟମରେ ସେ ବିଷୟରେ ଚିନ୍ତା କରିବା ପାଇଁ ଖୋରାକ ଯୋଗାଇଛନ୍ତି ଗାଳ୍ପିକ । ଆମ ସମସ୍ତଙ୍କୁ ସୁପ୍ତଭାବ ଛାଡ଼ି ଜାଗ୍ରତ ହେବାକୁ ପଡ଼ିବ ଯାହାଫଳରେ ଆମର ସାଂସ୍କୃତିକ ପୀଠସ୍ଥଳୀ ଜଗନ୍ନାଥ ମଂଦିରର ବିଶୃଂଖଳା ଦୂରହେବା ସହିତ ପ୍ରଚୀନ ଉତ୍କଳୀୟ ସଂସ୍କୃତିର ପୁନଃପ୍ରତିଷ୍ଠା ହୋଇପାରିବ ।

**(୨) ନାରୀ ମନସ୍ତତ୍ତ୍ୱମୂଳକ ଗଳ୍ପ:-**

ସଂପ୍ରତି ବିଶ୍ୱରେ ଦେଖାଦେଇଛି ବିଭିନ୍ନ ପ୍ରକାର ପରିବର୍ତ୍ତନ । ଏହା ସହିତ ପରିବର୍ତ୍ତନ ହେଉଛି ନାରୀର ସାମାଜିକ ଓ ମାନସିକ ସ୍ତର । ବର୍ତ୍ତମାନର ନାରୀ ଆଉ ଆଗପରି ଘରକୋଣରେ ଓଢ଼ଣା ଟାଣି ବସିନାହିଁ, ସେ ତା' ଜୀବନର ପ୍ରତ୍ୟେକ ପଦକ୍ଷେପରେ ପୁରୁଷ ସହ ସମକକ୍ଷ ଏବଂ ଆଗକୁ ଯିବାକୁ ମଧ୍ୟ ପ୍ରସ୍ତୁତ । ସେ ସୀତା ଓ ସାବିତ୍ରୀ ପରି କେବଳ ପ୍ରାତିବ୍ରତ୍ୟରେ ସୀମିତ ନରହି ନିଜ ଜୀବନ ଅନ୍ୱେଷାରେ ବ୍ରତୀ । ଅତ୍ୟାଧୁନିକ ଜ୍ଞାନ କୌଶଳ ଯୁଗରେ ସାମିଲ ହେବା ସହିତ ନିଜର କର୍ମମୟ ଜୀବନ ଓ ଅର୍ଥ ଉପାର୍ଜନ ପନ୍ଥାକୁ ସେ ଆଦରି ନେଇସାରିଛି । ମାତ୍ର ସାରା ବିଶ୍ୱକୁ ନିଜ ହାତମୁଠାରେ ରଖିବାକୁ ସକ୍ଷମ ହୋଇଥିଲେ ହେଁ ତା' ପାଖରେ ପରିଲକ୍ଷିତ ହୋଇଛି ମାନସିକ ବିଶୃଂଖଳା । ଅର୍ଥ, ପ୍ରତିପତ୍ତି ଓ ବିଳାସବ୍ୟସନରେ ରହିବା ସତ୍ତ୍ୱେ ସେ ହୋଇଯାଉଛି ଏକାକୀ ଓ ଅସହାୟ । କେମିତି ଏକ ମାନସିକ ଅଭାବ, ନିଃସଂଗତା ଅନୁଭବ କରୁଛି ସେ । ଏକ ଖାଁ ଖାଁ ଶୂନ୍ୟତା ତା' ପଶ୍ଚାତ୍‌ଧାବନ କରୁଛି । ନାରୀ ମନର ଏହି ନିଃସଂଗତାକୁ ଭିତ୍ତିକରି ଗାଳ୍ପିକ ରଚନା କରିଛନ୍ତି 'ଜିନିଆଫୁଲ, ବନ୍ଦ କବାଟ ଓ ଭଂଗା ପିପେଟରେ ସୂର୍ଯ୍ୟାଲୋକ', 'ରେବତୀ', 'ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ', 'ପରୀ' ଓ 'ବୈକୁଣ୍ଠ ସମାନ ଅଟେ ଇତ୍ୟାଦି' ପରି ଗଳ୍ପ । ଏହି ଗଳ୍ପଗୁଡ଼ିକରେ ସାଂପ୍ରତିକ ନାରୀର ପାରିବାରିକ ବିଶୃଂଖଳା, ସବୁକିଛି ଥାଇ ବି ଯୌବନର ଅନ୍ତିମ ପର୍ଯ୍ୟାୟରେ ମଧ୍ୟ କାହାରିକୁ ବାହୁରେ ଆଲିଂଗନ କରିନପାରିବାର ମୁହୂର୍ତ୍ତ ଓ ବିବାହ ପରେ ମଧ୍ୟ ପୁରୁଣା ପ୍ରେମିକର ସ୍ମୃତିରେ ପୁଲକିତ ହେବା ପରି ମାନସିକ ଦ୍ୱନ୍ଦ୍ୱକୁ ଗାଳ୍ପିକ ବର୍ଣ୍ଣନା କରିଛନ୍ତି ।

ସାହିତ୍ୟରେ ଦେଖାଦେଉଥିବା ବିଭିନ୍ନ ଚେତନା ମଧ୍ୟରୁ ଏକ ବଳିଷ୍ଠ ଚେତନା ହେଉଛି ନିଃସଂଗ ଚେତନା । ବିଶ୍ୱ ସାହିତ୍ୟରେ ମଧ୍ୟ ଏହାର ବହୁଳ ପ୍ରଭାବ ପରିଲକ୍ଷିତ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେପରେ ସାରା ବିଶ୍ୱରେ ଓ ମଣିଷ ଜୀବନରେ ଦେଖାଦେଇଥିବା ବୈପ୍ଲବିକ ପରିବର୍ତ୍ତନ ସାହିତ୍ୟକୁ ଅନେକାଂଶରେ କରିଛି ପ୍ରଭାବିତ । ଓଡ଼ିଆ ସାହିତ୍ୟରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳେ । ସେଥିପାଇଁ ସାହିତ୍ୟିକମାନେ ସାହିତ୍ୟ ଭିତରେ ସ୍ୱପ୍ନଭଂଗ, ଅଭାବବୋଧ, ମୋହଭଂଗ, ଅସହାୟତା, ଏକାକୀତ୍ୱବୋଧ ଓ ନିଃସଂଗତାକୁ ପରିପ୍ରକାଶ କରୁଛନ୍ତି । ଏହି ଧାରାରେ ସାମିଲ ହୋଇ ହୃଷୀକେଶ ପଣ୍ଡା ମଧ୍ୟ ତାଂକ ଗଳ୍ପରେ ସମସାମୟିକ ସମସ୍ୟା ସହ ଅସହାୟତା ଓ ନିଃସଂଗତାକୁ ଗୁରୁତ୍ୱ ଦେଇଛନ୍ତି । ଆଲୋଚ୍ୟ ଗଳ୍ପଗୁଡ଼ିକରେ ମାଳତୀ, ପ୍ରଜ୍ଞା, ରେବତୀ ଓ ମୋହିନୀ ନିଜ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ କିଛିଗୋଟେ ଖୋଜିବାର ବ୍ୟସ୍ତ ରହୁଛନ୍ତି, ମାତ୍ର ଏହି ଅନ୍ୱେଷାର ଶେଷନାହିଁ । ସେମାନଂକ ସ୍ୱପ୍ନଭଂଗ ହେଉଛି, ସେଥିପାଇଁ ସେମାନେ ଆହୁରି ହତାଶ ଓ ନିରାଶ ହେବା ସହିତ ଏକାକୀତ୍ୱ ଅନୁଭବ କରୁଛନ୍ତି ।

ପ୍ରତ୍ୟେକ ନାରୀର ଅଭିଳାଷ ଥାଏ ବିବାହ କରିବା ଓ ପିଲାଛୁଆ ସହିତ ପରିପୂର୍ଣ୍ଣ ଜୀବନ ଅତିବାହିତ କରିବା । କିନ୍ତୁ 'ଜିନିଆଫୁଲ, ବନ୍ଦ କବାଟ ଓ ଭଂଗା ପିପେଟରେ ସୂର୍ଯ୍ୟାଲୋକ' ଓ 'ବୈକୁଣ୍ଠ ସମାନ ଅଟେ ଇତ୍ୟାଦି' ଗଳ୍ପର ମୋହିନୀ ଓ ପ୍ରଜ୍ଞା ବିବାହ ପରେ ମଧ୍ୟ ସ୍ୱାମୀ ସହ ଅଂତରଂଗ ହୋଇପାରିନାହାନ୍ତି । ସ୍ୱାମୀ-ସ୍ତ୍ରୀର ସଂପର୍କ ନିବିଡ଼ ହୋଇପାରୁନାହିଁ । ଅନେକ କାରଣ ଏଥିରେ ଫାଟ ସୃଷ୍ଟି କରୁଛି । ପରିସ୍ଥିତିରେ ପଡ଼ି ଏମାନେ ବିବାହ କରିଥିଲେ ହେଁ ସେମାନଂକ ବୈବାହିକ ଜୀବନର ପ୍ରଣୟରେ କୌଣସି ଉଷ୍ମତା ନାହିଁ । ଆବଶ୍ୟକତା ଅନୁଯାୟୀ ମୋହିନୀ ଗୋଟିଏ ପିଲା ଓ ପ୍ରଜ୍ଞା ଦୁଇଟି ପିଲାର ମା' ହେଲେ ହେଁ ସ୍ୱାମୀଂକ ପ୍ରତି ଏମାନଂକର ଆଗ୍ରହ ନାହିଁ, ନାହିଁ କୌଣସି ଆକର୍ଷଣ । ଶିଥିଳତା କାବୁ କରିଛି ତାଂକ ଦାଂପତ୍ୟ ଜୀବନକୁ । ସେଥିପାଇଁ 'ବୈକୁଣ୍ଠ ସମାନ ଅଟେ ଇତ୍ୟାଦି' ଗଳ୍ପରେ ପ୍ରଜ୍ଞା ବିବାହ ପରେ ପ୍ରଥମ ଥର ସ୍ୱାମୀର ସହରକୁ ଆସୁଥିବାରୁ ତା' ସ୍ୱାମୀ ନୃସିଂହ  ଖୁସିରେ ଆତ୍ମହରା ହୋଇଯାଇନାହିଁ କିମ୍ବା ତାକୁ ପାଛୋଟି ଆଣିବାକୁ ଷ୍ଟେସନ୍ ପର୍ଯ୍ୟନ୍ତ ଯାଇନାହିଁ । ବିବାହ ବଂଧନର ବେସୁରା ରାଗିଣୀ ପରିଲକ୍ଷିତ ହୋଇଛି ଏଠାରେ । ଗାଳ୍ପିକ ଲୁହଲହୁରେ ଭରପୁର ଓ ହୃଦୟର କୋହରେ ଦଗ୍ଧୀଭୂତ ମଣିଷକୁ ଚିହ୍ନେଇ ଦେଇଛନ୍ତି । ଏମାନଂକ ପାଖରେ ଫୁଲର ବାସ୍ନା,

ମଳୟ ପବନ, ଜ୍ୟୋତ୍ସ୍ନା ବିଧୌତ ରଜନୀର ମାନେ କିଛିନାହିଁ । ସେଥିପାଇଁ ପ୍ରଜ୍ଞା ପରି ଚରିତ୍ର ସ୍ୱାମୀଠାରୁ କେବେ ବି ପାଇନାହାନ୍ତି ଟିକିଏ ଭଲପାଇବା ଓ ଆପଣାର ଭାବ । ଏମିତି ଟିକିଏ ଆଦର ଖୋଜୁଖୋଜୁ ସେମାନଂକ ଜୀବନ ହୋଇଯାଏ ନିଛାଟିଆ ଓ ନିର୍ଜନ । ହେନା, ମଲ୍ଲୀ, ଗଂଗଶିଉଳୀ ଓ ବାସର ଶେଯର ସ୍ୱପ୍ନ ଦେଖୁଥିବା ପ୍ରଜ୍ଞାମାନେ ପ୍ରକୃତିସ୍ଥ ହୁଅନ୍ତି ସ୍ୱାମୀର ଦଉଡ଼ିଆ ଖଟ, ଲୁଚାକୋଚା ହୋଇ ଦଉଡ଼ିରୁ ବାଦୁଡ଼ି ପରି ଝୁଲୁଥିବା ଜାମା, ପ୍ୟାଣ୍ଟ, ଚଡ଼ି, ଗଞ୍ଜିର ଉତ୍କଟତା ଓ ଦୁଃସ୍ଥ ଅବସ୍ଥା ସହ ସାମ୍ନାସାମ୍ନି ହେବାପରେ । ତେଣୁ ସବୁ ଆଶା, ସ୍ୱପ୍ନ ମେଳେଇଯାଏ ଏହି ନିଷ୍ଠୁର ସତ୍ୟ ପାଖରେ । ସେ ଭାବେ- ‘‘କେମିତି କଟିବ ଦୁଃସହ ଜୀବନ ଏ ଗ୍ରାମୀଣ ଭଦ୍ରଲୋକଂକ ସାଂଗେ । ଏ ଘରେ ଯେଉଁଠି ମଉଜ ମଜ୍‌ଲିସ ଦୂରେଥାଉ, ଖାଲି ଦୁଃଖମାନେ କ୍ଲାନ୍ତ ହେବାପରି କାନ୍ଥ ସାରା ଡେରି ହୋଇଛନ୍ତି ବାସିନ୍ଦାମାନଂକୁ ଆପଣାର କରିନେବାକୁ ।’’ (ବୈକୁଣ୍ଠ ସମାନ ଅଟେ ଇତ୍ୟାଦି, ସାହାବଦେବତା, ପୃଷ୍ଠା-୯୪) ସ୍ୱାମୀଠାରୁ ଅନେକ କିଛି ଆଶା ରଖିଥିବା ଏହିପରି ନାରୀମାନେ ପାଇଥା’ନ୍ତି ବିଫଳ ଦାଂପତ୍ୟ ଜୀବନ ଓ ଆଶାଭଂଗର ଦୁଃଖ ।

ଏକ ନିଷ୍ଫଳ ସ୍ୱପ୍ନ ଓ ପ୍ରଣୟର କାହାଣୀ ହେଉଛି ‘ଜିନିଆଫୁଲ, ବନ୍ଦକବାଟ ଓ ଭଂଗା ପିପେଟ୍‌ରେ ସୂର୍ଯ୍ୟାଲୋକ’ ଗଳ୍ପ । ପରଂପରା ବିଚ୍ୟୁତ ଏକ ଆତ୍ମ ମନସ୍କ ଯୁବତୀ ମୋହିନୀର ବ୍ୟର୍ଥପ୍ରେମ ଓ ବୈବାହିକ ଜୀବନର ପରିଣତିକୁ ବର୍ଣ୍ଣନା କରାଯାଇଛି । ପରଂପରାରେ ବିଶ୍ୱାସ ରଖୁନଥିବା ଗଳ୍ପ ନାୟିକା ମୋହିନୀ ଜଣେ ଡାକ୍ତରାଣୀ ଥିଲା । ଉଚ୍ଚଶିକ୍ଷିତା ଓ ଆଧୁନିକ ମୂଲ୍ୟବୋଧରେ ଆଗ୍ରହୀ ମୋହିନୀର ବଂଧୁମାନେ ଥିଲେ କେବଳ ପୁରୁଷ । ଗାଳ୍ପିକଂକ ଭାଷାରେ- ‘‘ତା’ ସବୁଠୁ ଭଲ ବଂଧୁମାନଂକ ଭିତରେ ଜଣେ ସୌମ୍ୟଦର୍ଶନ ଗଣିତ ଅଧ୍ୟାପକ, ଜଣେ ମୋଟା ପଶୁଡାକ୍ତର, କୁଣ୍ଡା ଚୋକଡ଼ର ଜଣେ ବଡ଼ ପାଇକାରୀ ବ୍ୟବସାୟୀ, ନିଶ୍ଚେତକ ବିଭାଗର ଜଣେ ଅଧ୍ୟାପକ ଓ ଆର୍ମିର ଜଣେ କ୍ୟାପ୍‌ଟେନ୍ ଥିଲେ । ଅଥଚ ମେଡିକାଲ ପାଶ କରିବାର ଚାରିବର୍ଷ ପରେ ବି ସେ କାହାରି ପ୍ରେମରେ ପଡ଼ିଲା ନାହିଁ କି କେହି ତା’ ପ୍ରେମରେ ପଡ଼ିଲେ ନାହିଁ ।’’ (ଜିନିଆଫୁଲ, ବନ୍ଦକବାଟ ଓ ଭଂଗା ପିପେଟ୍‌ରେ ସୂର୍ଯ୍ୟାଲୋକ, ବାହାରେ ଛିଡ଼ା ହୋଇଥିବା ଲୋକ, ପୃଷ୍ଠା-୧) ଜିନିଆଫୁଲ ଓ ଭଂଗା ପିପେଟ୍‌ରେ ସୂର୍ଯ୍ୟାଲୋକର ସ୍ୱପ୍ନ ଦେଖିବାକୁ ଗାଁକୁ ଯିବା ରାସ୍ତାରେ ମୋହିନୀ ହଠାତ୍ ବସରୁ ଓହ୍ଲେଇପଡ଼ି ହିମାଚଳ ପ୍ରଦେଶରେ ରହୁଥିବା ଜଣେ ପୁରୁଷ ବଂଧୁଂକ ପାଖକୁ ଯିବାକୁ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ସିମେଣ୍ଟ ନଗରୀର

ସିମେଣ୍ଟ କର୍ମଚାରୀ ସଂଘର ସଭାପତି ଇନ୍ଦ୍ରଦ୍ୟୁମ୍ନ ସହ ତା'ର ସାକ୍ଷାତ ହେଲା । ତା'ପରେ ଦୁଇ ତିନୋଟି ଚିଠିର ଆଦାନ ପ୍ରଦାନ ପରେ ଦୁହେଁ ବିବାହ କରିଥିଲେ । ମାତ୍ର ଏ ବିବାହରେ ନଥିଲା ସ୍ନେହ ଓ ସୁହାଗ । ସେଥିପାଇଁ ପ୍ରଜ୍ଞା ପରି ମୋହିନୀକୁ ମଧ୍ୟ ତା'ର ସ୍ୱାମୀ ସ୍ୱାଗତ କରିନଥିଲେ । ଇନ୍ଦ୍ରଦ୍ୟୁମ୍ନର ଘରେ ପହଂଚିଲା ବେଳକୁ ମୋହିନୀକୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ ଅଗଣାର ତାରରେ ଝୁଲୁଥିବା ସିଗାରେଟ୍ ଝୁଲ ଲାଗି ଦି' ତିନି ଜାଗା ପୋଡ଼ିଯାଇଥିବା ଚିରା ଲୁଂଗିର ବିଭତ୍ସତା, ନାଳୁଆରେ ପଡ଼ିଥିବା ଓଦା ଚଡ଼ିର ଉତ୍କଟତା, ଟାଂଗରା ପାହାଡ଼ ଓ ଶୂନ୍ୟ ଆକାଶ । ସଂପର୍କ ପାଣିଚିଆ ହୋଇଯିବାରୁ ମୋହିନୀ ବହୁ ଚେଷ୍ଟାକରି ବଦଳି ହୋଇଯାଇଛି ଅନେକ ଦୂରକୁ ଏବଂ ବିବାହର ପାଞ୍ଚବର୍ଷ ପରେ ସେ ତା'ଠାରୁ ତିନି ବର୍ଷ ସାନ ଏକ ଅବିବାହିତ ଡାକ୍ତର ପ୍ରେମରେ ପଡ଼ିଛି । ସେଥିପାଇଁ ଇନ୍ଦ୍ରଦ୍ୟୁମ୍ନକୁ ଛାଡ଼ିଚାଲିଯିବାର ସଂଭାବନାରେ ସେ ଆତଂକିତ ନହୋଇ ଖୁସି ହେଉଥିଲା । କାରଣ ପ୍ରେମ ଏଠି ନଥିଲା ସ୍ୱର୍ଗୀୟ । ଏକ ମୂର୍ଚ୍ଛିତ, ଅବସନ୍ନ ପ୍ରେମରେ ଭାସି ଯାଉଥିଲେ ପ୍ରଜ୍ଞା, ମୋହିନୀ ପରି ନାରୀମାନେ ।

ସଂପ୍ରତି ମୋହିନୀ ପରି ନାରୀମାନେ ସ୍ୱାମୀର ଉପସ୍ଥିତିରେ ମଧ୍ୟ ପର ପୁରୁଷର ସ୍ୱପ୍ନରେ ମସ୍‌ଗୁଲ । ସେମିତି 'ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ' ଗଳ୍ପରେ ସ୍ୱାମୀ ସ୍ତ୍ରୀ ଚିଲିକାକୁ ଉପଭୋଗ ପାଇଁ ଆସିଛନ୍ତି । ମାତ୍ର ସ୍ୱାମୀଂକ ସାନ୍ନିଧ୍ୟରେ ଥାଇ ମଧ୍ୟ ସ୍ତ୍ରୀ ପୁରୁଣା ପ୍ରେମର ରୋମାଣ୍ଟିକ ସ୍ମୃତିଚାରଣରେ ବ୍ୟସ୍ତ । ସ୍ୱାମୀର ଆଲିଂଗନ ସତ୍ତ୍ୱେ ଶୁଭଂକରର ପ୍ରଥମ ସ୍ପର୍ଶକୁ ସେ ମନେପକାନ୍ତି । ଶୁଭଂକରକୁ ଦେଖି ସ୍ତ୍ରୀଲୋକଟି ଭାବିଛି- "ଶୁଭଂକର ବ୍ୟତୀତ ଆଉ କିଏ ବି ହୋଇପାରିଥା'ନ୍ତା ! ମୋର ପ୍ରତି ଲୋମ କୋପରେ ଶୁଭଂକର ବିଚ୍ଛୁରିତ ହେଇଯାଉଛି । ପ୍ରତ୍ୟେକ ଜାଇଲେମ୍ ଫ୍ଲୋଏମ୍‌ରେ ମୋର ଥରଥର ଲେଲିହାନ ପିପାସୁ ଇଚ୍ଛାର ନିଆଁ ।" (ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ, ପ୍ରୌଢ଼ଭାବନା, ପୃଷ୍ଠା-୧୧) ଶୁଭଂକରକୁ ଦେଖିବାକୁ ବାଲ୍‌କୋନିରୁ ତଳକୁ ଦଉଡ଼ିଯାଇଛି ଅସଂଖ୍ୟ ଦୀର୍ଘଶ୍ୱାସ ଓ ଅନେକ ଦୁଃଖରେ ଅସ୍ତବ୍ୟସ୍ତ ହୋଇ । ମାତ୍ର ଶୁଭଂକର ଆଡ଼କୁ ଅନେଇ ପାରୁନି କି ତା' ସାମ୍ନାରେ ସିଧା ଠିଆହୋଇପାରୁନାହିଁ । ଗାଳ୍ପିକ ଏଠାରେ ନାରୀ ମନର ଅବଚେତନ ସ୍ତରକୁ ବିଶ୍ଲେଷଣ କରିଛନ୍ତି । କେମିତି ସ୍ୱାମୀ, ପରିବାର ଓ ମାତୃତ୍ୱରେ ଭାରାକ୍ରାନ୍ତ ଏହି ନାରୀମାନେ ଶୁଭଂକର ପାଇଁ ଭାବିପାରନ୍ତି ତାହାର ଏକ ସୁଂଦର ନମୁନା ଦେବାକୁ ଯାଇ ଗାଳ୍ପିକ କହିଛନ୍ତି, "ସେ ଜାଣେ

ଓ ମୁଁ ଜାଣେ ଯେ ସେ ଜଣେ ଚିଲିକାର ସବୁଠୁ ସାନ ଦୁଲୁକି ଦୁଲୁକି ଗୋଟିଏ ଡଂଗା, କାତ ନଥିବ କି ଆହୁଲା ନଥିବ, ସତେକି ବୁଡ଼ିଯିବ, ସେହିଥିରେ ବସି ଯାବତୀୟ ଗସିପ୍-ଭାଇ-ବନ୍ଧୁ-ବାନ୍ଧବ, କଲେଜ-ସ୍ଥିତି-ପ୍ରତିପତ୍ତି, ଗୁଜବ ସତୀତ୍ୱକୁ ସେଇ ଢେଉରେ ଭସେଇ ଦେଇ ତା' ସାଂଗେ ଚାଲିଯିବାକୁ ମୁଁ ରାଜିଅଛି । ମୁଁ ଆଉ ହସିପାରୁନି । କେମିତି ହସିବି ଯେ ? ତା' ବିନା ?'' (ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ, ପ୍ରୌଢ଼ଭାବନା, ପୃଷ୍ଠା-୧୫) ନା ଏମାନଂକର ଅଛି ସ୍ୱାମୀଂକ ପ୍ରତି ଆସ୍ଥା ନା ସମାଜ ପ୍ରତି ସମ୍ମାନ । ବ୍ୟକ୍ତିବାଦୀ ସମାଜ ଓ ସମସାମୟିକ ଜୀବନର ବାସ୍ତବତାକୁ ଗୁରୁତ୍ୱ ଦେଇଛନ୍ତି ଗାଳ୍ପିକ । ଏହିପରି ନାରୀମାନେ ସତୀତ୍ୱରେ ବିଶ୍ୱାସୀ ନୁହନ୍ତି ମାତ୍ର ବାଧ୍ୟହୋଇ ଏକପତି ନେଇ ବଂଚିଚାଲିଛନ୍ତି । ସ୍ୱାମୀ ସହ ରୁମ୍‌କୁ ଫେରିଆସିବା ପରେ ସ୍ତ୍ରୀଲୋକଟି ଭାବିଛି - ''ସତେକି ନୀରବରେ ସ୍ୱଚ୍ଛନ୍ଦରେ ଜଣାପଡ଼ିବା ପୂର୍ବରୁ ହିଁ ସେ ମୋ ସତୀତ୍ୱ ଅପହରଣ କରିନେଲା । ମୁଁ ନିଛାଟିଆ । ଏପରିକି ମୋ ଦୁଃଖ ମୋତେ ଛାଡ଼ି ଚାଲିଗଲା ।'' (ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ, ପ୍ରୌଢ଼ଭାବନା, ପୃଷ୍ଠା-୧୮) ଅଧିକାଂଶ ନାରୀଂକ ଜୀବନ ଏହିପରି ହୋଇଯାଉଛି ଘୋର ନିଛାଟିଆ ଓ ଅଂଧାର । ସ୍ୱାମୀସହ ପତିବ୍ରତା ନାରୀର ଭୂମିକା ତୁଲେଇବାରେ ଏମାନେ ଅସମର୍ଥ । କାରଣ ସମୟର ପରିବର୍ତ୍ତନ ସହ ତାଳଦେଇ ନାରୀ ମାନସିକତାର ଦ୍ରୁତ ପରିବର୍ତ୍ତନ ଘଟୁଛି । ସେଥିପାଇଁ ଖୋଲାଖୋଲି ଭାବେ ସେ କହିଛି, ''ମୋର ଯେ ଆଦର୍ଶ ହିନ୍ଦୁ ସତୀସାଧ୍ୱୀ ସାବିତ୍ରୀ ପତ୍ନୀ ହେବାର ଯୋଗ୍ୟତା ନାହିଁ, ସେ କଥା କ'ଣ ଖୋଲାଖୋଲି କହିଦେବା ଦରକାର ?'' (ଏକ ନିରର୍ଥକ ଯୌବନ ମିଳାଇଯାଏ ଅବାନ୍ତର ବାର୍ଦ୍ଧକ୍ୟରେ, ପ୍ରୌଢ଼ଭାବନା, ପୃଷ୍ଠା-୧୮) ସେଥିପାଇଁ ବର୍ତ୍ତମାନର ନାରୀ ସତୀ ସାବିତ୍ରୀ ଭୂମିକା ଯେ ନିର୍ବାହ କରିପାରିବ ନାହିଁ ତାହା ସେ ସିଧାସଳଖ ଭାବେ ପ୍ରକାଶ କରିବାରେ ମଧ୍ୟ କୁଣ୍ଠିତ ନୁହେଁ । ବିବାହ ପରେ ନାରୀର ମାନସିକ ସ୍ତରରେ ଦେଖାଯାଉଥିବା ଦ୍ୱୈତ ଭୂମିକାକୁ ଗାଳ୍ପିକ ସୁଂଦର ଭାବେ ଉପସ୍ଥାପନ କରିଛନ୍ତି । ଯାହାର ଫଳସ୍ୱରୂପ ସ୍ୱାମୀର ଉପସ୍ଥିତିରେ ମଧ୍ୟ ପୁରୁଣା ସ୍ମୃତିରେ କବଳିତ ହୋଇ ଏହିପରି ନାରୀମାନେ ହତାଶ, ନିରାଶ, ଅସହାୟ ଓ ନିଃସଂଗତା ଅନୁଭବ କରନ୍ତି ।

ଉଚ୍ଚଶିକ୍ଷିତା ନାରୀମାନଂକର ଅସହାୟତା ଓ ଏକଲାପଣର ସାର୍ଥକ ନିଦର୍ଶନ ହେଉଛି 'ରେବତୀ' ଓ 'ପରୀ' ଗଳ୍ପ । 'ରେବତୀ' ଗଳ୍ପର ରେବତୀ ଓ 'ପରୀ' ଗଳ୍ପର

ମାଳତୀ ଏହି ବସ୍ତୁବାଦୀ ସମାଜର ନିଷ୍ଠୁର ସତ୍ୟ ସାମ୍ନାରେ ଦଣ୍ଡାୟମାନ । ରେବତୀ ଚାକିରି କରି ସମାଜରେ ପ୍ରତିଷ୍ଠା ଲାଭ କରିବା ସତ୍ତ୍ୱେ ନିଃସଂଗ ଓ ମାଳତୀ ଭବିଷ୍ୟତ ଓ ଚାକିରିର ସ୍ୱପ୍ନରେ ଅସହାୟ । ଗାଁର ଉଚ୍ଚଶିକ୍ଷିତା ଓ ବିଭିନ୍ନ ଯୋଗ୍ୟତାର ଅଧିକାରିଣୀ ଏହିପରି ନାରୀମାନଂକୁ କିନ୍ତୁ ବୁଝିପାରିନାହାନ୍ତି ମା' ଓ ବୁଢ଼ୀମା'ମାନେ । ଏହା ମାଧ୍ୟମରେ ଗାଳ୍ପିକ ମନେପକେଇ ଦେଇଛନ୍ତି ଶହେ ବର୍ଷରୁ ଊର୍ଦ୍ଧ୍ୱସମୟ ଅତିକ୍ରାନ୍ତ ହୋଇଯାଇଥିବା ଫକୀରମୋହନଂକ କିଂବଦଂତୀୟ 'ରେବତୀ'ର ମର୍ମସ୍ପର୍ଶୀ ବାଣୀ । ମାଳତୀ ଠାରୁ ପଢ଼ାପଢ଼ି, ପରୀକ୍ଷା ଓ ଚାକିରି କଥା ଶୁଣି ବୁଢ଼ୀମା' କହିଛି- "ପଢ଼ାପଢ଼ି ବହୁତ ହେଲା । ଆଲୋ ନାଭିରେ ତୋ କସ୍ତୁରୀ, ତୁ କୁଆଡ଼େ ଧାଇଁଛୁ, ପଢ଼ାପଢ଼ି, ଚାକିରି, ବୁଦ୍ଧି ବିବେକ ?" (ପରୀ, ସାହାବଦେବତା, ପୃଷ୍ଠା-୬୦) ଓଡ଼ିଆ ପାଠକମାନେ ଫକୀରମୋହନଂକ 'ରେବତୀ'ରେ ଯେ ନାରୀଶିକ୍ଷା ଏବଂ କୁସଂସ୍କାର ବିଷୟରେ କୁହାଯାଇଥିଲା ତାହା ଏପର୍ଯ୍ୟନ୍ତ ଅବଗତ ଥିଲେ । ମାତ୍ର ଏହି ଧାରଣାକୁ ସଂପୂର୍ଣ୍ଣ ବିରୋଧ କରି ଗାଳ୍ପିକ କହନ୍ତି, "ମୂଳ 'ରେବତୀ' ନାରୀଶିକ୍ଷା ବିଷୟରେ ନୁହେଁ; ରେବତୀ ଏହାର ନାୟିକା ନୁହେଁ । ଏହା ନିଃସଂଗତା ବିଷୟରେ ଓ ବୁଢ଼ୀ ମାଆ ଏହାର ପ୍ରଧାନ ଚରିତ୍ର ।" (ରେବତୀ : ରେବତୀ, ସଂକଳକ- ଅସିତ ମହାନ୍ତି, ପୃଷ୍ଠା-୬୪) ସେଥିପାଇଁ ଅସହାୟତା ଓ ନିଃସଂଗତାର ଅସ୍ଥିକଂକାଳ ଉପରେ ଆଧୁନିକ ନାରୀର ରକ୍ତ ମାଂସରେ ସେ ଜୀବନ୍ୟାସ ଦେଇଛନ୍ତି ତାଂକ 'ରେବତୀ'କୁ ।

ଗାଳ୍ପିକ ହୃଷୀକେଶ ପଣ୍ଡାଂକ ରେବତୀ ଫକୀରମୋହନଂକ ରେବତୀ ପରି ଅଶିକ୍ଷିତା, ଅପାଠୋଇ ନୁହେଁ, ସେ ଶିକ୍ଷିତା ଓ ଆଧୁନିକା । ସେ ମେଟ୍ରିକ ପାସ୍ ପରେ କଲେଜରେ ପଢ଼ିବାକୁ ଗଲା ଓ ଆଧୁନିକ ବେଶ ପୋଷାକ ସହିତ ହାଇହିଲ ଚପଲ ପିନ୍ଧିଲା । ତା' ବାପା ମୁକ୍ତିଆର ଥିବାରୁ ରେବତୀର ପାଠପଢ଼ା ଓ ହାବଭାବକୁ ସମସ୍ତେ ନାପସଂଦ କରୁଥିଲେ ମଧ୍ୟ ସାହସ କରି କିଛି କହିପାରୁନଥିଲେ । ସେ ବି.ଏସ୍‌ସି. ଓ ଏମ.ଏସ୍‌ସି. ପାସ୍ ପରେ ମହୁମାଛିଂକ ଉପରେ ଗବେଷଣା କଲା । ତେଣୁ ତା'ର ବିଭିନ୍ନ ଫଟୋ ବିଭିନ୍ନ ଖବରକାଗଜରେ ବାହାରିଲା । ମାତ୍ର ଗାଁଲୋକମାନେ ଏ ଫଟୋ ତା'ର ନୁହେଁ ବୋଲି ଈର୍ଷାନ୍ୱିତ ହୋଇ ଦାବି କରୁଥିଲେ । ସେ ଏତେ ପାଠପଢ଼ି ମଧ୍ୟ ବାହା ହେଉନଥିବାରୁ ତ'ର କୌଣସି ପୁଅ ସହିତ ପ୍ରେମ ଥିବା କଥା ଗାଁରେ କଳ୍ପନା ଜଳ୍ପନା ହେଉଥିଲା । ସେ ପୁଅଟି କୌଣସି ଡେଂଗାଲୋକ, କିଂବା ଜଣେ ଅଧ୍ୟାପକ, କିଂବା ଜଣେ

କଣ୍ଟ୍ରାକଟରର ପୁଅ, କିଂବା ଛତରାଟିଏ ବୋଲି ଏମାନେ ଅନୁମାନ କରୁଥିଲେ । ତା'ପରେ ସେ ଆମେରିକା ଚାଲିଗଲା, ଅଧ୍ୟାପିକା ହେଲା ଓ ଭୁବନେଶ୍ୱର ଫେରିଲା ବେଳକୁ ଅସରପା ଓ ସାମୁଦ୍ରିକ ଜନ୍ତୁଙ୍କ ଉପରେ ଗବେଷଣା କରିବ ବୋଲି ଠିକ୍ କରିଥିଲା । ମାତ୍ର ଏତେସବୁ ଶିକ୍ଷା, ସମ୍ମାନ, ପ୍ରତିଷ୍ଠା ସତ୍ତ୍ୱେ ସେ କ୍ଳାନ୍ତ ଓ ଅବସନ୍ନ ହୋଇପଡ଼ିଛି । ଜୀବନର ପ୍ରତ୍ୟେକ ପାହାଚ ସଫଳତାର ସହ ଅତିକ୍ରମ କରୁଥିଲେ ହେଁ ତା'ର ଅଂତରାତ୍ମା ନିଃସଂଗ ହୋଇଯାଇଛି । ସେଥିପାଇଁ ସେ ଗଳ୍ପନାୟକକୁ ଆଖିରେ ଇସାରା ଦେଇ ମଶାଣି ପାଖ ବଣରେ ଲୁଚିଲୁଚି ବିଡ଼ି ପିଇଛି ଓ ଲଂଡା ବରଗଛ ପାଖେ ଛିଡ଼ାହୋଇ ଆକାଶକୁ ଅନେଇଛି । ରେବତୀର ସମଗ୍ର ତାରୁଣ୍ୟ ଓ ଯୌବନ କଟିଯାଇଛି ଖୁବ୍ ଅସହାୟ ଭାବେ । ଜୀବନ ଦୌଡ଼ରେ କାହାସହ ଅଂତରଂଗ ସଂପର୍କ ଯୋଡ଼ିପାରିନାହିଁ ସେ । ତେଣୁ ଅନେକ ସମୟରେ ନିଜ ପରିଚିତ ସହର ଓ ପୃଥିବୀର ବିଭିନ୍ନ ନଗରୀ ବୁଲିଲା ବେଳେ ଭାବେ- "ଅକସ୍ମାତ୍ କେହି ଜଣେ ଅତି ଚିହ୍ନା ପରିଚିତ, ଅଂତରଂଗ କୁଆଡ଼େ ବହୁତ ଆଗରୁ ଦିନେ ଅନ୍ତର୍ଦ୍ଧାନ ହୋଇସାରି ଦେଖାହୋଇଯିବ, ଏଇ ଯେମିତି ଠିକ୍ ରାସ୍ତା ମୋଡ଼ପାଖରେ ସେ ଛିଡ଼ା ହୋଇଥିବ, ଟ୍ରେନ୍‌ରୁ ଓହ୍ଲେଇଲାବେଳେ ପ୍ଲାଟଫର୍ମର ଲୋକଗହଳି ଭିତରେ ଠେଲିଠେଲି ଆସି ଚିହ୍ନି ହସିହସି ଗଡ଼ିଯିବ, ଅଥବା ଏୟାରପୋର୍ଟରେ ସିକ୍ୟୁରିଟି ଚେକ୍‌ର ଠିକ୍ ପୂର୍ବରୁ ହଠାତ୍ ଲୋକଟି ଦେଖି ଦୌଡ଼ି ଆସିବ, ଦରକାର ପଡ଼ିଲେ, ଦରକାର ପଡ଼ିଲେ ରେବତୀ ପ୍ଲେନ୍ ଟିକେଟ୍ ଫେରେଇଦେଇ ରହିଯିବ; କିନ୍ତୁ ରେବତୀ ଜାଣେ ସେମିତି କେହି ଲୋକ ନାହିଁ ତ, ଦେଖା ହେବାର ପ୍ରଶ୍ନ ହିଁ ଉଠୁନାହିଁ । ତା' ସତ୍ତ୍ୱେ ସବୁବେଳେ, କୋଉଠି ଏକ ବିକଳ ଆଶାଟି ଲୁଚିଲୁଚି ଚିକ୍ ଚିକ୍ କରୁଥାଏ ।" (ରେବତୀ, ସଂ-ରେବତୀ, ପୃଷ୍ଠା-୪୯)

ଜୀବନର ଅନେକ ସଫଳତା ସତ୍ତ୍ୱେ କାହା ସହିତ ନିଜର ସୁଖ-ଦୁଃଖ, ଅନୁଭବ ଓ ଅନୁଭୂତିକୁ ବାଣ୍ଟିବା ପାଇଁ ସୁଯୋଗ ପାଇନାହିଁ । ସେଥିପାଇଁ ଗାଁକୁ ଆସି ଗଳ୍ପନାୟକ ପାଖରେ ଅଳି କରେ କଇଁଫୁଲ ତୋଳିବା ପାଇଁ, ବଂଶୀ ବଜେଇବା ପାଇଁ ଓ ଲୁଚକାଳି ଖେଳିବା ପାଇଁ । ନିଜର ଏକାକୀତ୍ୱ ଦୂର ପାଇଁ ନଈକୂଳରେ ଏକାଏକା ଘୁରିବୁଲେ ଓ ଛାତି ତଳର ଅସରଂତି ଯନ୍ତ୍ରଣା ଯୋଗୁଁ ଶୋଇଶୋଇ କାଂଦେ । ଏହି ଅତ୍ୟାଧୁନିକ ସମାଜରେ ପଢ଼ାପଢ଼ିରେ ଓ ମାନସିକତାରେ ଖୁବ୍ ଆଧୁନିକା ହେଲେ ହେଁ ଏକ କରୁଣ, ନିର୍ଜନ ଓ ଉଦାସ ଜୀବନ ବଂଚିବାକୁ ସେ ବାଧ୍ୟ । ତା'ର ଜୀବନ ଯେପରି ସ୍ଥାଣୁ ହୋଇଯାଇଛି ।

ଥରେ ବି କାହାକୁ ଆଲିଂଗନ କରିବାର ସୁଯୋଗ ସୃଷ୍ଟି ହୁଏନାହିଁ ତା' ପାଇଁ । ସେଥିପାଇଁ ରେବତୀ ମୁହୁର୍ମୁହୁଃ ସାମ୍ନାସାମ୍ନି କରେ ବ୍ୟର୍ଥତା ଓ ଅସହାୟତାର ମୁହୂର୍ତ୍ତମାନଂକୁ । ତା'ର ଶରୀର ଓ ଆତ୍ମା ଅବଶ । ସକଳ ଆଶା ଓ ବିଶ୍ୱାସ ତା'ଠାରୁ ଦୂରେଇ ଯାଇଛି । ତେଣୁ ରେବତୀ ଚରିତ୍ର ଏଠାରେ ହୋଇଯାଇଛି ନିଃସଂଗତା ଓ ଏକାକୀତ୍ୱର ପ୍ରତୀକ । ସମୟକୁ ଦଂଭରେ ମୁହଁମୋଡ଼ି ଚାଲିଯାଉଥିବା ରେବତୀର ଏହି ଅସହାୟତାକୁ ଆଶ୍ୱାସନା ଦେବାକୁ ଯାଇ ଗାଳ୍ପିକ କହନ୍ତି- "ରେବତୀ ଲୋ, ମୋତେ ଦେଇଦେ ତୋର ଅସହାୟତା, ତୋର ବୟସ, ତୋ ନିର୍ଜନତା, ତୋର ବାର୍ଦ୍ଧକ୍ୟ, ତୋର ହାତ ଗୋଡ଼ର ସବୁ ଶିକୁଳି । ମୁଁ ତତେ କଇଁଫୁଲ ଦେବି, ମହୁମାଛି ଦେବି, ମୋର ଯାବତୀୟ ଖୁସିଦେବି, ମୋର ନିର୍ବୋଧତା ଦେବି । ତୁ ଫେରିଆ ନଈକୂଳ ବାଲିରେ ଦୌଡ଼ିବାକୁ, ସମୁଦ୍ରରେ ପହଁରିବାକୁ, ପିନ୍‌ପିନ୍ ଖରାରେ ସୂର୍ଯ୍ୟମୁଖୀ ଫୁଲପରି ଚହଲିଯିବାକୁ । ତୁ ପୁଣିଥରେ ଛିଡ଼ା ହେଇଯା, ଘୁଙ୍ଗୁର ପିନ୍ଧି, ଥରେ ପାଦ ନଖ ଭୂଇଁରେ ଘଷି ଆଣିଲେ ଅଡିଟୋରିଅମ୍‌ରେ ସେଇ ଲୋକଟି ଚହଲିଯିବ ଯେ ଏତେଦିନଯାଏ ତୋ ସାଂଗେ ଲୁଚକାଳି ଖେଳୁଚି; ଦୁଇବାହୁ ପ୍ରସାରିତ କରିଦେଲେ ସମୟ ନିସ୍ତବ୍ଧ ହେଇ ରହିଯିବ, ଘଣ୍ଟାମାନେ ଓଲଟା ପଟେ ଚାଲିବାକୁ ଆରଂଭ କରିବେ; ଥରେ ନିଃଶ୍ୱାସ ପିଠିରେ ଠିକଣା ଲେଖି ପଠେଇଦେ, ନିଃଶ୍ୱାସ ଖୋଜିଖୋଜି ଘେନି ଆସିବ ଏପରି ବାସ୍ନାକୁ ଯାହା କ୍ରମାଗତ ଲହରୀ ପରି ଖେଳୁଥିବ । (ରେବତୀ, ସଂ-ରେବତୀ, ପୃଷ୍ଠା-୫୦)

ରେବତୀ ପରି 'ପରୀ' ଗଳ୍ପର ମାଳତୀ ମଧ୍ୟ ଅସହାୟତାର ଜ୍ୱାଳାରେ ଦଗ୍‌ଧୀଭୂତ । ରେବତୀର ସବୁକିଛି ଥିଲା ମାତ୍ର ସେ କାହାର ଆପଣାର ହୋଇପାରୁନଥିଲା କିଂବା କାହାରିକୁ ଆପଣାର କରିପାରୁନଥିଲା । କିଂତୁ ମାଳତୀ ବିଭିନ୍ନ ପ୍ରକାର ମାନସିକ ଦ୍ୱନ୍ଦ୍ୱରେ ରହି ଆକ୍ରାମାକ୍ରା ହୋଇଉଠୁଥିଲା । ଉଚ୍ଚଶିକ୍ଷା ସମାପ୍ତି ପରେ ନିଜର ଅଂଧକାରମୟ ଭବିଷ୍ୟତକୁ ଦେଖି ସେ ବ୍ୟର୍ଥତା ଅନୁଭବ କରିଛି । ସଂପ୍ରତି ବେକାରୀ ସମସ୍ୟା ଓ ନିଜର ବାହାଘରକୁ ନେଇ ବାପାମାନଂକର ମାନସିକ ଅବସ୍ଥାକୁ ଆଖି ଆଗରେ ରଖି ସମାଜର ସବୁ ମାଳତୀମାନଂକର ସ୍ୱପ୍ନ ମରୀଚିକା ପାଲଟିଯାଉଛି । ସେଥିପାଇଁ ସେ ନିଛାଟିଆ ହୋଇଯାଇଛି । ଏହି ନିଛାଟିଆମିର ସୁଯୋଗ ନେଇ ବିଭିନ୍ନ ପ୍ରକାର ଦୁଃଖ ତା'କୁ ଖପ୍‌ଖାପ୍ ଧରିପକେଇଛନ୍ତି । ତା' ହୃଦୟର କେଉଁ ଏକ ନିଭୃତ କୋଣରୁ ସୋହମର ସ୍ପର୍ଶ ଅନୁଭବ କରି କ୍ଷଣିକ ଆନଂଦ ଲାଭ କରିଥିଲେ ହେଁ

ବାସ୍ତବତାର ସମ୍ମୁଖୀନ ହେବାପରେ ସେ ବୋର୍ ହୋଇଯାଇଛି । ତା' ମନର କଥାକୁ ସେ ପ୍ରକାଶ କରିଛି ବୁଢ଼ୀମା' ଆଗରେ । "କାହିଁକି ପିଲାଏ ବୋର୍ ହୁଅନ୍ତି ବୁଢ଼ୀମା', ବୋର୍ ମାନେ, ବୋର୍ ଶବ୍ଦର ଓଡ଼ିଆ ନାହିଁ, ହେଲେ କାମଦାମ ନଥାଏ, ଦୁଃଖ ନଥାଏ, ପ୍ରତୀକ୍ଷା ନଥାଏ, ଚିନ୍ତା ନଥାଏ, କାହା ପାଇଁ ବ୍ୟସ୍ତତା ନଥାଏ । ତମେ ଯେମିତି ଖାଁ ଖାଁ, ଖାଲି ଖାଲି ବସିଚ, କାମ ନାଇଁ କି ଧନ୍ଦା ନାଇଁ । ଡର ନାଇଁ କି ଭୟ ନାଇଁ । ବ୍ୟସ୍ତ ନୁହଁ କି ବ୍ୟଗ୍ର ନୁହଁ ।" (ପରୀ, ସାହାବଦେବତା, ପୃଷ୍ଠା-୬୯) ବୁଢ଼ୀମା' ବୁଝିପାରୁନାହିଁ ବୋର୍ ମାନେ କ'ଣ ? ମାତ୍ର ପ୍ରଜ୍ଞା, ମୋହିନୀ, ରେବତୀ ଓ ମାଳତୀ ଏହିପରି ବୋର୍ ହୁଅନ୍ତି । ସେଥିପାଇଁ ଅସହାୟତା ଓ ନିଃସଂଗତା ସେମାନଂକ ଅଂତରାତ୍ମାକୁ ଟାଣିଓଟାରି ଅସ୍ତବ୍ୟସ୍ତ କରିପକାଏ । ଏଠାରେ ପ୍ରତ୍ୟେକ ଚରିତ୍ର ବିଭିନ୍ନ ପ୍ରକାର ଅନ୍ତର୍ଦ୍ୱନ୍ଦ୍ୱରେ ଘାଣ୍ଟି ହେଉଛନ୍ତି । ଏଥିପାଇଁ ଏମାନେ ସ୍ୱର୍ଗକୁ ମୁଥ ମାରନ୍ତି, ଯଦିଓ ସ୍ୱର୍ଗ ବିରୁଦ୍ଧରେ ବା ଆଉ କାହାରି ବିରୁଦ୍ଧରେ ଏମାନଂକର ରାଗ ନାହିଁ । ଏହାର କାରଣ ଶୂନ୍ୟତା ଛଡ଼ା ଆଉ କାହା ସାଂଗେ ଟକ୍କର ଦେବାର ଯୋଗ୍ୟତା ସେମାନଂକର ନାହିଁ ।

ଏଠାରେ ଗାଳ୍ପିକ ସାଂପ୍ରତିକ ସାମାଜିକ ଜୀବନରେ ନାରୀର ସ୍ଥିତି ଓ ସେମାନଂକର ମନସ୍ତତ୍ତ୍ୱକୁ ସଫଳ ଭାବେ ଚିତ୍ରଣ କରିଛନ୍ତି । ପାରଂପରିକ ଜୀବନ ଯାପନ ଶୈଳୀରେ ଦେଖାଦେଇଛି ଅନେକ ପରିବର୍ତ୍ତନ । ଜୀବନ ସଂଗ୍ରାମର ପରିସର ବୃଦ୍ଧିପାଇଛି ଓ ନାରୀମାନେ ନିଜକୁ ଏଥିରେ ସାମିଲ କରିଦେଇଛନ୍ତି । ସମାଲୋଚକ ଡଃ କ୍ଷୀରୋଦ ଚନ୍ଦ୍ର ବେହେରାଂକ ମତରେ- "ବିଂଶ ଶତାବ୍ଦୀର ଶେଷ ଦୁଇ ଦଶନ୍ଧିରେ ଓଡ଼ିଆ ନାରୀ ପରିବାର, ଧର୍ମ ଓ ସଂସ୍କାରର ରକ୍ଷଣଶୀଳତାରୁ ମୁକ୍ତହୋଇ ନିଜ ସୃଜନଶୀଳତାରେ ପୃଥିବୀକୁ କରିଛି ଅଧିକ ମହିମାବନ୍ତ । ସେ କେବଳ ଆର୍ଥନୀତିକ ସ୍ୱାବଲମ୍ବନଶୀଳ ହୋଇନାହିଁ, ପ୍ରଗତିବାଦୀ ଚେତନାରେ ପୁରୁଷକୁ ମଧ୍ୟ ପଛରେ ପକାଇଦେଇଛି ।" (ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ, ପୃଷ୍ଠା-୨୪୯) ସଂପ୍ରତି ନାରୀ ନିଜର ଅଗ୍ରଗତି ସହିତ ଏକପ୍ରକାର ଦ୍ୱୈତ ମାନସିକତା ଦ୍ୱାରା କବଳିତ । ବାହାରେ ସେ ଅନୁଭବ କରୁଛି ବ୍ୟସ୍ତତା ଓ ଭିତରେ ଶୂନ୍ୟତା । ସେଥିପାଇଁ ପ୍ରଜ୍ଞା ଓ ମୋହିନୀ ପରି ଚରିତ୍ର ସ୍ୱାମୀର ସ୍ପର୍ଶ ଜନିତ ଉଷ୍ମତା ଅନୁଭବ କରିପାରୁନାହାନ୍ତି, ମାଳତୀ ପରି ଚରିତ୍ର ବୁଢ଼ୀମା'ର ପରୀ କାହାଣୀ ଶୁଣି ମଧ୍ୟ ବୋର୍ ହେଉଛନ୍ତି ଓ ରେବତୀ ପରି ଚରିତ୍ର ସାମାଜିକ ପ୍ରତିଷ୍ଠା ସତ୍ତ୍ୱେ କାହାର ସାନ୍ନିଧ୍ୟ ଆଶାରେ ଅସହାୟ ହୋଇଯାଆନ୍ତି ।

**(୩) ଆଦିବାସୀ ଜନଜୀବନ ସମସ୍ୟାମୂଳକ ଗଳ୍ପ:-**

ଓଡ଼ିଶାରେ ପ୍ରାୟ ୬୨ଟି ଆଦିବାସୀ ସଂପ୍ରଦାୟ ବସବାସ କରନ୍ତି । ଏମାନେ ଓଡ଼ିଶା ଜନଂସଂଖ୍ୟାର ଏକ ଉଲ୍ଲେଖଯୋଗ୍ୟ ଅଂଶ । ଆଦିବାସୀମାନେ ଓଡ଼ିଶାର ଜନଜୀବନ, ସଭ୍ୟତା, ସଂସ୍କୃତି ସହିତ ଓତଃପ୍ରୋତ ଭାବେ ଜଡ଼ିତ ହୋଇଥିବାରୁ ସାହିତ୍ୟରେ ମଧ୍ୟ ଏମାନଂକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି । ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରଥମ ପର୍ଯ୍ୟାୟରେ ଔପନ୍ୟାସିକ ଉମେଶ ଚନ୍ଦ୍ର ସରକାରଂକର 'କେନ୍ଦୁଝର ବିଦ୍ରୋହ' ଓ ଗୋପାଳ ବଲ୍ଲଭ ଦାସଂକର 'ଭୀମାଭୂୟାଁ' ଉପନ୍ୟାସରେ ଆଦିବାସୀ ଜୀବନ ଚିତ୍ର ସ୍ଥାନ ପାଇଲା । ବିଶେଷକରି ସେମାନଂକ ଉପରେ ହେଉଥିବା ଶୋଷଣ ଓ ଅତ୍ୟାଚାର ହେଲା ସାହିତ୍ୟର ମୁଖ୍ୟ ବିଷୟ । ବର୍ତ୍ତମାନ କେବଳ ବଦଳି ଯାଇଛି ଶୋଷଣ ଓ ଅତ୍ୟାଚାରର ଶୈଳୀ । ଏହା ସହିତ ଶୋଷକମାନଂକର ପଦପଦବୀରେ ମଧ୍ୟ ହୋଇଛି ପରିବର୍ତ୍ତନ । ପୂର୍ବର ରାଜା, ଜମିଦାର ଓ ସାହୁକାର ଗୋଷ୍ଠୀ ରୂପାନ୍ତରିତ ହୋଇଛନ୍ତି ନେତା, ସରକାରୀ କର୍ମଚାରୀ ଓ ପଦସ୍ଥ ଅଫିସରଭାବେ । ମାତ୍ର ନା କୌଣସି ପରିବର୍ତ୍ତନ ଅଛି ନା କୌଣସି ରୂପାନ୍ତରଣ ଅଛି ଏହି ନିର୍ଯ୍ୟାତିତମାନଂକର । ସେମାନେ ଏବେ ବି ସେହି ଡଂଗର ଦେବତାକୁ ଆଶ୍ରୟ କରି ଜୀବନ ସହ ସଂଗ୍ରାମ ଜାରି ରଖିଛନ୍ତି । ଏହି ପ୍ରକାର ମଣିଷମାନଂକର ଦୁଃସ୍ଥିତି ଓ ନିର୍ଯ୍ୟାତନାକୁ ସାହସର ସହ ପାଠକ ଆଗରେ ଉପସ୍ଥାପନ କରିଛନ୍ତି ଗାଳ୍ପିକ ଡଃ ପଣ୍ଡା । ଭାରତ ସରକାରଂକର ଜଣେ ଦକ୍ଷ ପ୍ରଶାସକ ହିସାବରେ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଇଲାକାରେ କାମ କରିବାର ସୁଯୋଗ ପାଇଛନ୍ତି । ଦୀର୍ଘଦିନର ରହଣି ଯୋଗୁଁ ଏହି ନିମ୍ନ ଜନଜାତି ସହିତ ଅତି ନିକଟରୁ ମିଶିବାକୁ ସୁଯୋଗ ପାଇଛନ୍ତି । ଏହି ବ୍ୟାପ୍ତ ଅନୁଭୂତି ଓ ଅଭିଜ୍ଞତାକୁ ପାଥେୟ କରି ସେ ରଚନା କରିଛନ୍ତି ତେରଟି ଆଦିବାସୀ ଜୀବନୀଭିତ୍ତିକ ଗଳ୍ପ । ସେଗୁଡ଼ିକ ହେଲା- ''ସିସିଫସ୍ ଓ ବୋଣ୍ଡା' ଓ 'ସ୍ଥାନରେ କାଳରେ' (ସଂ-ବାହାରେ ଛିଡ଼ାହୋଇଥିବା ଲୋକ), 'ଛତିଶତମ ସାଧାରଣତନ୍ତ୍ର ଦିବସରେ ଜାତି ଉଦ୍ଦେଶ୍ୟରେ ଧାନଫୁଲ ପରଜା ପ୍ରଦତ୍ତ ଅଭିଭାଷଣର ମର୍ମାନୁବାଦ', 'ଖୋସା' ଓ 'ରାଜପୁତ୍ର' (ସଂ- ରାଜପୁତ୍ର), 'ଛଞ୍ଚାଣ', 'ରାଜପୁତ୍ର', 'ଖଣ୍ଡିଆଭୂତ', 'ସାହାବଦେବତା' ଓ 'କୁନୁମୁନୁ' (ସଂ- ସାହାବଦେବତା), 'ମିଛଖୁସି, ସତଦୁଃଖ', 'ବାରୁଆଳି ଗାଁରେ କାଜୁବାଦାମ ଚାଷ ଓ ବିମ୍ବାଧରର ଭାଗ୍ୟ' ଓ

'ଅନାହାର କମିଶନରଂକ ଏକ ରିପୋର୍ଟ' (ସଂ- ମିଛଖୁସି, ସତଦୁଃଖ) ଇତ୍ୟାଦି । ଏହି ଗଳ୍ପଗୁଡ଼ିକ ମାଧ୍ୟମରେ ଜୀବନର ଗତାନୁଗତିକ ଧାରା ସଂପର୍କରେ ସୂଚନା ଦେଇଛନ୍ତି ।

ମଣିଷ ତା'ର କର୍ମମୟ ଜୀବନର ଗତାନୁଗତିକ ଧାରାରେ ଗତିଶୀଳ । ଏହି ଦହଗଂଜରୁ ପଳାୟନର ପନ୍ଥା ନାହିଁ । ଏହି ପୂର୍ବ ନିର୍ଦ୍ଧାରିତ ସତ୍ୟକୁ ସାମ୍ନା କରିବାକୁ ସମସ୍ତେ ବାଧ୍ୟ । 'ସିସିଫସ୍ ଓ ବୋଣ୍ଡା' ଗଳ୍ପରେ ଏହି ଜୀବନ ଧାରାରୁ ନିଷ୍କୃତି ମିଳିନାହିଁ ରାଜା ସିସିଫସ୍‌ଙ୍କୁ ଓ ଅଭିଶପ୍ତ ହୋଇ ଏଯୁଗରେ ଜନ୍ମ ଗ୍ରହଣ କରିଥିବା ବୋଣ୍ଡା ସଂପ୍ରଦାୟର ରାଜପୁତ୍ରଂକୁ । ଏହି ଗଳ୍ପରେ ରାଜା ସିସିଫସ୍ ଦଣ୍ଡିତ ହୋଇଛନ୍ତି ଦେବତାମାନଂକ ଦ୍ୱାରା ଓ ଦଣ୍ଡସ୍ୱରୂପ ଏକ ବଡ଼ ପଥରକୁ ପାହାଡ଼ ତଳୁ ଉପରକୁ ଉଠାଇବାକୁ ତାଂକୁ ନିର୍ଦ୍ଦେଶ ଦିଆଯାଇଛି । ପଥରଟି ପାହାଡ଼ ଉପରେ ରହିବ ନାହିଁ ଜାଣି ମଧ୍ୟ ରାଜା ସିସିଫସ୍ ପ୍ରତିଦିନ କାମରେ ଲାଗିଥା'ନ୍ତି । ଗାଳ୍ପିକଂକ ଭାଷାରେ- "ସିସିଫସ୍ ପୁଣି ପରଦିନ ଆସି ଏଇ ପଥରକୁ ଗଡ଼େଇ ଗଡ଼େଇ ଉପରକୁ ନେଲେ; ଉପରେ ପହଂଚିବା ମାତ୍ରେ ପଥର ପୁଣି ଆସି ତଳେ । ଦିନକର ପରିଶ୍ରମ ଯେ ବୃଥା, ସେ କଥା ସଂଧ୍ୟାବେଳେ ଧାଇଁକିନା ଜଣାପଡ଼ିଯାଏ । ଅଥଚ ସିସିଫସ୍ କାମରେ ଲାଗିଥା'ନ୍ତି । କାହିଁକି ଏପରି ବେକାର କାମରେ ଲାଗିଥା'ନ୍ତି ? ସେମିତି କିଏ ନଲାଗି ଥାଏ ଯେ ? ଅଳ୍ପ ବହୁତେ ସମସ୍ତେ କ'ଣ ଜାଣନ୍ତି ନାହିଁ ଦିନଯାକର ଖଟଣି ଏକଦମ ନିରର୍ଥକ ?" (ସିସିଫସ୍ ଓ ବୋଣ୍ଡା, ବାହାରେ ଛିଡ଼ାହୋଇଥିବା ଲୋକ, ପୃଷ୍ଠା-୪୭) ଏଠାରେ ସିସିଫସ୍ ଏକ ପ୍ରତୀକାତ୍ମକ ଚରିତ୍ର । ସାଂପ୍ରତିକ ସମୟରେ ପ୍ରତ୍ୟେକ ମଣିଷ ଏହି ଧାରାରେ ଗତିକରୁଛି । ଗାଳ୍ପିକ ସିସିଫସ୍ ଚରିତ୍ର ମାଧ୍ୟମରେ ସୂଚେଇ ଦେବାକୁ ଚାହିଁଛନ୍ତି ଯେ, ମଣିଷ ଜୀବନ ଚକ୍ରପରି ଗତିଶୀଳ । ସୂର୍ଯ୍ୟଙ୍କର ଉଦୟ ସହିତ ମଣିଷର କର୍ମମୟ ଜୀବନର ଆରଂଭ ହୋଇଥାଏ ଓ ଅସ୍ତରେ ପରିସମାପ୍ତି । ସୂର୍ଯ୍ୟଙ୍କର ଉଦୟ ଓ ଅସ୍ତର ଯେପରି ଶେଷନାହିଁ, ମଣିଷ ଜୀବନର ଗତାନୁଗତିକ ଧାରାରୁ ତା'ର ମୁକ୍ତିନାହିଁ । ଭଲ-ଖରାପ, ଭୁଲ୍-ଠିକ୍ ଜାଣି ସୁଦ୍ଧା ମଣିଷ ଏହିପରି କର୍ମ କରିଚାଲିଛି ଓ କରିଚାଲିଥିବ, ଏଥିରୁ ତା'ର ନିସ୍ତାର ନାହିଁ ।

ଆଦିବାସୀ ଜୀବନୀଭିତ୍ତିକ ଗଳ୍ପ ରଚନାରେ ଗାଳ୍ପିକଂକ ସିଦ୍ଧହସ୍ତତାର ପରିଚୟ ମିଳେ । ଏହି ଧରଣର ଗଳ୍ପଗୁଡ଼ିକରେ ରହିଛି ତାଂକ ନିଜସ୍ୱ ଅନୁଭୂତି ଓ ଅଭିଜ୍ଞତା । ନିଜକୁ ଜଣେ ଗର୍ବୀ ଓଡ଼ିଆ ବୋଲି ପରିଚୟ ଦେଉଥିବା ଏହି ସ୍ରଷ୍ଟାପୁରୁଷ ନିଜର

ଅନୁଭୂତିକୁ ନିର୍ଭୀକ ଭାବେ ବ୍ୟକ୍ତ କରନ୍ତି ତାଂକ ଗଳ୍ପଗୁଡ଼ିକରେ । ଏଥିପାଇଁ ସେ ନା ଭୟ କରିଛନ୍ତି ଶାସକ ଗୋଷ୍ଠୀକୁ ନା ସମାଜର ନିୟନ୍ତା ବୋଲାଉଥିବା ରାଜନୀତିକ ବ୍ୟକ୍ତିମାନଂକୁ । ଏକ ସାକ୍ଷାତ୍କାରରେ ସେ କହନ୍ତି- "ସାଂପ୍ରତିକ କଥାକୁ ନେଇ ସାହିତ୍ୟ ସୃଷ୍ଟି କରିବା ସମୟରେ ଲେଖକ ପ୍ରକୃତ ବିପଦର ସାମ୍ନାକରେ, ସେ ଦଣ୍ଡିତ ହୁଏ । ସେଇ ବିପଦ ଓ ଦଣ୍ଡ ଭୋଗିବା ପାଇଁ ସାହସ ମଧ୍ୟ ଦରକାର । ଗୋଟିଏ କଥା ଅଛି ଯେ, କେବଳ ମୂର୍ଖମାନେ ହିଁ ବିପଦର ସାମ୍ନା କରନ୍ତି କାରଣ ସେମାନେ ଅଜ୍ଞ । ଶିଶୁଟିଏ ନିଆଁରେ ହାତ ଲଗେଇଦିଏ, କାରଣ ସେ ଜାଣେ ନାହିଁ ଯେ ନିଆଁ ପୋଡ଼ିଦେବ । ଥରେ ହାତ ଲଗେଇବା ପରେ ସେ ଶିଖିଯାଏ ଯେ ନିଆଁରେ ହାତ ଲଗେଇଲେ ହାତ ପୋଡ଼ିଯିବ । କିନ୍ତୁ ଏପରି ଲୋକ ଥାଆନ୍ତି ଯେଉଁମାନେ ହାତ ପୋଡ଼ିଯିବ ବୋଲି ଜାଣି ମଧ୍ୟ ନିଆଁକୁ ଛୁଅନ୍ତି । ମୁଁ ସମ୍ଭବତଃ ସେଇ ମୂର୍ଖଲୋକଂକ ଭିତରୁ ଜଣେ ।" (ସାକ୍ଷାତ୍କାର, ଇସ୍ତାହାର-(୯୮), ୨୭ ବର୍ଷ/୪ର୍ଥ ସଖ୍ୟା, ଶାରଦୀୟ ବିଶେଷାଂକ, ଅକ୍ଟୋବର- ୦୫) ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ, ଜଣେ ସଚ୍ଚା ନାଗରିକ ହିସାବରେ ସମାଜରେ ଥିବା ଦୋଷ ତ୍ରୁଟିକୁ ସୁଧାରିବା ପାଇଁ ନିଜ ଜୀବନର ପ୍ରତ୍ୟେକ ପଦକ୍ଷେପରେ ସେ ପ୍ରତିବାଦ କରିବା ପାଇଁ ପ୍ରସ୍ତୁତ । ନିଜ ଉପରେ ବିପଦ ଥିବା କଥା ଜାଣି ବି ତାଂକ କଲମ ସତ୍ପଥରୁ ବିଚ୍ୟୁତ ହୋଇନାହିଁ । ଏହାର ଫଳସ୍ୱରୂପ 'କୋରସ' ଗଳ୍ପର ସୁଶାନ୍ତ, 'ମିଛଖୁସି, ସତଦୁଃଖ' ଗଳ୍ପର ଏସ୍. ପ୍ରଜ୍ଞା, 'ବାରୁଆଳି ଗାଁରେ କାଜୁବାଦାମ ଚାଷ ଓ ବିମ୍ବାଧରର ଭାଗ୍ୟ' ଗଳ୍ପର ବିମ୍ବାଧର ଓ 'ଅନାହାର କମିଶନରଂକ ଏକ ରିପୋର୍ଟ' ଗଳ୍ପର ଅନାହାର କମିଶନର ପ୍ରଭୃତି ଚରିତ୍ର ଠାରେ ବିଦ୍ରୋହୀ ମନୋଭାବ ଦେଖାଦେବା ସହିତ ଏହା ଯେ ଲେଖକଂକ ପ୍ରତ୍ୟକ୍ଷ ଅନୁଭୂତି ତାହା ବାରିହୋଇପଡ଼େ ।

ଏହି ଜଂଗଲି ମଣିଷମାନଂକର ଜୀବନକୁ ଭିତ୍ତିକରି ଗଳ୍ପ ଲେଖିବାର ଧାରା ଓଡ଼ିଆ ସାହିତ୍ୟରେ ବହୁ ପୁରୁଣା । ସ୍ୱାଧୀନତା ପୂର୍ବରୁ ଓ ପରେ ମଧ୍ୟ ଏହି ନିମ୍ନ ଜନଜାତିର ମଣିଷମାନଂକ ପାଇଁ କ୍ଷୁଦ୍ରଗଳ୍ପରେ ଦେଖାଦେଇଛି ସଂବେଦନା ଓ ସହାନୁଭୂତି । ଏହି ଧାରାରେ ସାମିଲ୍ ହୋଇଛନ୍ତି ବହୁ ଗାଳ୍ପିକ । ମାତ୍ର ସେମାନଂକର ପର୍ଯ୍ୟବେକ୍ଷଣ ଶକ୍ତିର ଅଭାବ ଯୋଗୁଁ ଗଳ୍ପଗୁଡ଼ିକ ପାଠକୀୟ ଆଦରଲାଭ କରିପାରିନି । ଗୋପୀନାଥ ମହାନ୍ତି ଏହି ଧାରାରେ ଜଣେ ସଫଳ ସ୍ରଷ୍ଟା । ଯିଏକି ଆଦିବାସୀ ଅଧ୍ୟୁଷିତ ଇଲାକାରେ ରହଣି ଜନିତ ଅନୁଭୂତିକୁ ପାଥେୟ କରି ଗଳ୍ପ ରଚନା କରିଛନ୍ତି । ତାଂକ ଗଳ୍ପଗୁଡ଼ିକରେ

ପରିଲକ୍ଷିତ ହୁଏ ଗଭୀର ଆଂତରିକତାବୋଧ । ଏ ଦିଗରେ ଅନେକ ସ୍ରଷ୍ଟା ପ୍ରୟାସ କରିଥିଲେ ସୁଦ୍ଧା ଏତେଟା ସଫଳତା ପାଇପାରିନାହାନ୍ତି । ସେମାନଂକ ମଧ୍ୟରେ ଭଗବତୀ ଚରଣ ପାଣିଗ୍ରାହୀ, ବାମାଚରଣ ମିତ୍ର, ବିପିନ୍ ବିହାରୀ ମିଶ୍ର, ସୁରେନ୍ଦ୍ର ମହାନ୍ତି, ରାମଚନ୍ଦ୍ର ବେହେରା ଓ ଉମାଶଂକର ପଣ୍ଡା ଅନ୍ୟତମ । ଗୋପୀନାଥ ମହାନ୍ତିଂକ ପରେ ଆଦିବାସୀ ସମାଜକୁ ଅତି ନିକଟରୁ ଅନୁଧ୍ୟାନ କରି ସଫଳ ଭାବେ ନିଜ ଗଳ୍ପରେ ସ୍ଥାନ ଦେଇଥିବା ଅନ୍ୟଜଣେ ସ୍ରଷ୍ଟା ହେଲେ ହୃଷୀକେଶ ପଣ୍ଡା । ଗୋପୀନାଥ ମହାନ୍ତିଂକ ରଚନା ବର୍ଣ୍ଣନାଧର୍ମୀ ମାତ୍ର ଏଦିଗରୁ ଡଃ ପଣ୍ଡା ଖୁବ୍ ସଂକ୍ଷିପ୍ତ । ବାଂଛାନିଧି ଦାଶଂକ ମତରେ- "ଔପନ୍ୟାସିକ ଗୋପୀନାଥ ମହାନ୍ତିଂକୁ ଯେଉଁ ଚିତ୍ର ଅଂକନ କରିବା ପାଇଁ ମୋଟାମୋଟି ଉପନ୍ୟାସ ରଚନା କରିବାକୁ ପଡ଼ିଥିଲା, ସେଇ ଚିତ୍ରକୁ ଏହିପରି ଗୋଟାଏ କ୍ଷୁଦ୍ରଗଳ୍ପ ଭିତରେ ଚିତ୍ରଣ କରିପାରିଛନ୍ତି ହୃଷୀକେଶ ବାବୁ ।" (ଗାଳ୍ପିକ ହୃଷୀକେଶ ପଣ୍ଡା: ଏକ ଭିନ୍ନ ଦୃଷ୍ଟିରେ, ହୃଷୀକେଶୀୟ କଥାଶିଳ୍ପ, ସଂ- ନିତ୍ୟାନନ୍ଦ ଶତପଥୀ, ପୃଷ୍ଠା-୯୫) ଗୋପୀନାଥ ମହାନ୍ତିଂକ ପ୍ରତ୍ୟେକ ଗଳ୍ପ ନୀତି-ଅନୀତି, ଭଲ-ଖରାପର ପ୍ରଖ୍ୟାପକ ଏବଂ ଏଥିରେ ଥାଏ ଆଦିବାସୀମାନଂକର ରୀତିନୀତି, ଚାଲିଚଳଣି ଓ ପର୍ବପର୍ବାଣିର ବର୍ଣ୍ଣନା । କିନ୍ତୁ ହୃଷୀକେଶ ପଣ୍ଡା ଏସବୁ ଦିଗରୁ ବ୍ୟତିକ୍ରମ । ସୀମିତ ବର୍ଣ୍ଣନା ମାଧ୍ୟମରେ ନିଜର ତୀକ୍ଷ୍ଣ ଦୃଷ୍ଟିଭଂଗୀକୁ ସେ ଉପସ୍ଥାପନ କରିଥା'ନ୍ତି । ତାଂକ ଗଳ୍ପରେ ସେ ଆଦିବାସୀମାନଂକର ଆର୍ଥିକ ଦୁଃସ୍ଥିତି, ଶୋଷଣ, ଅସ୍ୱାସ୍ଥ୍ୟକର ପରିବେଶ ଓ ଅନାହାର ଜନିତ ମୃତ୍ୟୁ ଇତ୍ୟାଦି ଅତି ଜୀବନ୍ତ ଭାବେ ରୂପ ଦେଇଛନ୍ତି । ସେମାନଂକ ଉପରେ ହେଉଥିବା ଶୋଷଣ ଓ ଅତ୍ୟାଚାରକୁ ବିରୋଧ କରି ସେମାନଂକର ସ୍ଥାୟୀତ୍ୱ ଉପରେ ଦେଇଛନ୍ତି ଗୁରୁତ୍ୱ ଏବଂ ପାଠକମାନଂକର ଦୃଷ୍ଟି ଆକର୍ଷଣ କରିବା ପାଇଁ କରିଛନ୍ତି ଆପ୍ରାଣ ଉଦ୍ୟମ । ଆଦିବାସୀ ଜୀବନର ଦୁର୍ଦ୍ଦଶା ପୃଷ୍ଠପଟରେ ରାଜନୀତିକ କ୍ରୀଡ଼ାର ସ୍ପଷ୍ଟ ଚିତ୍ର ଲୋକଲୋଚନକୁ ଆଣିଛନ୍ତି ।

ଜୀବନର ପ୍ରତ୍ୟେକ ସ୍ତରରେ ଏହି ନିରୀହ ଆଦିବାସୀମାନେ ଶୋଷିତ । କେତେବେଳେ ସାହୁକାର, ମହାଜନ ଦ୍ୱାରା ତ କେତେବେଳେ ପ୍ରକୃତି ଦ୍ୱାରା । ଶୋଷଣର ଶେଷନାହିଁ ସେମାନଂକ ପାଇଁ । ସମାଲୋଚକ ବିରାଜମୋହନ ଦାସଂକ ଭାଷାରେ, "ପ୍ରକୃତିର ନାନା ବ୍ୟୁପ୍ାତ ଦେବାଦେବୀଂକର ଅସନ୍ତୋଷରୁ ସୃଷ୍ଟି ବୋଲି ସେମାନେ ଧାରଣା ପୋଷଣ କରନ୍ତି । ସେହି ଦେବାଦେବୀଂକର ସନ୍ତୋଷ ବିଧାନ ପାଇଁ ଦରକାର ପାରା, କୁକୁଡ଼ା, ଛେଳି, ମଇଁଷିର ବଳି । ତାକୁ କିଣିବା ପାଇଁ ଆବଶ୍ୟକୀୟ ଅର୍ଥ

ସାହୁକାର ଠାରୁ ଋଣରେ ଆସେ । ସାହୁକାର ଋଣ ବାବଦକୁ ହଜାର ହଜାର ଟଂକାର ଫସଲ ଅଳ୍ପ କେତେ ଟଂକାରେ ନେଇଯାଏ । ଫସଲ ସବୁ ନେଇ ମଧ୍ୟ ଆଦିବାସୀମାନେ ଋଣମୁକ୍ତ ହୋଇପାରନ୍ତି ନାହିଁ । ସାହୁକାର ଘରେ ବିନା ଦରମାରେ ଗୋତି ରହିବାକୁ ବାଧ୍ୟ ହୁଅନ୍ତି । ସାହୁକାର, ମହାଜନଂକ ବ୍ୟତୀତ ଅନ୍ୟ ଦୃଷ୍ଟ ଦେବତା, ଜଂଗଲୀ କର୍ମଚାରୀ, ଜଂଗଲ ଜଗୁଆଳି, ଜମାନ ଆଦିଂକୁ ମଧ୍ୟ ସନ୍ତୁଷ୍ଟ କରିବାକୁ ପଡ଼େ, ଅର୍ଥାତ୍ ଆଦିବାସୀମାନେ ସେମାନଂକ ଦ୍ୱାରା ଶୋଷିତ ହୁଅନ୍ତି । ସେମାନଂକ ମନସ୍ତତ୍ତ୍ୱ ହେଉଛି ସେମାନେ ଯାହାକୁ ଡରନ୍ତି, ତାଂକୁ ମାନନ୍ତି ପୂଜା କରନ୍ତି, ଭୋଗ ଲାଞ୍ଚ ଦିଅନ୍ତି ।'' (ଓଡ଼ିଆ କଥାସାହିତ୍ୟର କେତୋଟି ଦିଗ, ବିରାଜମୋହନ ଦାସ, ପୃଷ୍ଠା-୩) ସଂପ୍ରତି ସାହୁକାର, ମହାଜନ ଓ ଜଂଗଲର ଦୃଷ୍ଟ ଦେବତାଂକ ପରିବର୍ତ୍ତେ ଏହି ସରଳ ମଣିଷମାନେ ଶୋଷିତ ହେଉଛନ୍ତି ରାଜନୀତିକ ବ୍ୟକ୍ତି ଓ ଏହି ଶିକ୍ଷିତ ସମାଜର ମୁଖାପିନ୍ଧା ଭଦ୍ରଲୋକମାନଂକ ଦ୍ୱାରା । ପ୍ରତିବାଦ କରିବାର କୌଣସି ଅଧିକାର ନାହିଁ ଏମାନଂକ ପାଖରେ । ସେଥିପାଇଁ ସମସ୍ତେ ସୁନାପୁଟର ଦିସାରୀ ଓ ସର୍ଗିଗୁଡ଼ାର ଚାଂଗୁ ପରି ସହିଯାନ୍ତି ସମସ୍ତ ଅତ୍ୟାଚାର । ତା'ର ଫଳସ୍ୱରୂପ ପ୍ରେମଶୀଳା ଭୋଇ ପରି ଅନେକ ଲୋକ ବିନା ପ୍ରତିବାଦରେ ଆଦରି ନିଅନ୍ତି ଅନାହାର ମୃତ୍ୟୁକୁ । ମଝିରେ ମଝିରେ ନିଜର ଇଜ୍ଜତ୍ ଓ ଭିଟାମାଟି ପାଇଁ ହିଂସ୍ର ହୋଇଉଠନ୍ତି ଏମାନେ । ଏହି ହିଂସ୍ରତା କ୍ଷଣିକ ଓ ସଭ୍ୟ ସମାଜ ଉପରେ ଏହାର କୌଣସି ପ୍ରଭାବ ନଥାଏ । ତା' ସତ୍ତ୍ୱେ ଭଗବତୀ ଚରଣଂକ ଘିନୁଆ କଟାମୁଣ୍ଡ ଧରି ପହଂଚେ ଥାନାରେ । ସରଳ ନିଷ୍କପଟ ଘିନୁଆ ତା'ର ଅନ୍ଧକାରମୟ ଭବିଷ୍ୟତ ନଜାଣି ପାରି ପୁରସ୍କାର ପାଇଁ ବ୍ୟାକୁଳ । ଘିନୁଆ ପ୍ରତିଶୋଧ ନେଇଛି ନିଜ ସ୍ତ୍ରୀର ଇଜ୍ଜତ୍ ପାଇଁ । ମାତ୍ର 'ସାହାବଦେବତା'ର ଚାଂଗୁ ନିଜ ସ୍ତ୍ରୀ ବଉଳଫୁଲର ଇଜ୍ଜତ୍ ବଦଳରେ ହାତରେ ଟାଂଗିଆ ଧରି ବି କିଛି କରିପାରିନାହିଁ । କାରଣ ତା' ଆଗରେ ବଂଧୁକ ଓ ସମୂହ ଶକ୍ତି । ଚାଂଗୁ ଜିଭ ଲହଲହ କରି ଖାଇବି ଖାଇବି ହେଲା, ଏପଟ ସେପଟ କୁଦାମାରିଲା, ମାଂକଡ଼ ପରି ଡେଇଁଲା, ମାତ୍ର ପରିଶେଷରେ ସେ ଖାଇଲା ଚାବୁକ୍ ପ୍ରହାର । ଆଦିବାସୀମାନଂକର ହିଂସ୍ରତା ଓ ପ୍ରତିଶୋଧପରାୟଣତା ଭିତରେ ଅନୁଭୂତ ହୁଏ ଏକ ପ୍ରକାର ସରଳତା ଓ ନିରୀହତା । କାରଣ ଅତ୍ୟାଚାର ଚରମ ସୀମାରେ ନପହଂଚିଲେ ଏମାନେ ପ୍ରତିବାଦ କରନ୍ତି ନାହିଁ । ପ୍ରତିଶୋଧ ନେବାପରେ ଏମାନଂକ ପ୍ରତିକ୍ରିୟାରେ ପରିଲକ୍ଷିତ ହୁଏ ପାହାଡ଼ ଜଂଗଲର ଶାନ୍ତ ସ୍ୱଭାବ । ଏମାନେ ଶାନ୍ତିପ୍ରିୟ । ଗାଳ୍ପିକ ପଣ୍ଡାଙ୍କ ଗଳ୍ପରେ ମଧ୍ୟ ଏକ

କ୍ଷୀଣ ପ୍ରତିବାଦର ଝଲକ ଦେଖିବାକୁ ମିଳେ । ପ୍ରତିବାଦର କୌଣସି ମୂଲ୍ୟନାହିଁ ଏହି ବୁର୍ଜୁୟା ସମାଜ ପାଖରେ । ସେଥିପାଇଁ 'ଖଣ୍ଡିଆଭୂତ' ଗଳ୍ପର ଶିବ ପରଜାର ପ୍ରତିବାଦ ପାଣି ଫୋଟକା ପରି ମେଳେଇଯାଏ । ପରିଶେଷରେ  ସଭ୍ୟ ସମାଜର ଛଞ୍ଚାଣ ପରି ଶକ୍ତ ପଂଝାରେ ମଡ଼ମଡ଼ କରି ଭାଂଗିଯାଏ ଏମାନଂକ ଅସ୍ତିତ୍ୱ ।

ହୃଷୀକେଶ ପଣ୍ଡା ନିଜର ଦୀର୍ଘଦିନର ପ୍ରଶାସନିକ ଅନୁଭୂତି ଓ ପଶ୍ଚିମ ଓଡ଼ିଶାର ବହୁ ଦିନର ରହଣି ଯୋଗୁଁ ଆଦିବାସୀମାନଂକର ଅନ୍ତରାତ୍ମାକୁ ଠିକ୍‌ଭାବେ ବୁଝିପାରିଛନ୍ତି । ସଭ୍ୟତାର ଆରଂଭରୁ ଏମାନେ ନିର୍ଯ୍ୟାତିତ । ସହରୀ ସଭ୍ୟତା ଓ ଯନ୍ତ୍ର ସଭ୍ୟତାର ବିକାଶ ଏମାନଂକ ପାଇଁ କାଳ ହୋଇଛି । ଆଧୁନିକ ଭାରତ ନିର୍ମାଣ ପାଇଁ ଡୁଡୁମାର ନିର୍ମାଣ, ମାଛକୁଣ୍ଡ ଓ ବାଲିମେଳା ବନ୍ଧ ନିର୍ମାଣ ଓ ଦଣ୍ଡକାରଣ୍ୟ ନିର୍ମାଣ ହୋଇଛି । ଏଥିପାଇଁ ସମସ୍ତ ଅତ୍ୟାଚାର ସହିବାକୁ ପଡ଼ିଛି ଆଦିବାସୀମାନଂକୁ । ଦେଶ ଓ ଜାତିର ଉନ୍ନତି ପାଇଁ ଏମାନେ ତଳିତଳାନ୍ତ ହୁଅନ୍ତି । କେତେବେଳେ ନଦୀବଂଧ ନାଁରେ ତ କେତେବେଳେ କଳକାରଖାନା ନାଁରେ ଏମାନେ ବିସ୍ଥାପିତ ବିସ୍ଥାପିତ ହୁଅନ୍ତି । ଗାଳ୍ପିକଂକ ଭାଷାରେ- "ଲୋକେ ଓ ସେମାନଂକ ବାପାମାନେ ଗତ ତିରିଶ ବର୍ଷଧରି ଠା'କୁ ଠା' ବୁଲି ଏତେ ଥକିଯାଇଥିଲେ ଯେ ଆସନ୍ତା ଦୁଇ ପୁରୁଷ ପର୍ଯ୍ୟନ୍ତ ଆଉଥରେ ଗାଁ ବସେଇବାର ସାମର୍ଥ୍ୟ ହରାଇଥିଲେ । ତା'ଛଡ଼ା ଏଠୁ ଗାଁ ଉଠିଗଲେ କେଉଁଠିକି ଯିବେ, ଆଉଠାଏ ଜାଗା ମିଳିବା ସଂଭବ ନୁହେଁ, ଏବେ ଆଉ ଆଶ୍ରୟ ନେବାକୁ ଜାଗା ନାହିଁ, ସବୁ ଜଂଗଲ ଏବେ କାଗଜକଳ କି କାଜୁବାଦାମ କଂପାନୀ କି ଅଭୟାରଣ୍ୟରେ ।" (ଛଞ୍ଚାଣ, ସାହାବଦେବତା, ପୃଷ୍ଠା-୬) 'ଛତିଶତମ ସାଧାରଣତନ୍ତ୍ର ଦିବସରେ ଜାତି ଉଦ୍ଦେଶ୍ୟରେ ଧାନଫୁଲ ପରଜା ପ୍ରଦତ୍ତ ଅଭିଭାଷଣର ମର୍ମାନୁବାଦ' ଗଳ୍ପରେ ମଧ୍ୟ ପରଜା ଜାତିର ବ୍ୟଥା ଓ  ବେଦନାକୁ ସଫଳ ଭାବେ ରୂପାୟନ କରିଛନ୍ତି ଗାଳ୍ପିକ । ବିଭିନ୍ନ ଆଳରେ ଏମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିର୍ବାସିତ ହୋଇଥା'ନ୍ତି । ସଭ୍ୟତାର ବିକାଶ ପାଇଁ ନିଜର ଘର-ଦ୍ୱାର, ସ୍ତ୍ରୀ, ପିଲାଛୁଆ ସମସ୍ତଂକୁ ହରେଇ ଯନ୍ତ୍ର ସହିତ ଯନ୍ତ୍ର ହୋଇଯା'ନ୍ତି ଏମାନେ । ଏହାର ପ୍ରତିବଦଳରେ 'ଆହା' ପଦେ ଶୁଣିବା ପରିବର୍ତ୍ତେ ଶାରୀରିକ ଓ ମାନସିକ ଭାବେ ନିର୍ଯ୍ୟାତିତ ହୋଇଥା'ନ୍ତି । ଏହାର ଫଳସ୍ୱରୂପ କିଛି ଆଦିବାସୀ ପରିବାର ବାସ୍ତୁହରା ହୋଇଯା'ନ୍ତି, ସେମାନଂକ ଝିଅ-ବୋହୂମାନେ କଂଟ୍ରାକ୍‌ଟର ଓ ବାବୁଭାୟାଂକ ଦ୍ୱାରା ଧର୍ଷିତା, ଅତ୍ୟାଚାରିତା ହୁଅନ୍ତି ତ କେହିକେହି ଆତ୍ମହତ୍ୟା କରନ୍ତି । ଏମାନଂକ ପାଇଁ

ସରକାରଂକର ସମୟ ନଥାଏ । ସେଥିପାଇଁ ସାଧାରଣଲୋକଂକ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗାଳ୍ପିକ ଧାନଫୁଲ ପରଜା ମୁହଁରେ କୁହାଇଛନ୍ତି, "ତା'ହେଲେ ଯେଉଁ ସଭ୍ୟତା ପାଇଁ ଏ ସମସ୍ତ ତ୍ୟାଗ ଓ ବଳିଦାନ, ତାହା କେଉଁଠି ? ଗୋଟାଏ ବି ତ ଭେଣ୍ଡିଆ କି ପିଲାଟାଏ ବର୍ତ୍ତିଲା ନାହିଁ ଷାଠିଏଟା ଘର ଭିତରୁ, ଏ ସଭ୍ୟତା ଦେଖିବାକୁ, ତା'ହେଲେ କ'ଣ ଲାଭ ହେଲା ଏ ସଭ୍ୟତାରୁ ? ମୁଁ ଏ ପ୍ରଶ୍ନଟି ପଚାରୁଛି ଯାହା, ମୋତେ ଭୁଲ୍ ବୁଝିବ ନାହିଁ, ବିପ୍ଳବୀ ବୋଲି ଭାବିବ ନାହିଁ, ପାଗଳୀଟିଏ ବୋଲି ହସରେ ଉଡ଼େଇ ଦେବନାହିଁ । ଖାଲି ଅଳି ଏତିକି ଥରୁଟିଏ ଭାବିବ, ଯିଏ ଯେଉଁଠି ଯାହା କରୁଚ କରୁଥିବା ମଝିରେ ଥରେ ଅଟକି ଯାଇ ମୋ ପାଇଁ ମୁହୁର୍ତ୍ତଟିଏ ଦେବ, ଭାବିବ କ'ଣ ପାଇଁ ଏମିତି ହେଲା ? ହେଲେ ଏକଥା ମୁଁ ଏତେ କହୁଚି କାହାକୁ ଓ କାହିଁକି ? ପବନ କ'ଣ ଏସବୁ ଶୁଣିପାରିବ, ଟାଂଗରା ଧୂସର ପାହାଡ଼ ଉପରେ ପହଁରି ଯାଉଥିବା ପବନ ? ବୋଧେ ନୁହେଁ, ତଥାପି ଆଶାଅଛି କାଳେଯଦି କିଏ ଶୁଣିଦେବ ଓ କ'ଣ ଟିକେ କରିଦେବ ।" (ଛତିଶତମ ସାଧାରଣତନ୍ତ୍ର ଦିବସରେ ଜାତି ଉଦ୍ଦେଶ୍ୟରେ ଧାନଫୁଲ ପରଜା ପ୍ରଦତ୍ତ ଅଭିଭାଷଣର ମର୍ମାନୁବାଦ, ରାଜପୁତ୍ର, ପୃଷ୍ଠା-୧୫)

ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା ଯୋଗୁଁ ଗାଳ୍ପିକ ବୁଝିପାରିଛନ୍ତି ଆଦିବାସୀମାନଂକର ଉନ୍ନତି ପାଇଁ ସରକାର ଉଦାସୀନ । ସେଥିପାଇଁ ଜନସାଧାରଣଂକ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ଉଦ୍ୟମ କରିଛନ୍ତି । ଏକଥା ସତ ଯେ, ଦେଶର ବିକାଶରେ ଶିଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ, ମାତ୍ର ମଣିଷକୁ ବାସଚ୍ୟୁତ କରି, ଦଳିଦଳାନ୍ତ କରି ଶିଳ୍ପାୟନର ପ୍ରତିଷ୍ଠାକୁ ଘୋର ବିରୋଧ କରିଛନ୍ତି ଗାଳ୍ପିକ । ମଣିଷକୁ ତା'ର ହକ୍ ଫେରେଇଦେବାକୁ ଗାଳ୍ପିକ ଅଂଗୀକାରବଦ୍ଧ । ତେଣୁ ତାଂକ ଗଳ୍ପରେ ଦେଖାଯାଏ ବିଦ୍ରୋହର ମନୋଭାବ, କିଛି କରିଦେଖେଇବାର ମନୋଭାବ ଓ ସମାଜକୁ ଚ୍ୟାଲେଞ୍ଜ କରିବାର ମନୋଭାବ । ମାତ୍ର ସେଥିପାଇଁ 'ଜଣ' ଅପେକ୍ଷା 'ଗଣ'ର ଆବଶ୍ୟକତା ବେଶୀ । ସେଥିପାଇଁ ଗଳ୍ପ ମାଧ୍ୟମରେ ସମାଜର ସୁସ୍ଥ ନାଗରିକମାନଂକୁ ଆହ୍ୱାନ କରିଛନ୍ତି ଗାଳ୍ପିକ । ନିର୍ଯ୍ୟାତିତ ଓ ଅତ୍ୟାଚାରିତମାନଂକୁ ସେମାନଂକର ନ୍ୟାଯ୍ୟଦାବି ଫେରେଇ ଦେବାପାଇଁ ପ୍ରୟାସ କରିଛନ୍ତି ଏସ୍. ପ୍ରଜ୍ଞା, ବିମ୍ବାଧର, ଅନାହାର କମିଶନର ଓ ସୁଶାନ୍ତ ପରି ଚରିତ୍ର । ଭୂମିହୀନମାନଂକୁ ଜମି ଫେରେଇଦେବାକୁ ଓ ଶୋଷିତମାନଂକୁ ନିଜର ପ୍ରାପ୍ୟ ଫେରେଇଦେବାକୁ ଏହି ଚରିତ୍ରଗୁଡ଼ିକ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି । କିନ୍ତୁ ପ୍ରତ୍ୟେକ

ପଦକ୍ଷେପରେ ଉପର ସ୍ତରର ହସ୍ତକ୍ଷେପ ଯୋଗୁଁ ଏମାନେ ନିଜ କାର୍ଯ୍ୟରେ ସଂପୂର୍ଣ୍ଣ ସଫଳ ହୋଇପାରିନାହାନ୍ତି । ଏହାଦ୍ୱାରା ଏହି ବିପ୍ଳବୀ ଚରିତ୍ରଗୁଡ଼ିକ ସରକାରଂକ କୋପଦୃଷ୍ଟିର ଶିକାର ହୋଇଛନ୍ତି, ବାରଂବାର ବଦଳି ହୋଇଛନ୍ତି ଓ ପାରିବାରିକ ଅଶାନ୍ତି ଭୋଗିଛନ୍ତି । 'କୋରସ' ଗଳ୍ପର ସୁଶାନ୍ତ ନିଜ ଭବିଷ୍ୟତ ସଂପର୍କରେ ଅବଗତ ଥାଇ ବି ପ୍ରୟାସ ଜାରି ରଖିଛି । ଆଦିବାସୀମାନଂକୁ ଜମି ଫେରେଇଦେବାରେ ସଫଳ ହୋଇଛି, ମାତ୍ର ତତ୍‌କ୍ଷଣାତ୍ ସେ ପାଇଯାଇଛି ବଦଳି ନିର୍ଦ୍ଦେଶ । ତଥାପି ସେ ଶାନ୍ତି ଅନୁଭବ କରିଛି । କି ସୁଂଦର ଅନୁଭୂତି ତା' ଜୀବନର । ବଡ଼ ପାଟିକରି ସୁଶାନ୍ତ ଶୁଣେଇଦେଇଛି ରାୟ । ଆଇନ୍ ଅନୁଯାୟୀ ଏ ଜମି ରଇତମାନଂକ ହାତକୁ ଚାଲିଗଲା । କେହି ବାଧା ସୃଷ୍ଟି କରିପାରିବେ ନାହିଁ । ଏହା ହେଉଛି ଏଷ୍ଟାବ୍ଲିଶମେଣ୍ଟ ବିରୋଧରେ ଗାଲ୍ପିକଂକ ସ୍ୱର ଓ ସର୍ବୋପରି ଜନସାଧାରଣଂକୁ ଜାଗ୍ରତ କରିବା ପାଇଁ ଏକ ବଜ୍ର ଆହ୍ୱାନ । ସମସ୍ତେ ଯଦି ଏହିପରି ସୁଶାନ୍ତମାନଂକୁ ସାହାଯ୍ୟ ନକରିବେ ତା'ହେଲେ ସୁଶାନ୍ତର ସ୍ୱର ପ୍ରତିଧ୍ୱନି ହୋଇ ଫେରିଆସିବ । ଲେଖକଂକ ଭାଷାରେ- "ସଂସାର ନାଟକରେ ଆମ ସୁଶାନ୍ତ ନାୟକ ନୁହେଁ, ପାର୍ଶ୍ୱନାୟକ ନୁହେଁ, ଖଳନାୟକ ହୁହେଁ କି ପ୍ରତିନାୟକ ନୁହେଁ, ସେ କେବଳ କୋରସର ଅଂଶବିଶେଷ । ଚିରଦିନ ଅନ୍ୟମାନଂକ ଗୀତର ପାଳି ଧରିବାକୁ ସେ ବାଧ୍ୟହେବ ଓ ଗହଳିର ଅଦୃଶ୍ୟ ରହିବ ।" (କୋରସ, ସାହାବଦେବତା, ପୃଷ୍ଠା-୨୮)

ଭଗବାନଂକ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ । ସେଥିପାଇଁ ଗାଳ୍ପିକ ମଣିଷକୁ ତା'ର ସ୍ଥିତି ସଂପର୍କରେ ସଚେତନ କରେଇବାକୁ ଚେଷ୍ଟା କରିଛନ୍ତି । ମଣିଷ କେବଳ ଶରୀର ସର୍ବସ୍ୱ ନୁହେଁ ବା ମନ ସର୍ବସ୍ୱ ନୁହେଁ, ମଣିଷର ଏକ ସାମାଜିକ ଓ ସାଂସ୍କୃତିକ ଅସ୍ତିତ୍ୱ ଅଛି । ଧନୀ-ଦରିଦ୍ର, ଉଚ୍ଚ-ନୀଚ ଭେଦରେ ଏହା ସମସ୍ତଂକ ପାଇଁ ସମାନ । କିନ୍ତୁ ସାଂପ୍ରତିକ ମଣିଷ ତା'ର ସ୍ଥିତିକୁ ନେଇ ସଂଦିହାନ । ଏହାର ମୁଖ୍ୟ କାରଣ ଅର୍ଥ । ସାମାନ୍ୟ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ମଣିଷ ହରେଇବସୁଛି ତା'ର ମଣିଷପଣିଆକୁ । ଏଥିପାଇଁ ସେ ତା'ର ନୈତିକତା ଓ ପ୍ରତିଜ୍ଞା ଭୁଲିଯାଏ । 'ଛଞ୍ଚାଣ' ଗଳ୍ପ ଏହାର ଏକ ସଫଳ ଦୃଷ୍ଟାନ୍ତ । ଏକ ବିଦେଶୀ କଂପାନୀ ପେଟ୍ରୋଲିଅମ ଚାଷ ନାଁରେ ଆସି ପହଂଚିଛି ସୁନାପୁଟ ଗାଁରେ । ଯାହାଫଳରେ ସୁନାପୁଟର ନିରୀହ ଅଧିବାସୀମାନେ ପୁଣିଥରେ ବାସଚ୍ୟୁତ ହେବାର ସୂଚନା ପାଇଛନ୍ତି । ଏମାନଂକ ପୂର୍ବପୁରୁଷମାନେ ତିରିଶ ବର୍ଷ ଧରି ଏଣେ ତେଣେ ବୁଲି ଏତେ ଥକି ଯାଇଥିଲେ ଯେ, ଆଉଥରେ ଗାଁ ବସେଇବାର ସାମର୍ଥ୍ୟ ହରେଇଥିଲେ ।

ଗାଁକୁ ରକ୍ଷାକରିବା ଚିନ୍ତାରେ ଦିସାରୀ ରାତିରେ ତାରାକୁ ପଚାରିଲା, ଦିନରେ ସୂର୍ଯ୍ୟକୁ, ପବନକୁ, ଡଂଗରକୁ, ଜଂଗଲକୁ, ଆକାଶକୁ, ପାତଳରେ ଥିବା ଅକଳନ ଦେବାଦେବୀଂକୁ ପଚାରି କିଛି ଆଶା ପାଇଲା ନିଶ୍ଚୟ । କାରଣ ତା' ମୁହଁ ଖରାପରି ଉଜ୍ଜ୍ୱଳ ଦିଶିଲା । ସେ ବୁଝିପାରିଛି ଏମାନେ ଭଲଲୋକ ନୁହଁନ୍ତି । ସରଳ ଦିସାରୀ ସେମାନଂକ ପାଖେ ଗୁହାରୀ ହୋଇ କହିଛି, "ତମର ଠାକୁର ଆଗରେ ପ୍ରତିଜ୍ଞାକର, ଯଦି ତମର ଠାକୁର ଥାଏ, ମୁଁ ତମକୁ ବିରାଟ ସଂପତ୍ତି ଦେଖେଇଦେବି, କିନ୍ତୁ ତମ ଗାଁ ଛାଡ଼ିଦେବ; ଥରେ ବି ଆଉ ଆସିବ ନାହିଁ, ଗୋଟେ ବି ଜମି ନେବ ନାହିଁ । ଯକ୍ଷ ପାଖରୁ ତମେ ଯେତେ ଧନରତ୍ନ ନିଅ, ଆମେ କିଛି କହିବୁ ନାହିଁ, ଧନରତ୍ନ ଆମର ଲୋଡ଼ାନାହିଁ, ସବୁ ଧନରତ୍ନ ନେଇଯାଅ । ହେଲେ ଆମକୁ ଏ ପହ୍ଲାରୁ ତଡ଼ିଦିଅ ନାହିଁ, ଆମର ମୁଣ୍ଡଗୁଞ୍ଜା ଥାନ ଚୋରିକରି ନିଅନାହିଁ ।" (ଛଞ୍ଆଣ, ସାହାବଦେବତା, ପୃଷ୍ଠା-୭)

ବିଦେଶୀମାନେ ପ୍ରତିଜ୍ଞା କଲେ ଓ ବୈଜ୍ଞାନିକ, ଚେନମ୍ୟାନ୍, ଅର୍ଥନୀତିଜ୍ଞ, ଭୂତତ୍ତ୍ୱବିଦ୍, କନସଲଟାଣ୍ଟ୍, ରାଜନୀତିଜ୍ଞ ଓ ଶୋଷକ-ଉତ୍ପୀଡ଼କ ସମସ୍ତେ ଦିସାରୀ ପଛରେ ଚାଲିଲେ । ପେଟ୍ରୋଲିଅମ ଖଣିର ସଂଧାନ ପାଇଲା ପରେ ବୈଜ୍ଞାନିକ ଗୁଣ୍ଡୁଚିମୂଷା ପରି ଶୁଂଘୁଛନ୍ତି, ଭୂତତ୍ତ୍ୱବିଦ୍ ନଇଁପଡ଼ି ହିସାବ କରୁଛନ୍ତି । କାଳେ ଦିସାରୀ ଏହି ପେଟ୍ରୋଲିଅମ ଖଣି କଥା ଆଉ କେଉଁ କଂପାନୀକୁ କହିଦେବ, ତେଣୁ ସେମାନେ ଦିସାରୀକୁ ମାରିଦେଇଛନ୍ତି ଓ ତା ମଲାଦେହ ଚାରିପାଖେ ମଦମାଂସରେ ଉନ୍ମତ୍ତ ହୋଇ, ବିଦେଶୀ ତରୁଣୀ ଚିନ୍ତାରେ ମସଗୁଲ ହୋଇ ନୃତ୍ୟଗୀତରେ ମାତିଛନ୍ତି । ଜାତିପାଇଁ ପ୍ରାଣବଳୀ ଦେଇ ବି ନିଜ ଜାତିକୁ ରକ୍ଷା କରିପାରିନାହିଁ ଦିସାରୀ । ମାତ୍ର ସଭ୍ୟତା ସହ ସମତାଳ ରକ୍ଷା କରି କୋଳାହଳମୟ ହୋଇଯାଏ ସୁନାପୁଟ ପରି ଅନେକ ଗାଁ । ମାତ୍ର ସଭ୍ୟତା ଦେଖିବା ପୂର୍ବରୁ ଛିନ୍‌ଛତ୍ର ହୋଇଯା'ନ୍ତି ଏମାନେ । ସୁନାପୁଟ ହେଉ ବା ସର୍ଗିଗୁଡ଼ା ସବୁଠି ଗଢ଼ିଉଠେ ସହରୀ ସଭ୍ୟତା । ଏହା ହୁଏ ଦେଶ ପାଇଁ ଆଦର୍ଶ ଓ ଏଠିକାର ବାସିଂଦାମାନେ ହୋଇଯା'ନ୍ତି ସଭ୍ୟ ଓ ଆଧୁନିକ । ଏହି ଗାଁଗୁଡ଼ିକ ଦେଶର ଅର୍ଥନୀତିରେ ଆଣେ ମହାନ୍ ବିପ୍ଲବ । ମାତ୍ର, ଯେଉଁମାନଂକ ତ୍ୟାଗର ଭିତ୍ତି ଉପରେ ପ୍ରତିଷ୍ଠା ହୁଏ ଏ ସଭ୍ୟତା, ସେମାନେ ହୋଇଯା'ନ୍ତି ଅସଭ୍ୟ । ଖାଇବାକୁ ଦାନା ଓ ପିନ୍ଧିବାକୁ କନାର ଅଭାବ ସହ ଏମାନେ ହୋଇଯା'ନ୍ତି ବାସ୍ତୁହରା । ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ନିୟନ୍ତାମାନେ ଏହି ସରଳ ଜଂଗଲୀ ମଣିଷମାନଂକ ଠାରୁ ଛଡ଼େଇନିଅନ୍ତି ବଂଚିବାର ସର୍ବନିମ୍ନ

ଆବଶ୍ୟକତାମାନ । ଆଦିବାସୀମାନଂକର ଏହି ସମସ୍ୟାସବୁକୁ ସଫଳ ଭାବେ ଉପସ୍ଥାପନ କରି ପାଠକମାନଂକର ବିଶେଷ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗାଳ୍ପିକ 'ଛଞାଣ' ଗଳ୍ପକୁ ରୂପାନ୍ତରିତ କରିଛନ୍ତି 'ସୁନାପୁଟର ଲୋକେ' ଉପନ୍ୟାସରେ । ଯେଉଁଥିରେ ଗାଳ୍ପିକ ଏହି ନିଃସ୍ୱ ଓ ଅସହାୟ ମଣିଷମାନଂକର ସମସ୍ୟାକୁ ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣନା କରିବାର ସୁଯୋଗ ପାଇଛନ୍ତି ।

ଏହି ପ୍ରତିବାଦହୀନ ମଣିଷମାନଂକର ଅତ୍ୟାଚାରର ଯେପରି ଶେଷନାହିଁ । ନିଜର ଫାଇଦା ହାସଲ କରିବା ପାଇଁ ବୁଦ୍ଧିଜୀବୀମାନେ ଏମାନଂକୁ ନିର୍ଯ୍ୟାତିନା ଦେବା ସହିତ ବହୁ କାର୍ଯ୍ୟରେ ଅସ୍ତ୍ର ରୂପେ ବ୍ୟବହାର କରିଥା'ନ୍ତି । ଏହିପରି ଉଚ୍ଚପଦସ୍ଥ ଅଫିସରମାନଂକର ନିକୃଷ୍ଟ ମାନସିକତାକୁ ଦର୍ଶାଯାଇଛି 'ସାହାବଦେବତା' ଗଳ୍ପରେ । ସର୍ଗିଗୁଡ଼ା ଗାଁରେ ହୋଇଛି ଦେଶିଆ ଲୋକଂକ ଉନ୍ନତି ପାଇଁ ପ୍ରୋଜେକ୍ଟ । ପ୍ରଧାନମନ୍ତ୍ରୀ ଯେଉଁଦିନ ପରିଦର୍ଶନରେ ଆସିବେ ସେଦିନ କିନ୍ତୁ ଦେଶିଆ ଲୋକମାନଂକୁ ଅଡ଼ିଆ ହୋଇଯାଇଥିଲା ଗାଁରୁ ତିନିକୋଶ ଦୂର ପିଚୁରାସ୍ତା ପର୍ଯ୍ୟନ୍ତ । ସେଠି ସେମାନେ ଫୁଲହାର ଧରି ଅପେକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀଂକୁ । ସର୍ଗିଗୁଡ଼ା ଗାଁରେ ସେତେବେଳେ ତିରିଶ ସରିକି ରାଜନୀତିକ କର୍ମୀ ନିଜ ପୋଷାକ କାଢ଼ି ଦେଶିଆଲୋକଂକ ଭୂମିକାରେ ଅଭିନୟ କରୁଥିଲେ । ସେମାନେ ପ୍ରଧାନମନ୍ତ୍ରୀଂକ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଶିଆ ଭାଷାରେ ଦେବା ସହିତ ସରକାରଂକ ପ୍ରଶଂସା କଲେ । ପାଠାଗାର, ସୁଲଭ ମୂଲ୍ୟ ଦୋକାନ, ସ୍କୁଲ୍, ମାଗଣା ଭୋଜନ, ସୌରଶକ୍ତି ଚାଳିତ ପମ୍ପ ଇତ୍ୟାଦି ପାଇଥିବାରୁ କୃତଜ୍ଞତା ଜଣାଇଲେ ଓ ବିଦାୟ ସମୟରେ ଲୋତକ ଝରାଇ ରାଷ୍ଟ୍ରୀୟ ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷଂକ ଦ୍ୱାରା ସଂଯୋଜିତ ବିଦାୟ ସଂଗୀତ ଗାନକରି ମୁଗ୍ଧକଲେ । ଏହାଦ୍ୱାରା ପ୍ରଭାବିତ ହୋଇ ପ୍ରଧାନମନ୍ତ୍ରୀ ଆବଶ୍ୟକୀୟ ଅର୍ଥ ମଂଜୁର କରିଦେଇଗଲେ, ମାତ୍ର ସେ ଅର୍ଥ ପ୍ରୋଜେକ୍ଟ କାମରେ ନଲାଗି ପ୍ରୋଜେକ୍ଟ କରାଉଥିବା ଉପର ସ୍ତରର ଲୋକମାନଂକର ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହୃତ ହେଲା । ଏହାଠାରୁ ବଡ଼ ହୀନମନ୍ୟତା, ଶଠତା, ପ୍ରବଂଚନା ବୋଧହୁଏ ବିରଳ । ସରକାରୀ କର୍ମଚାରୀଂକର ନୀଚ ମନୋବୃତ୍ତିକୁ ପାଠକ ସମ୍ମୁଖରେ ଉନ୍ମୋଚନ କରିଛନ୍ତି ଗାଳ୍ପିକ । "ପ୍ରଧାନମନ୍ତ୍ରୀ ଚାଲିଯିବା ପରେ ଗାଁଲୋକ ଭୂମିକାରେ ଅଭିନୟ କରୁଥିବା ରାଜନୀତିକ ବ୍ୟକ୍ତି ଓ ସରକାରୀ କର୍ମଚାରୀମାନେ ନିଜ ମେକ୍‌ଅପ୍ ଓ ପୋଷାକପତ୍ର ଫୋପାଡ଼ି ଦେଇ ଉନ୍ମତ୍ତ ହେଲେ । ଗାଁଲୋକ ଗାଁକୁ ଫେରିଆସିଲେ ଓ

ଆସ୍ତେଆସ୍ତେ ସବୁ ଡେରା ଉଠିଗଲା ।" (ସାହାବଦେବତା, ସଂ- ସାହାବଦେବତା, ପୃଷ୍ଠା-୧୭୭) ମାତ୍ର ନିରୀହ ଦେଶିଆ ଲୋକମାନେ ଏହି କପଟତାକୁ ବୁଝିନପାରି ଏହାକୁ ସାହାବଦେବତାର କୋପ ବୋଲି ଭାବିଛନ୍ତି । ସାହାବଦେବତାକୁ ସଂତୁଷ୍ଟ କରିବା ପାଇଁ କେତେ ବଳି ପଡ଼ିଛି ଓ ପୂଜା ହୋଇଛି । ଏଥିପାଇଁ ହୋଇଥିବା ଖର୍ଚ୍ଚ ବାବଦର ଟଂକା ପରିଶୋଧ କରିବା ପାଇଁ ଅନେକ ଦେଶିଆ ଯୁବକ ଯୁବତୀ ଗୋତି ହୋଇ ଚାଲିଯାଇଛନ୍ତି । ଏହିପରି ଭାବେ ଥିଲାବାଲାମାନଂକ ଦ୍ୱାରା ବିଭିନ୍ନ ପ୍ରକାରରେ ଶୋଷିତ ହୋଇଛନ୍ତି ଦଶରଥ ଓ ଶିବପରଜା ପରି ଚରିତ୍ର, ସେମାନଂକ ସୁବିଧା ଓ ସ୍ୱାର୍ଥସାଧନ ପାଇଁ ବ୍ୟବହୃତ ହୋଇଛନ୍ତି ସର୍ଗିଗୁଡ଼ାର ସରଳ ଲୋକମାନେ, ରାଜନୀତିକ ଛକାପଂଝାରେ ମୃତ୍ୟୁବରଣ କରୁଛନ୍ତି ଅନେକ ପ୍ରେମଶୀଳା ଭୋଇ, ଆକ୍ରୋଶର ଶିକାର ହେଉଛନ୍ତି ଏସ୍. ପ୍ରଜ୍ଞା, ବିମ୍ବାଧର, ସୁଶାନ୍ତ ପରି ପ୍ରଶାସନିକ ଅଫିସର ଓ ସେମାନଂକ ହାସ୍ୟରସର ଖୋରାକ ହେଉଛନ୍ତ 'କୁନୁମୁନୁ' ଗଳ୍ପର ଖାଲିପିଲା ପରି ଚରିତ୍ର ।

ଶିକ୍ଷିତ କଂଧଯୁବକ ଦଶରଥର ଦୁର୍ଦ୍ଦଶାର କାହାଣୀ 'ରାଜପୁତ୍ର' ଗଳ୍ପ । ଦଶରଥ ପଢୁଥିଲାବେଳେ ସାଂଗ ପିଲାମାନେ ତା'କୁ ବ୍ୟଙ୍ଗ କରି କହୁଥିଲେ, ତମର କ'ଣ ଅଛି, ତମେ ତ ସରକାରଂକ ବ୍ରାହ୍ମଣ ପୁଅ । କଲେଜ ଲେକ୍‌ଚରର୍ କହୁଥିଲେ, ତମର ତ ଚାକିରି ଥୁଆ । ଏହି କହିବା ଭିତରେ ଆଦିବାସୀ ଜନଜାତି ପ୍ରତି ପିଲାମାନଂକର ଥିଲା କ୍ରୋଧ, ଘୃଣା ଓ ମାଷ୍ଟ୍ରଂକର ଥିଲା ହେୟଭାବ । ଆର୍ଥିକ ପରିସ୍ଥିତି ଖରାପ ଥିବାରୁ ସେ ଆଉ ପାଠ ପଢ଼ିପାରିନାହିଁ । ସେଥିପାଇଁ ଭାବିଛି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜରେ ନାମ ଲେଖେଇ ଚାକିରି କରିବ । ମାତ୍ର ପ୍ରଶାସନିକ ସ୍ତରରେ ଅର୍ଥ କାରବାର ଯୋଗୁଁ ସେ ଚାକିରି ପାଇନାହିଁ । ଚାକିରି ଲୋଭରେ ଲାଂଚ ଦେବାପାଇଁ ସେ ନିଜର ଜମିବାଡ଼ି ଓ ପୋଢ଼ ମଧ୍ୟ ବିକ୍ରି କରିଦେଇଛି । ଦଶରଥ ଚାହିଦା ମୁତାବକ ଅର୍ଥ ଦେଇ ନପାରିବାରୁ ଅଫିସରମାନେ ଆଦିବାସୀ ସ୍ଥାନରେ ଅଣଆଦିବାସୀ ଯୁବକମାନଂକ ଠାରୁ ପ୍ରଚୁର ଅର୍ଥନେଇ ଚାକିରି ଦେଇଛନ୍ତି । ଦଶରଥର ଚାକିରି ନହେବାରୁ ସେ ସେହି ଦାୟିତ୍ୱରେ ଥିବା କଂଧ ଅଫିସରଂକୁ ପଚାରିଛି- "ଆପଣ ନିଜେ ଆମ ଜାତିଲୋକ ହେଇ ଏମିତି କଲେ ?" ଅଫିସର ଉତ୍ତର ଦେଇଛନ୍ତି- "ତୁମେ ପିଲାଲୋକ, ଏପରି ଜାତିଆଣ ଭାବ ରଖିବା ଠିକ୍ ହେଉଛି କି ? ଭାରତ ଗୋଟିଏ ଦେଶ, ସେଠି ଅନେକ ଧର୍ମ, ଅନେକ ଜାତି, ଆମକୁ ସବୁଆଡୁ ଦେଖି ଚଳିବାକୁ ପଡ଼ିବ । ନୁହଁ କି ?" (ରାଜପୁତ୍ର, ସଂ- ରାଜପୁତ୍ର, ପୃଷ୍ଠା-୬୯)

ଏଠାରେ ପ୍ରଶାସନିକ ସ୍ତରରେ ହେଉଥିବା ଦୁର୍ନୀତି ଓ ଲାଂଚ କାରବାରକୁ ଦୃଢ଼ଭାବେ ବିରୋଧ କରିଛନ୍ତି ଗାଳ୍ପିକ । କଥାରେ ଅଛି 'ସ୍ୱଜାତି ପରହିଂସକ' । ସେହି ନ୍ୟାୟରେ ଏଠାରେ ଏକ କଂଧ ଯୁବକର ଉନ୍ନତିରେ ବାଧକ ହୋଇ ଠିଆହୋଇଛନ୍ତି ସେହି ସଂପ୍ରଦାୟର ଜଣେ ପଦସ୍ଥ ଅଫିସର । ଏହିପରି ସମସ୍ୟାକୁ ଉପଜୀବ୍ୟ କରି ଗୋପୀନାଥ ମହାନ୍ତି ଲେଖିଥିଲେ 'ଅପହଂଚ' ଉପନ୍ୟାସ । ଗୋପୀନାଥ ମହାନ୍ତି ସାମାଜିକ ନୀତି ନିୟମକୁ ଗୁରୁତ୍ୱ ଦେଉଥିବାରୁ ଅର୍ଥ ଓ ପ୍ରତିପତ୍ତି ପାଇଁ ନିଜ ଗୋଷ୍ଠୀରୁ ଓହରି ଯାଇଥିବା ବୀମାକଂଧର ପୁଅ କେ. ଟିମାୟା ଦୋରା, ନିଜ ଭୁଲ ବୁଝିପାରି ସମଗୋତ୍ରୀୟ ହୋଇପାରିଛି । ମାତ୍ର 'ରାଜପୁତ୍ର' ଗଳ୍ପରେ ଅଫିସରମାନଂକର ନା ଅଛି ଅନୁଶୋଚନା ନା ନିଜ ଜାତିପାଇଁ ଅନୁକଂପା । ତେଣୁ ଦଶରଥ ଅନ୍ୟାୟ କ'ଣ ଉପଲବଧି କରି ମଧ୍ୟ ପ୍ରତିବାଦହୀନ ଏବଂ ପ୍ରତିବାଦ କରି ମଧ୍ୟ 'ଖଣ୍ଡିଆଭୂତ' ଗଳ୍ପର ଶିବପରଜାକୁ ହୀନସ୍ତା ହେବାକୁ ପଡ଼ିଛି ।

ବ୍ୟକ୍ତିଗତ ଲାଭପାଇଁ ସରକାରୀ କର୍ମଚାରୀମାନେ ବିଭିନ୍ନ ପ୍ରକାର ଆଦିବାସୀ କଲ୍ୟାଣ ଯୋଜନା ପ୍ରସ୍ତୁତ କରନ୍ତି । ଏଥିପାଇଁ ପ୍ରସ୍ତୁତ ହୁଏ ବିଭିନ୍ନ ପ୍ରକାର ନିୟମ । ଏଥିରେ ନିହିତ ଥାଏ ସେମାନଂକର ରାଜନୀତିକ ପ୍ରଚାର ଓ ଅର୍ଥଚିଂତା । 'ଖଣ୍ଡିଆଭୂତ' ଗଳ୍ପରେ ସରକାର ଠିକ୍ କରିଛନ୍ତି ଧାନ ଦର ଟଂକାଏ ଚାଳିଶ । ଅନେକ ଆଶାନେଇ ଶିବ ପରଜା ମିଲରେ ପହଂଚିଲା । ଶିବ ମୁଣ୍ଡରେ ଚଢ଼ନ୍ତା ଖରା । କାଲିର ସଲପ ନିଶା ବି ବଢୁଛି । ସାମ୍ନାରେ ମିଲବାଲା ଛିଡ଼ା ହୋଇଛି ସଭ୍ୟତାର ପ୍ରତୀକ ପରି । ମେସିନ୍ ପରି କର୍ମବ୍ୟସ୍ତ ଲୋକମାନେ । ସରକାର ନିୟମକୁ ଉପେକ୍ଷା କରି ମିଲବାଲା କହୁଛି ଧାନ ଦର ଟଂକାଏ । ନିୟମ କେବଳ ଗରିବ ଲୋକଂକ ପାଇଁ, ତଳଶ୍ରେଣୀୟ ଲୋକଂକ ପାଇଁ, ବାବୁଭାୟାମାନେ ଏଥିରୁ ବ୍ୟତିକ୍ରମ । ଶିବ ପ୍ରତିବାଦ କରୁଛି, ନେହୁରା ହେଉଛି । ଶିବ ମୁଣ୍ଡରେ ଖଣ୍ଡିଆଭୂତ । "ଶିବ ମୁଠାଏ ଧାନ ବସ୍ତାରେ ଅଜାଡ଼ିଲା । ଦେ ବା କାହିଁକି ମୋତେ ଦେବୁ ନାହିଁରେ? ସମସ୍ତଂକୁ ଠକିଲୁ, ମୋତେ ବି ଠକିବୁ ! ତୁ ଏତେବଡ଼ ବାବୁଟାଏ, ତୋର ଏତେ ପଇସା, କାହିଁକି ମୋତେ ଦେବୁ ନାହିଁ?" (ଖଣ୍ଡିଆଭୂତ, ସାହାବଦେବତା, ୨ୟ ସଂସ୍କରଣ-୧୯୯୭, ପୃଷ୍ଠା-୧୩୦) ଶିବ ପ୍ରତିବାଦ କରିଛି, ଧାନ ବିକ୍ରି ନକରି ଫେରିଆସିଛି । ମାତ୍ର ପର ମୁହୂର୍ତ୍ତରେ ଏସବୁ ନିଜ ଦୋଷ ବୋଲି ସ୍ୱୀକାର କରିଛି । କାରଣ ସେ ଭୟ କରିଛି ରାଜନୀତିକ ଲୋକଂକୁ ଓ ସେମାନଂକର ଶକ୍ତିକୁ ।

ଏହିପରି ଭାବେ ବିଭିନ୍ନ ପ୍ରକାରରେ ଚାପ ସୃଷ୍ଟି କରିଥା'ନ୍ତି ସରକାରୀ କର୍ମଚାରୀମାନେ ଏହି ନିରୀହଲୋକଂକ ଉପରେ । ଯାହା ଫଳରେ ଆଦିବାସୀମାନେ ମଥାପାତି ସହିଯା'ନ୍ତି ସମସ୍ତ ଅତ୍ୟାଚାର ।

ଗାଳ୍ପିକ ପଣ୍ଡାଙ୍କର ପ୍ରଥମ ଆଦିବାସୀ ଗଳ୍ପ 'ସିସିଫସ ଓ ବୋଣ୍ଡା' ଠାରୁ ଆରଂଭ କରି 'ସାହାବଦେବତା' ପର୍ଯ୍ୟନ୍ତ ଗଳ୍ପ ସବୁକୁ ଅନୁଧ୍ୟାନ କଲେ ତାଂକ ଗଳ୍ପ ଲେଖିବାର ଏକ କ୍ରମିକ ଉତ୍ତରଣ ଅନୁଭୂତ ହୁଏ । ଏହି ଧାରାଟି ପରିପକ୍ୱତା ଲାଭ କରିଛି 'ମିଛଖୁସି, ସତଦୁଃଖ' ସଂକଳନରେ । ତିନୋଟି ଦୀର୍ଘ ଗଳ୍ପକୁ ନେଇ ଏ ସଂକଳନଟି ପୁଷ୍ଟି ହୋଇଛି । ଆଲୋଚ୍ୟ ପୁସ୍ତକରେ ଅବକ୍ଷୟଗ୍ରସ୍ତ ସାମାଜିକ ମୂଲ୍ୟବୋଧ ସହ ସତ୍ୟ ସଂଘର୍ଷର ଚିତ୍ର ପ୍ରତିଫଳିତ । ତିନୋଟି ମୁଖ୍ୟ ଚରିତ୍ର ଯଥା- ଏସ୍. ପ୍ରଜ୍ଞା, ବିମ୍ବାଧର ଓ ଅନାହାର କମିଶନର ଗାଳ୍ପିକଂକ ଅତି ଅଂତରଂଗ ହୋଇଥିବା ବେଳେ ସେମାନେ ସମସ୍ତେ ଏହି ସ୍ଖଳିତ ମୂଲ୍ୟବୋଧର ପରିପନ୍ଥୀ । ଏହି ଗଳ୍ପଗୁଡ଼ିକର ଅନ୍ତଃସ୍ୱର ସମାନ ଥିଲେ ହେଁ କାହାଣୀରେ ଦେଖାଯାଏ କିଛିଟା ପରିବର୍ତ୍ତନ । ପ୍ରଥମ ଗଳ୍ପ 'ମିଛଖୁସି ସତଦୁଃଖ'ରେ ସାଁପାହାର କଂପାନୀର ଅନୁସଂଧାନ, ଦ୍ୱିତୀୟ ଗଳ୍ପ 'ବାରୁଆଳି ଗାଁରେ କାଜୁବାଦାମ ଚାଷ ଓ ବିମ୍ବାଧରର ଭାଗ୍ୟ'ରେ କାଜୁବାଦାମ ଚାଷର ସର୍ବେକ୍ଷଣ ଓ ତୃତୀୟ ଗଳ୍ପ 'ଅନାହାର କମିଶନଂକ ଏକ ରିପୋର୍ଟ'ରେ ପ୍ରେମଶୀଳା ଭୋଇର ଅନାହାର ଜନିତ ମୃତ୍ୟୁର ତଦଂତ ହେଉଛି ଏହି ଗଳ୍ପଗୁଡ଼ିକର ବିଷୟବସ୍ତୁ । ଏହି ଦାୟିତ୍ୱ ସଂପାଦନ କରିଛନ୍ତି ଉପରୋକ୍ତ ତିନୋଟି ଚରିତ୍ର । ସର୍ବଦା ସତ୍ ପଥରେ ଥାଇ ନିର୍ଭୁଲ୍ ତଥ୍ୟ ପ୍ରଦାନ କରିବାକୁ ଯାଇ ଏହି ସରକାରୀ କର୍ମଚାରୀମାନେ ସରକାରଂକ ଆକ୍ରୋଶର ଶିକାର ହୁଅନ୍ତି । "ଯାବତୀୟ ଅନୁଶାସନର ଅନୁପାଳନ ମଧ୍ୟରେ ଅଣନିଶ୍ୱାସୀ ହୋଇଉଠେ ସରକାରୀ କର୍ମଚାରୀଟିଏ । ହାତରେ ଅମାପ କ୍ଷମତା ଥାଇ ବି ଅନେକ ସମୟରେ ଅସହାୟ ହୋଇଉଠେ ଜୀବନ । ଚାକିରି ନୁହେଁ ତ ଏକ ପ୍ରକାର ବଂଦୀ ଜୀବନ । ଦୀର୍ଘ ଚାକିରି ଜୀବନର ସମସ୍ତ ତିକ୍ତ ଅନୁଭୂତିକୁ ଚୁପ୍‌ଚାପ୍ ସହିଯିବାକୁ ହୁଏ କଇଁଛଟିଏ ଭଳି । ଅହରହ ସଂତୁଳିତ ହେବାକୁ ହୁଏ ଦୁଷ୍ଚିନ୍ତା ଓ ଦୁର୍ଭାବନାରେ । ଶାସକୀୟ ଔଦ୍ଧତ୍ୟ ବେଳେବେଳେ ଏଭଳି ମାର୍ମିକ ଆତ୍ମପୀଡ଼ନର କାରଣ ହୋଇପଡ଼େ ଯେ, ବିଚରା କର୍ତ୍ତବ୍ୟନିଷ୍ଠ କର୍ମଚାରୀଟି ଅକୁହା ଯନ୍ତ୍ରଣାରେ ଆକ୍ତାମାକ୍ତା ହୋଇଉଠେ । ମନ ଭିତରେ ଗୁମୁରି ଉଠୁଥିବା ବିଦ୍ରୋହର ସ୍ୱରକୁ ଆକଟ କରିବସେ ଚାରିପାଖର ଆଦର୍ଶ ଅନୁଶାସନ । ଚୁପ୍‌ଚାପ୍ ସହିଯିବାକୁ ହୁଏ ସବୁ

ନିର୍ଯ୍ୟାତନାକୁ 'କୁରୁସଭାର ବିବସ୍ତ୍ରା ଦ୍ରୌପଦୀ ଭଳି ।'' (ପ୍ରଗତିବାଦୀ, ଚର୍ଚ୍ଚା- ପ୍ରସନ୍ନ ମହାନ୍ତି, ମାର୍ଚ୍ଚ ୧୨, ୨୦୦୬) ଏହିପରି ଭାବେ ନିଜ ପ୍ରଶାସକ ଜୀବନର ଅଂଗେ ନିଭେଇଥିବା କିଛି ଘଟଣାକୁ ନେଇ ରଚିତ ହୋଇଛି ଗାଳ୍ପିକଂକର ଏହି ଉଚ୍ଚକୋଟୀର ଗଳ୍ପ ସଂକଳନଟି ।

ପ୍ରଥମ ଗଳ୍ପ 'ମିଛଖୁସି ସତଦୁଃଖ'ରେ ପ୍ରତିବେଶୀ ରାଜ୍ୟର ଭଂଗାପାହାଡ଼ କଂପାନୀର ମିଥ୍ୟା ପ୍ରତିଶ୍ରୁତି, ସୁବର୍ଣ୍ଣ ପ୍ରଦେଶ ରାଜ୍ୟରେ ଥିବା ଉନ୍ନତ ମାନର ଲୁହା ପଥର ଖଣି ଓ ଖାଦାନକୁ ନିଜର ଅର୍ଥନୈତିକ ବିକାଶରେ ସାମିଲ୍ କରିବା ସହିତ ଏହି ରାଜ୍ୟର ଉଚ୍ଚପଦସ୍ଥ ନେତା ଯଥା- ୱାଲିଠାରୁ ଆରଂଭ କରି ଖାଦନାଇ ପର୍ଯ୍ୟନ୍ତ ସମସ୍ତଂକୁ ଆପ୍ୟାୟିତ କରି ସୁବର୍ଣ୍ଣ ପ୍ରଦେଶକୁ ଦାରିଦ୍ର୍ୟର ଜନ୍ତା ଭିତରକୁ ଠେଲି ଦେଇଛି । ଯାହାର ଫଳସ୍ୱରୂପ ସୁବର୍ଣ୍ଣ ପ୍ରଦେଶର ସାଁପାହାର କଂପାନୀ ଦୁର୍ଦ୍ଦଶାର ଚରମ ସୀମାରେ ପହଂଚିଛି । ଏହାକୁ ବ୍ୟଙ୍ଗାତ୍ମକ ଭାବେ ବର୍ଣ୍ଣନା କରିବାକୁ ଯାଇ ଗାଳ୍ପିକ କହନ୍ତି- ''କାରଖାନା କ୍ଷତିରେ ଚାଲୁଥିବାରୁ ସମସ୍ତେ ପୁଣି ଖୁସିରେ ରହିଲେ ।'' (ମିଛଖୁସି, ସତଦୁଃଖ, ୨ୟ ସଂସ୍କରଣ, ପୃଷ୍ଠା-୧୮) ଏହି ପରିସ୍ଥିତିରେ ସାଁପାହାର ଲୁହା କାରଖାନା ସଂଭାଳିବା ପାଇଁ ଏସ୍. ପ୍ରଜ୍ଞାକୁ ଦାୟିତ୍ୱ ଦିଆଗଲା । ଗତାନୁଗତିକ ଶାସନ ଧାରାରୁ ଏହି ପ୍ରଶାସକ ଜଣକ ବ୍ୟତିକ୍ରମ ହୋଇଥିବାରୁ ସାଁପାହାର କଂପାନୀର ଉନ୍ନତି ହେଲା । ମାତ୍ର ଏହାଦ୍ୱାରା ଉଗ୍ରେସନ, ଖାଦନାଇ ପ୍ରଭୃତି ପ୍ରତିଷ୍ଠିତ ଚରିତ୍ରମାନଂକର ଲୋକପ୍ରିୟତା ହ୍ରାସ ପାଇବାରୁ ସେମାନଂକର କୁଚକ୍ରାନ୍ତରେ ପେଷି ହୋଇଗଲା ଏସ୍. ପ୍ରଜ୍ଞା ଓ ତା'ର ଆଦର୍ଶର ସାଁପାହାର କଂପାନୀ । ଏଠାରେ ଏସ୍. ପ୍ରଜ୍ଞା ଆଦର୍ଶ ଶାସନ ବ୍ୟବସ୍ଥାର ପ୍ରତୀକ । ଘଟଣାର ପଚାଶ ବର୍ଷ ପରେ ପ୍ରଶାସକ ହିସାବରେ ନିଜର ରିପୋର୍ଟ ପ୍ରଦାନ କଲାବେଳେ ଏସ୍. ପ୍ରଜ୍ଞା ଦୁଇଟି ଗଳ୍ପର ଅବତାରଣା କରିଛି । ପ୍ରଥମ ଗଳ୍ପଟି ଧର୍ମ ଓ ଲକ୍ଷ୍ମୀଙ୍କୁ ନେଇ ଓ ଦ୍ୱିତୀୟ ଗଳ୍ପଟି କୌଣସି ଏକ ରାଜପୁତ୍ରର ଜଣେ ଗରିବ ଲୋକର କନ୍ୟାକୁ ଉପଭୋଗକୁ ନେଇ । ଏସ୍. ପ୍ରଜ୍ଞା ଅନୁସାରେ ଦ୍ୱିତୀୟ ଗଳ୍ପଟିର ସିଦ୍ଧାନ୍ତ ଗ୍ରହଣଯୋଗ୍ୟ । ଏଠାରେ ରାଜପୁତ୍ରଟି ସାଂପ୍ରତିକ ଶାସନ ବ୍ୟବସ୍ଥା ସହ ସାଦୃଶ୍ୟ ରଖେ । କାରଣ ରାଜପୁତ୍ର ହୋଇଥିବାରୁ ଯେକୌଣସି କନ୍ୟାକୁ ଉପଭୋଗ କରିବା ତା'ର ଅଧିକାର ଅନ୍ତର୍ଭୁକ୍ତ ଓ ଏଥିରେ କାହାରି କିଛି କହିବାର ନାହିଁ । ଏହି ପୂତିଗନ୍ଧମୟ ଶାସନ ବ୍ୟବସ୍ଥା ଓ ଚରିତ୍ରହୀନ ସରକାରୀ କର୍ମଚାରୀମାନଂକୁ ସମାଲୋଚନା କରିବାକୁ ଯାଇ ଗାଳ୍ପିକ

ଲେଖିଛନ୍ତି- "ଏହି ଦୁଇଟି କାହାଣୀରୁ ଆମେ ଦ୍ୱିତୀୟ କାହାଣୀକୁ ଆଦର୍ଶ ପ୍ରଶାସନର ନଜିର ରୂପେ ନେଉଛୁ । କାରଣ ଯଦି ଆମେ ପ୍ରଜ୍ଞାକୁ କ୍ଷମାଦେଉ, ତାହେଲେ ଶହଶହ ପ୍ରଜ୍ଞା ଜନ୍ମନେବେ । ଆମର ଆଧିପତ୍ୟ, ଅଧିକାର ବା ସମ୍ମାନ ରହିବ ନାହିଁ । ଆମର ସମ୍ମାନ ନରହିଲେ ଗଣତନ୍ତ୍ରର ସମ୍ମାନ ରହିବ ନାହିଁ, ଗଣତନ୍ତ୍ର ହିଁ ରହିବ ନାହିଁ । ଗଣତନ୍ତ୍ର ନରହିଲେ ଏକଛତ୍ରବାଦ ଶାସନ ପ୍ରଚଳିତ ହେବ । ଯଦି ଏକଛତ୍ରବାଦ ଶାସନ ଜାରି ହେବ, ତା'ହେଲେ ଅନ୍ତତଃ ଆମ ପରି ଲୋକଂକ ଆଧିପତ୍ୟ ଜାରିହେଉ; ଅନ୍ୟାୟ ହେଉ ପଛେ ଏହା ଆମପରି ଲୋକଂକ ଦ୍ୱାରା ସାଧିତ ହେଉ । ଯେହେତୁ ଆମେ ଲୋକପ୍ରିୟ, ଆମର ନ୍ୟାୟ ଓ ଅନ୍ୟାୟ କରିବାର ଅଧିକାର ରହିଛି ।" (ସେଇବହି, ପୃଷ୍ଠା-୪୨) ସଂପ୍ରତି ଦେଶରେ ସୃଷ୍ଟି ହୋଇଥିବା କଳୁଷିତ ରାଜନୀତିର ପ୍ରାଦୁର୍ଭାବ ଯୋଗୁଁ କର୍ତ୍ତବ୍ୟନିଷ୍ଠ ଅଫିସରମାନେ ପଥଭ୍ରଷ୍ଟ ହୋଇଯାଉଛନ୍ତି । ଯାହାଫଳରେ ଅରାଜକତା ଦେଖାଦେବା ସହିତ ଗରିବ ଲୋକମାନେ ନିଷ୍ପେଷିତ ହେଉଛନ୍ତି । ଏହାପରେ ଏହିପରି ସମସ୍ୟାର କିପରି ସମାଧାନ ହେବ ତା'ର ସିଦ୍ଧାନ୍ତ ନେବେ ପାଠକସମାଜ ଓ ସାଧାରଣ ଜନତା । ସେମାନେ ଏହିପରି ସ୍ଖଳିତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସାହାଯ୍ୟ କରିବେ ନା ଶହଶହ ପ୍ରଜ୍ଞାଙ୍କୁ ଜନ୍ମଦେବେ ।

ଗାଳ୍ପିକ ପଣ୍ଡାଙ୍କର ଅନ୍ୟ ଦୁଇଟି ଗଳ୍ପ ସମଧର୍ମୀ । 'ବାରୁଆଳି ଗାଁରେ କାଜୁବାଦାମ ଚାଷ ଓ ବିମ୍ବାଧରର ଭାଗ୍ୟ' ଓ 'ଅନାହାର କମିଶନରଙ୍କ ଏକ ରିପୋର୍ଟ' ଗଳ୍ପ ଦୁଇଟିର ମୁଖ୍ୟ ବିଷୟବସ୍ତୁ ତଦନ୍ତ । ଗୋଟିଏରେ କାଜୁବାଦାମ ଚାଷର ଓ ଅନ୍ୟଟିରେ ଅନାହାର ଜନିତ ମୃତ୍ୟୁର ତଦନ୍ତ । ପ୍ରଥମ ଗଳ୍ପର ବିମ୍ବାଧର ପରବର୍ତ୍ତୀ ଗଳ୍ପରେ ଅନାହାର କମିଶନର ରୂପେ ରୂପାନ୍ତରିତ । ଏଠାରେ ସରଳ ଆଦିବାସୀମାନେ ନୂଆ ଶୈଳୀରେ ହୋଇଛନ୍ତି ଶୋଷିତ ଓ ନିର୍ଯ୍ୟାତିତ । ସମସ୍ତଂକ ସାହାଯ୍ୟ ସହଯୋଗ ବିନା ବିମ୍ବାଧର ବା ତଦନ୍ତ କମିଶନରମାନେ ଏହି ସବୁ ସମସ୍ୟାର ସ୍ଥାୟୀ ସମାଧାନ କରିପାରିବେ ନାହିଁ । କାରଣ ତାଂକ ସାମ୍ନାରେ ଅଛନ୍ତି ଭବାନୀଶଂକର, ଶ୍ରୀପତି ଦାସ, ଜଳନ୍ଧର ଓ ଜାହାଙ୍ଗୀର ପରି ଶକ୍ତିଶାଳୀ ଚରିତ୍ର । ଯେଉଁମାନଂକ ପଛରେ ଅଛି ସରକାରଂକ ପୂର୍ଣ୍ଣ ସମର୍ଥନ । ସଂପ୍ରତି ଏମାନେ ହେଲେ ଏଷ୍ଟାବ୍ଲିସମେଣ୍ଟର ପ୍ରତୀକ । ଯେଉଁମାନଂକ ଦ୍ୱାରା ସ୍ଥିତପ୍ରଜ୍ଞ, ବିମ୍ବାଧର ବା ଅନାହାର କମିଶନରମାନେ ପ୍ରତାରିତ ।

'ବାରୁଆଳି ଗାଁରେ କାଜୁବାଦାମ ଚାଷ ଓ ବିମ୍ବାଧରର ଭାଗ୍ୟ' ଗଳ୍ପରେ ବିମ୍ବାଧର କାଶୀନଗର ଅଂଚଳରେ କାର୍ଯ୍ୟରେ ଯୋଗଦେବା ବେଳକୁ ବାରୁଆଳି ଗାଁର ଷୋହଳଟି ଆଦିବାସୀ ପରିବାରଂକ ସାଢ଼େ ଚଉରାଳିଶ ଏକର ଚାଷ ଜମିକୁ କୌଶଳ କରି ତତ୍କାଳୀନ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ରାଜସ୍ୱ ଅଫିସର ଇତ୍ୟାଦି ନିଜ ନିଜ ନାଁରେ କରିନେଇଛନ୍ତି ଓ ଆଦିବାସୀମାନଂକୁ ଚୁକ୍ତି ଅନୁସାରେ ପ୍ରକୃତ ଅର୍ଥ ଦେଇନାହାନ୍ତି । ତେଣୁ ଗାଁ ନାଇକ ବାଲାରାଜୁ ବିମ୍ବାଧର ପାଖକୁ ଗୁହାରି କରିବାକୁ ଆସିଛି । ବିମ୍ବାଧର ଘଟଣାର ଗୁରୁତ୍ୱ ଉପଲବ୍ଧି କରିବା ସହିତ ଅନୁସଂଧାନ ଆରଂଭ କରିଛି । ସେ ଯେଉଁ ଅଂଚଳକୁ ଯାଇଛି ସବୁଠି ଦେଖିଛି ସମସ୍ୟା । ଆଦିବାସୀମାନଂକୁ ଯେ ସୁପରିକଳ୍ପିତ ଭାବେ ଶୋଷଣ କରାଯାଇଛି, ତାହା ଜାଣି ସେ ଖୁବ୍ ଦୁଃଖିତ । ଗାଳ୍ପିକଂକ ଭାଷାରେ, "ଗୋଟେ ଅପନ୍ତରା ଗାଁର ଜମିକୁ ଜିଲ୍ଲାପାଳ, ଜିଲ୍ଲା ପ୍ରଶାସନ, ସ୍ୱେଚ୍ଛାସେବୀ ସଂଗଠନମାନେ ନେଇଯିବେ, ଗୋଟେ ଗାଁକୁ ଉଚ୍ଛନ୍ନ କରିଦେବେ, ତାହା ପୁଣି ସ୍ୱାଧୀନତା ପ୍ରାପ୍ତିର ଛୟାଳିଶ ବର୍ଷ ପରେ, ଏକଥା ଭାବି ତା' ଆଖିରେ ଲୁହ ଆସିଲା ।" (ସେଇବହି, ପୃଷ୍ଠା-୫୫) ବିମ୍ବାଧର ଜାଣେ ଯେ ସେ ଏକା ଏହାର ସ୍ଥାୟୀ ସମାଧାନ କରିପାରିବ ନାହିଁ । ତଥାପି ଜଣେ ସଚ୍ଚୋଟ ଅଫିସର ଭାବେ ସେ ଚୁପ୍ ରହିପାରିନାହିଁ । ନିଜର କଠୋର ପରିଶ୍ରମ ବଳରେ ସେ ଷୋହଳ ଜଣଂକ ଭିତରୁ ତେର ଜଣଂକୁ ଜମି ଫେରେଇବାରେ ସକ୍ଷମ ହୁଏ ଓ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା କାଜୁବାଦାମ ଚାଷର ପ୍ରକୃତ ରହସ୍ୟ ଉଦଘାଟିତ ହୁଏ । ଏଥିରେ ଉତ୍କ୍ଷିପ୍ତ ହୋଇ ଉପର ମହଲାରୁ ତା'ର ବଦଳି ନିର୍ଦ୍ଦେଶ ଆସେ । ଏହାକୁ ହାଲକା ଭାବେ ଗ୍ରହଣ କରି ବିମ୍ବାଧର ଭାବିଛି, ଗୋଟିଏ ଜାଗାରେ ଚାରିମାସ ତ ହୋଇଗଲାଣି, ବଦଳି ହେବା ଦରକାର । ନହେଲେ ଅନେକ ଗୁପ୍ତ ତଥ୍ୟ ପଦାକୁ ଆସିଯାଇପାରେ । ଏସବୁ ସତ୍ତ୍ୱେ ବିମ୍ବାଧର କାଶୀନଗର ଅଂଚଳରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି, ରୁଗ୍ଣ ଓ ଅସହାୟକୁ ସାହାଯ୍ୟ, ଅନାଥ ପିଲାଂକୁ ଥଇଥାନ ସହିତ ଆଦିବାସୀ ଲୋକମାନଂକର ଉନ୍ନୟନମୂଳକ କାର୍ଯ୍ୟ କରିଛି ଓ ଅପରପକ୍ଷରେ ଉଚ୍ଚପଦସ୍ଥ ସରକାରୀ ଅଫିସରମାନଂକର କୁଚକ୍ରାନ୍ତ, ହୀନ ମନୋବୃତ୍ତି ଓ ଭଦ୍ର ମୁଖା ଧାରଣ କରି କରୁଥିବା ଅମାନବିକ କାର୍ଯ୍ୟକୁ ଲୋକଲୋଚନକୁ ଆଣିଛି । ଯାହା ଫଳରେ ତା'ର ଶତ୍ରୁ ସଂଖ୍ୟା ବଢ଼ିଚାଲିଲେ । ଭବାନୀଶଂକର ଓ ଶ୍ରୀପତି ଦାସ ପରି ଲୋକର ମୁଖା ଉନ୍ମୋଚନ କରିବାକୁ ଯାଇ ଗାଳ୍ପିକ ଲେଖିଛନ୍ତି- "ଭବାନୀଶଂକର ସ୍ୱାସ୍ଥ୍ୟ

ଓ ଶିକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରହି 'ପ୍ରେମ' ଓ 'ସେବା' ପରି ସଂସ୍ଥାମାନଂକୁ ବହୁତ ସାହାଯ୍ୟ କରିବାକୁ ସକ୍ଷମ ହେଲା । 'ପ୍ରେମ' କାଶୀନଗରରେ ଏକ 'ଦାତବ୍ୟ ଚିକିତ୍ସାଳୟ' ଖୋଲିଲା, ଯାହା ପ୍ରକୃତରେ ଏକ ଦାମୀ ନର୍ସିଂହୋମ ଥିଲା । 'ସେବା' ସଂସ୍ଥା ଓଡ଼ିଶାର ବିଭିନ୍ନ ଅଂଚଳରେ ଶିକ୍ଷା ଅନୁଷ୍ଠାନ ଖୋଲିଲା । ଭବାନୀଶଂକର ଅଧିକରୁ ଅଧିକ ଅର୍ଥ ଉପାର୍ଜନ କଲା ଓ ଅନେକ ସଂପତ୍ତି କିଣିଲା । ବିମ୍ବାଧର ଦୁର୍ନୀତି ବିରୋଧରେ ଲଢ଼ିଲା ଓ ତା'ର ଶତ୍ରୁ ସଂଖ୍ୟା ଆହୁରି ବଢ଼ିଲେ ।''(ସେଇବହି, ପୃଷ୍ଠା-୭୬) ଉକ୍ତ ଗଳ୍ପରେ 'କାଶୀନଗର ଇଂଜିନିୟରିଂ କଲେଜ' ପ୍ରସଂଗ ଉପସ୍ଥାପନ କରି ଗାଳ୍ପିକ ଦେଖେଇ ଦେବାକୁ ଚାହିଁଛନ୍ତି କିପରି ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା କଳୁଷିତ ସରକାର, ଅମଲାତନ୍ତ୍ର ଓ ବେପାରୀମାନଂକ ହାତରେ ରହି ନିମ୍ନମୁଖୀ ହୋଇଯାଉଛି । ଓଡ଼ିଶାର ଗ୍ରାମାଂଚଳକୁ ଶୋଷଣ କରିବା ପାଇଁ ଅର୍ଥ ଓ ପ୍ରତିପତ୍ତିଶାଳୀ ଲୋକମାନଂକର ଏହା ଏକ ସୁଚିଂତିତ ପଦକ୍ଷେପ ।

ଆଲୋଚନାର ଶେଷଗଳ୍ପ 'ଅନାହାର କମିଶନରଂକ ଏକ ରିପୋର୍ଟ' । ଏହାର ମୁଖ୍ୟ ବିଷୟବସ୍ତୁ ହେଲା ସାନଗମଡ଼ା ଗାଁର ପ୍ରେମଶୀଳା ଭୋଇ ନାମକ ଏକ ଆଦିବାସୀ ଯୁବତୀର ଅନାହାର ଜନିତ ମୃତ୍ୟୁ । ଅନାହାର କମିଶନର ଏହାର ରିପୋର୍ଟ ପ୍ରସ୍ତୁତ କରିବାକୁ ଫେରିଯାଇଛନ୍ତି ଦୀର୍ଘ ଚାଳିଶ ବର୍ଷ ତଳକୁ । ସେତେବେଳେ ଗମଡ଼ାରୋଡ଼ ରେଳଷ୍ଟେସନର ସ୍ଥାୟୀ ବାସିନ୍ଦା ଗୋପାଳ ବଗର୍ତ୍ତି ଓ ଗୋବିନ୍ଦ ଭୁଲିଆର ଜାଗାକୁ ଚକ୍ରାନ୍ତ କରି ହାତ କରିନେଇଛନ୍ତି ଜଳନ୍ଧର ସିଂର ବାପା ପେଶାୱାର ସିଂ ଓ ଜାହାଙ୍ଗୀର । ପେଶାୱାର ସିଂ ଚୋରୀ ଟ୍ରକ୍ ଧରି ପଳେଇ ଆସିଥିଲା ଓ ଜାହାଙ୍ଗୀର ଟ୍ରେନ୍ ଭିତରେ ଚୋରୀ ଓ ରାହାଜାନୀ କରି ପେଟ ପୋଷୁଥିଲା । ଏଠାରେ ପହଂଚିବା ପରେ ଉଭୟ ପରିବାର ପ୍ରାରଂଭିକ ପର୍ଯ୍ୟାୟରେ ମଦ ବେପାର, କାଠଚୋରୀ, ଲୁଟତରାଜ ଓ ଦାଦନ ଦଲାଲ ଭାବେ ପରିଚୟ ଲାଭକଲେ । ଏହା ମଧ୍ୟରେ ଜଳନ୍ଧର ଓ ଜାହାଙ୍ଗୀର ଦୁଇଟି ପୃଥକ ରାଜନୀତିକ ଦଳରେ ସାମିଲ୍ ହୋଇ ଆଇନ୍ ସଭାକୁ ନିର୍ବାଚିତ ହୋଇଛନ୍ତି ଓ ସେ ଅଂଚଳର ସମସ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଓ ରାଜନୀତିକୁ ନିଜ ହାତ ମୁଠାରେ ରଖିଛନ୍ତି ।

ଅପରପକ୍ଷରେ ଗଳ୍ପ ନାୟିକା ପ୍ରେମଶୀଳା ଭୋଇ ସାନଗମଡ଼ା ଗାଁର ବୁଡ୍‌କା କଂଧ ସଂପ୍ରଦାୟର ଜଣେ ସୁଂଦରୀ ତରୁଣୀ । ପରିବାରର ଏକମାତ୍ର କନ୍ୟା ଓ ପରିଶ୍ରମୀ

ପ୍ରେମଶୀଳା ସେମାନଂକର ପରଂପରା ଅନୁଯାୟୀ ପୂର୍ଣ୍ଣକୁ ବିବାହ କରିଛି । ବିବାହ ପାଇଁ ହୋଇଥିବା କରଜ ଯୋଗୁଁ ସେମାନଂକୁ ବେଠି ଖଟିବାକୁ ପଡ଼ିଛି । ଆହୁରି ମଧ୍ୟ ଜଳନ୍ଧର ଓ ଜାହାଙ୍ଗୀର ପାଇଁ ଦୁଇଥର କରି ଆନ୍ଧ୍ରପ୍ରଦେଶରେ ଗୋତି ଖଟିବାକୁ ପଡ଼ିଛି । ଦିନରେ ହାଡ଼ଭଂଗା ପରିଶ୍ରମ ସହ ରାତିରେ ମାଲିକ ଓ ଗୁମାସ୍ତାମାନଂକର ଦୈହିକ କ୍ଷୁଧା ମେଣ୍ଟେଇବାକୁ ପଡ଼ିଥାଏ । ପ୍ରେମଶୀଳାର ବଳାତ୍କାରକୁ ପୂର୍ଣ୍ଣ ଭବିତବ୍ୟ ବୋଲି ଧରିନେଇ ଜାଣିଶୁଣି ବେହୋସ ହୋଇ ନଜାଣିବାର ଅଭିନୟ କରେ । ଶାରୀରିକ ନିର୍ଯ୍ୟାତନା ଅସହ୍ୟ ହେବାରୁ ଦୁହେଁ ୧୯୯୮ ଜୁନ୍ ପ୍ରଥମ ସପ୍ତାହରେ ଗାଁକୁ ଲୁଚିକରି ପଳେଇଆସିଲେ । ସେତେବେଳେ ଦୁହେଁ ବୁଢ଼ାବୁଢ଼ୀ ପରି ଦିଶୁଥିଲେ ଯଦିଓ ସେମାନଂକ ବୟସ ଯଥାକ୍ରମେ ବତିଶ ଓ ଅଠେଇଶ ଥିଲା । ପ୍ରାଣ ଭୟରେ ଜଳନ୍ଧର ଓ ଜାହାଙ୍ଗୀରକୁ ଲୁଚିଲୁଚି ଅନାହାରରେ ୨୦୦୦ ମସିହା ଜାନୁଆରୀରେ ପୂର୍ଣ୍ଣର ମୃତ୍ୟୁହେଲା ଓ ଡିସେମ୍ବର ପହିଲା ଦିନ ତିନିଟା ବେଳେ ପ୍ରେମଶୀଳାର ମୃତ୍ୟୁହେଲା । ଦୀର୍ଘଦିନ ଧରି ଖାଇବାକୁ ନପାଇ ଅତି ଦୟନୀୟ ଜୀବନ ବଂଚୁଥିବା ପ୍ରେମଶୀଳା ଉପରେ ପ୍ରଶାସନର ନଜର ନଥିଲା, ମାତ୍ର ମୃତ୍ୟୁ ପରେ ଅର୍ଥାତ୍ ଡିସେମ୍ବର ୨ ତାରିଖ ମାନ୍ୟବର ଆଇନ୍ ସଭା ନିଜର ସମସ୍ତ କାର୍ଯ୍ୟ ବନ୍ଦ କରି ଏହାର ନିଷ୍ପକ୍ଷ ଅନୁସଂଧାନ ପାଇଁ ସିଦ୍ଧାନ୍ତ ନେଲେ ଓ ଏହାର ଦାୟିତ୍ୱ ଅନାହାର କମିଶନରଂକୁ ଦେଇ ତିନିମାସ ମଧ୍ୟରେ ଏହାର ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ । ନିଜର ସାର୍ବିକ ପ୍ରଚେଷ୍ଟା ଫଳରେ କମିଶନର ପ୍ରଦାନ କରିଥିବା ବିବରଣୀ ଗଳ୍ପକୁ ପୁଷ୍ଟ କରିବା ସହ ଏକ ନୂତନ ଦିଗ ଉନ୍ମୋଚନ କରିଛି । ଏହା ଯେ ରାଜନୀତିକ ହୀନମନସ୍କତାର ଏକ ନମୁନା ତାହା ଦର୍ଶାଇବାକୁ ଯାଇ ଗାଳ୍ପିକ ଲେଖିଛନ୍ତି- "ମୋର ଏ ବିବରଣୀ କାହାକୁ ସୁହାଇବ ନାହିଁ, ମୁଁ ଜାଣେ । ଅନାହାର ମୃତ୍ୟୁ ହୋଇଛି ବୋଲି କହିଥିଲେ, ବିରୋଧୀ ଦଳ ଖୁସି ହୋଇଥା'ନ୍ତେ । ହୋଇନାହିଁ ବୋଲି କହିଲେ ଶାସକ ଦଳ ଖୁସି ହୋଇଥା'ନ୍ତେ ।" (ସେଇବହି, ପୃଷ୍ଠା-୧୧୩) ବର୍ତ୍ତମାନ ପ୍ରଶ୍ନ ଉଠେ ଯେ, ଏହି ଅନାହାର ମୃତ୍ୟୁ ଗୋଟିଏ ଦୁଇ ଦିନର ଘଟଣା ନୁହେଁ । ଏହା ଅନେକ ଛୋଟ ବଡ଼ କାରଣରୁ ସୃଷ୍ଟି । ଆମର ନୀଚ ମାନସିକତା, ସାମାଜିକ ବ୍ୟବସ୍ଥାର ତ୍ରୁଟି ଓ ଯୁଗେଯୁଗେ ଜଳନ୍ଧର ଓ ଜାହାଙ୍ଗୀର ପରି ଅଶିକ୍ଷିତ, ଲଂପଟ ଲୋକଂକର ଆଇନ ସଭାକୁ ଅନାୟାସରେ ନିର୍ବାଚିତ ହେବା ଏବଂ ଆଧିପତ୍ୟ ବିସ୍ତାର କରିବା ପାଇଁ ହିଁ ଏହିସବୁ ଘଟଣା ସଂଘଟିତ ହେଉଛି । ଏଥିପାଇଁ ସର୍ବସାଧାରଣଂକୁ ଦୋଷୀ କରିଛନ୍ତି ଗାଳ୍ପିକ ।

ଏହିପରି ସମସ୍ୟାର ସମାଧାନ ପାଇଁ ସେ ପ୍ରଶ୍ନ କରିଛନ୍ତି ସାଧାରଣ ନାଗରିକମାନଂକୁ । "ପ୍ରଧାନ ପ୍ରଶ୍ନ ହେଲା, ଅନାହାରର ମୂଳ କାରଣ, ଜଳନ୍ଧର ଓ ଜାହାଙ୍ଗୀର ପରି ଲୋକ ପ୍ରତିଥର କାହିଁକି ନିର୍ବାଚିତ ହୁଅନ୍ତି? ଲୋକେ ସେମାନଂକୁ କାହିଁକି ଭୋଟ୍ ଦିଅନ୍ତି? ଏଇଟା ପରା ଗଣତନ୍ତ୍ର! ଏ ପ୍ରଶ୍ନ ଆପଣ ଲୋକଂକୁ ପଚାରନ୍ତୁ ।" (ସେଇବହି, ପୃଷ୍ଠା-୧୧୫)

ଯେଉଁମାନଂକ ପାଇଁ ଗଣତନ୍ତ୍ରର ପ୍ରତିଷ୍ଠା, ସେହି ନାଗରିକମାନଂକର ଅପାରଗତା ପାଇଁ ଏହିପରି ଘଟଣାମାନ ସୃଷ୍ଟି ହେଉଛି । କାରଣ ଅନାହାର କମିଶନର ଯେଉଁଦିନ ସର୍ବସାଧାରଣଂକ ସାକ୍ଷ୍ୟ ନିମନ୍ତେ ଜିଲ୍ଲା ସଦର ମହକୁମାରେ ଗୋଟିଏ ଦିନ ଅପେକ୍ଷା କରିଥିଲେ, ଜଣେ ବି ସାକ୍ଷୀ ଅସିନଥିଲେ । ଏଥିରୁ ଅନୁମେୟ ଯେ, ଲୋକମାନଂକର ଦାୟିତ୍ୱହୀନତା ପାଇଁ ହିଁ ଅନାହାର ମୃତ୍ୟୁ ପରି ଘଟଣା ଘଟୁଛି । ସୁତରାଂ ଅନୁସଂଧାନ କରି ରିପୋର୍ଟକୁ ଅପେକ୍ଷା କଲେ ସମସ୍ୟାର ସମାଧାନ ହୋଇପାରିବ ନାହିଁ । ସେଥିପାଇଁ ଜନସାଧାରଣଂକୁ ସଚେତନ ଭାବେ ନିଜର ମାନସିକ ସ୍ତରରେ ଉନ୍ନତି ଆଣିବାକୁ ପଡ଼ିବ ଏବଂ ଆମର ସାମାଜିକ ଓ ପ୍ରଶାସନିକ ଶୈଳୀକୁ ପରିବର୍ତ୍ତନ କରିବାକୁ ପଡ଼ିବ । ନହେଲେ ଅନାହାର ମୃତ୍ୟୁର ଧାରାବାହିକତାକୁ ରୋକିବା ଅସଂଭବ ହୋଇପଡ଼ିବ । ପ୍ରଥମ ପୁରୁଷ ଆଂଗିକରେ ରଚିତ ହୋଇଥିବାରୁ ଏହା ବେଶୀ ଭାବଦ୍ୟୋତକ ହୋଇପାରିଛି । କାରଣ ପ୍ରଥମ ପୁରୁଷ ଶୈଳୀ ଯୋଗୁଁ ଏହା ଗାଳ୍ପିକଂକର ମୌଳିକ ଓ ଅଂଗେନିଭା ଘଟଣା ପରି ପ୍ରତୀୟମାନ ହୁଏ, ସେଥିପାଇଁ ସେହି ଗଳ୍ପ ପ୍ରତି ବେଶୀ ପରିମାଣରେ ପାଠକୀୟ ସଂବେଦନା ପ୍ରକାଶ ପାଏ ।

ଗାଳ୍ପିକ ହୃଷୀକେଶଂକର ପ୍ରତ୍ୟେକଟି ଆଦିବାସୀ ଗଳ୍ପରେ ତାଂକର ମୌଳିକ ଚିଂତାଧାରା ସହିତ ସୂକ୍ଷ୍ମ ଦୃଷ୍ଟିଭଂଗୀ ପ୍ରତିଫଳିତ ହୋଇଥାଏ । ସେ ସ୍ପଷ୍ଟ ଓ ନିର୍ଭୀକ ଭାବରେ ନିଜ ପ୍ରଶାସକ ଜୀବନର ଅନୁଭୂତିକୁ ତଥ୍ୟଭିତ୍ତିକ ପ୍ରମାଣ ସହ ଉପସ୍ଥାପନ କରିଛନ୍ତି । ଯଦିଓ ଚରିତ୍ରମାନଂକର ନାମକରଣରେ କାଳ୍ପନିକତା ପରିଲକ୍ଷିତ ହୁଏ, ତା' ସତ୍ତ୍ୱେ ଏହି ଗଳ୍ପଗୁଡ଼ିକରେ ଥିବା ବକ୍ତବ୍ୟ ତାଂକର ମୌଳିକ ଓ ଏହା ମାଧ୍ୟମରେ ସେ ପ୍ରଚଳିତ ସାମାଜିକ ଓ ପ୍ରଶାସନିକ ବ୍ୟବସ୍ଥାକୁ ସେ ଖୋଲାଖୋଲି ଆହ୍ୱାନ କରିଛନ୍ତି । ମାତ୍ର ଏ ଦିଗରେ ବିମ୍ବାଧର, ସୁଶାନ୍ତ, ସ୍ଥିତପ୍ରଜ୍ଞ ବା ଅନାହାର କମିଶନର, ଯିଏ ବି ହୁଅନ୍ତୁ ସମସ୍ତଂକ ପାଇଁ ଜନସାଧାରଣଂକ ସାହାଯ୍ୟ ସହଯୋଗ ଏକାନ୍ତ ଜରୁରୀ । ନହେଲେ ଏସବୁ ସମସ୍ୟାର ସୂତ୍ରଧର ସାଜିଥିବା ଚୋରାକାଠ ବେପାରୀ, ସାହୁକାର, ଦାଦନ ଦଲାଲ୍,

ମିଲବାଲା, ଡିଲର ଓ ସର୍ବୋପରି ପଦସ୍ଥ ଅଫିସରମାନେ, ଯେଉଁମାନେ ଭଦ୍ରମୁଖା ପିନ୍ଧି ଗଣତନ୍ତ୍ରର ମୁଖିଆ ସାଜିଛନ୍ତି ଓ କ୍ଷମତାକୁ ଏପରି ଭାବେ ଜାବୁଡ଼ି ଧରିଛନ୍ତି ଯେ, ସେମାନଂକୁ ଏକାଏକା ପ୍ରତିହତ କରିବା କଷ୍ଟକର । ଏ ସଂପର୍କରେ ସୁସମାଲୋଚକ ପ୍ରଫେସର ବାଉରୀବଂଧୁ କରଂକ ମତ ଯଥାର୍ଥ ମନେହୁଏ । ତାଂକ ମତରେ, “ଯେ ପର୍ଯ୍ୟନ୍ତ ମଣିଷର ନୈତିକ ଭାବନାର ବିକାଶ ନଘଟିଛି, ସେ ପର୍ଯ୍ୟନ୍ତ ଆମ ସମାଜରେ ନଥିଲାବାଲା ପ୍ରତି ଥିଲାବାଲାଂକର ଶୋଷଣ ଚାଲିଥିବ ।”(ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ବାଉରୀବଂଧୁ କର, ପୃଷ୍ଠା-୨୭)

ସାଧାରଣତଃ ଆଦିବାସୀ ଜନଜୀବନର ସମସ୍ୟାକୁ ଭିତ୍ତିକରି ରଚିତ ଗଳ୍ପଗୁଡ଼ିକରେ ମୁଖ୍ୟତଃ ସେମାନଂକର ପର୍ବପର୍ବାଣି, ଶୋଷଣ ଓ ସଭ୍ୟ ସମାଜର ସେମାନଂକ ପ୍ରତିଥିବା ଅମାନୁଷିକ ଦୃଷ୍ଟିକୋଣ ସ୍ଥାନ ପାଇଥାଏ । ମାତ୍ର ଗାଳ୍ପିକ ପଣ୍ଡା ତାଂକ ଜୀବନର ନିଚ୍ଛକ ଅନୁଭୂତି ମାଧ୍ୟମରେ ଆଦିବାସୀମାନଂକର ସମସ୍ୟା ସହ ପାଠକମାନଂକୁ ପରିଚିତ କରେଇଛନ୍ତି । ଯାହାଫଳରେ ସେ ଆଦିବାସୀ ଯୁବକର ବଳିଷ୍ଠତାରେ କିମ୍ବା ଆଦିବାସୀ ଯୁବତୀର ମାଦକତାରେ ବିହ୍ୱଳ ନହୋଇ ମର୍ମେ ମର୍ମେ ଅନୁଭବ କରିଛନ୍ତି ସେମାନଂକ ଦୁଃଖକୁ । କେବଳ ଗଳ୍ପ ରଚନା ପାଇଁ ନୁହେଁ, ଜନ୍ମଠାରୁ ଏପର୍ଯ୍ୟନ୍ତ ତାଂକ ଅର୍ଦ୍ଧାଧିକ ସମୟ ସେହିମାନଂକ ପାଖରେ ବିତିଥିବାରୁ ସେ ଆଂତରିକତାର ସହ ଭଲ ପାଆନ୍ତି ଏହି ନିରୀହ ମଣିଷମାନଂକୁ । ସେ କଳିଙ୍ଗ ଆଇରନ୍ ୱାର୍କ୍ସ ଦାୟିତ୍ୱରେ ଥିଲେ ଓ ତାଂକର ମନ୍ତବ୍ୟକୁ ନେଇ ବିଧାନସଭାରେ ହଟ୍ଟଗୋଳ ହୋଇଥିଲା । “ବିଧାନସଭାର ଗୃହ କମିଟି ସଦସ୍ୟମାନେ ଯେତେବେଳେ ଘଟଣାର ତଦନ୍ତ ପାଇଁ ଯାଇଥିଲେ, ସେଠାରେ ଘଟିଥିଲା ଏକ ବିଚିତ୍ର ଘଟାଣା । ସ୍ଥାନୀୟ ବହୁ ଆଦିବାସୀ ପୁରୁଷ ଓ ମହିଳା ଶ୍ରୀ ପଣ୍ଡାଂକର ପ୍ରଶସ୍ତି ଗାନ କରିବା ସହ ଅଭିଯୋଗକାରୀ ନେତାଂକ ବିରୋଧରେ ନାନା ଅଭିଯୋଗ ଆଣିଲେ । ଫଳରେ ଅଭିଯୋଗ ବୁମେରାଂ ପାଲଟିଗଲା ସଂପୃକ୍ତ ନେତାଂକ ପାଇଁ । (ପ୍ରଗତିବାଦୀ, ମାର୍ଚ୍ଚ ୧୨, ୨୦୦୬) ଉପରୋକ୍ତ ମନ୍ତବ୍ୟରୁ ଶ୍ରୀ ପଣ୍ଡାଂକର ଆଦିବାସୀମାନଂକ ସହିତ ଥିବା ଘନିଷ୍ଠତା ଅନୁମାନ କରିହୁଏ । ଗାଳ୍ପିକଂକ ପରି ତାଂକ ମାନସ ସଂତାନମାନେ ମଧ୍ୟ ଆଦିବାସୀମାନଂକ ସୁଖ ଦୁଃଖକୁ ହୃଦୟଙ୍ଗମ କରିପାରିଛନ୍ତି ଓ ସେମାନଂକ କାର୍ଯ୍ୟକଳାପ ମାଧ୍ୟମରେ ପାଠକୀୟ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି । ସାଧାରଣ ଜନତା ଯଦି ଏହି ସତ୍ୟକୁ ବୁଝିପାରିବେ ତା'ହେଲେ

ଗଣତନ୍ତ୍ରର ନିୟନ୍ତାମାନେ ଉଚିତ୍ ଶାସ୍ତି ପାଇବା ସହ ଅଶାନ୍ତ ବଣଜଂଗଲ ତା' ପ୍ରକୃତ ଅବସ୍ଥା ଫେରିପାଇବ ।

**(୪) ଲୋକକାହାଣୀ ଶୈଳୀମୂଳକ ଗଳ୍ପ:-**

ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଗଳ୍ପ ରଚନାର ଧାରାରେ ପରିଲକ୍ଷିତ ହେଉଛି ପରିବର୍ତ୍ତନ । ଏହି ପରିବର୍ତ୍ତନର କାରଣ ସାଂପ୍ରତିକ ଗାଳ୍ପିକମାନଂକ ମଧ୍ୟରେ ଦେଖାଦେଇଥିବା ନିଜ ନିଜ ଗଳ୍ପରେ ନୂତନ ଶୈଳୀର ପ୍ରୟୋଗ କରିବାର ପ୍ରବଣତା । ଆତ୍ମିକ ଦିଗରେ ପରିବର୍ତ୍ତନ ଆଣିବା ପାଇଁ ସେମାନେ ଯେତିକି ବ୍ୟଗ୍ର, ଆଂଗିକରେ ପରିବର୍ତ୍ତନ ଆଣିବା ପାଇଁ ସେହି ପରିମାଣରେ ବ୍ୟାକୁଳ । ସେଥିପାଇଁ ସଂପ୍ରତି ଲୋକସାହିତ୍ୟକୁ ଆଂଗିକ ଭାବେ ବ୍ୟବହାର କରାଯାଇ ନାନା ପରୀକ୍ଷା ନିରୀକ୍ଷା କରାଯାଉଛି । ବହୁ ଗାଳ୍ପିକ ଏହି ପରୀକ୍ଷାରେ ସାମିଲ୍ ହୋଇ ଏକ ନୂତନ ପରଂପରା ସୃଷ୍ଟି କରିଛନ୍ତି । ପୁରୁଣା ଫର୍ମରେ ନିଜ ନିଜର ନୂତନ ଦୃଷ୍ଟିଭଂଗୀକୁ ବ୍ୟକ୍ତ କରୁଥିବା ଯୋଗୁଁ ବକ୍ତବ୍ୟର ଗୁରୁତ୍ୱ ଉପଲବ୍ଧି ହେବା ସହିତ ପାଠକୀୟ ଦୃଷ୍ଟି ଆକର୍ଷଣ ମଧ୍ୟ କରିପାରିଛି । ମନୋଜ ଦାସ ଏହି ଧାରାରେ ବେଶ୍ ସଫଳତା ଅର୍ଜନ କରିପାରିଛନ୍ତି । ଆହୁରି ଅନେକ ଗାଳ୍ପିକ ଲୋକକାହାଣୀ ଶୈଳୀରେ ଗଳ୍ପ ରଚନା କରି ସଫଳତାର ଶୀର୍ଷରେ ପହଂଚି ପାରିନଥିଲେ ମଧ୍ୟ ଲୋକଲୋଚନକୁ ଆସିପାରିଛନ୍ତି । ଗାଳ୍ପିକ ହୃଷୀକେଶ ପଣ୍ଡା ଏହି ପରଂପରାରେ ଜଣେ ବ୍ୟତିକ୍ରମ ସ୍ରଷ୍ଟା । ଲୋକକାହାଣୀ ଶୈଳୀକୁ ନେଇ ଗଳ୍ପ ରଚନା କରିଥିଲେ ହେଁ ଭିନ୍ନ ଭାବରେ କହିବାର ପ୍ରବଣତା, ନୂତନ ଶୈଳୀ ଓ ଶିଳ୍ପକଳାରେ ତାଂକ ଗଳ୍ପ ଗୁଡ଼ିକ ହୋଇଛି ପୁଷ୍ଟ ।

ଅଧୁନା ଗଳ୍ପଗୁଡ଼ିକରେ ଲୋକକାହାଣୀର ଶୈଳୀକୁ ବ୍ୟବହାର କରିବାର ମୁଖ୍ୟ କାରଣ ହେଲା, ଏହା ଶୈଳୀଶ୍ରୁତି ଭାବେ ଗଳ୍ପକୁ ଏକ ଗଠନଗତ ଶୃଂଖଳା ପ୍ରଦାନକରେ । ଏହାର ଭାଷା ଲୋକଭାଷା ହୋଇଥିବାରୁ ଏହା ଅଧିକ ବୋଧଗମ୍ୟ । ସାଧାରଣତଃ ଲୋକକାହାଣୀରେ ବ୍ୟବହୃତ ମୋଟିଫ୍ ଲୋକମାନଂକ ମନର ଅବଚେତନ ସ୍ତରରେ ରହିଥିବାରୁ ଏହି ଢାଂଚାରେ ରଚିତ ନୂତନ ଗଳ୍ପଗୁଡ଼ିକୁ ବୁଝିବାରେ ବିଶେଷ ଅସୁବିଧା ହୋଇନଥାଏ । ଏହି ଶୈଳୀରେ ଲେଖକର ସ୍ୱାଧୀନତା ଅନେକ ପରିମାଣରେ ବୃଦ୍ଧି ପାଇଥାଏ । ଅନେକ ବିଷୟ ଅଛି ଯାହା ପ୍ରତ୍ୟକ୍ଷ ଭାବେ ପ୍ରକାଶ କରିବାରେ ଯେଉଁ

ଅସୁବିଧା ଥାଏ, ତାହା ଏହି ଶୈଳୀ ଦ୍ୱାରା ଦୂରୀଭୂତ ହୋଇଥାଏ । ଲେଖକ ଅକ୍ଳେଶରେ ସ୍ୱାଭାବିକ ଭାବରେ ଉଦ୍ଦିଷ୍ଟ ବିଷୟକୁ ବ୍ୟକ୍ତ କରିପାରେ । କାରଣ ଏପ୍ରକାର ଶୈଳୀରେ କୌଣସି ବାଧା ବଂଧନ ନଥାଏ । ତେଣୁ ଏପ୍ରକାର ଶୈଳୀରେ ଯେଉଁ ଶକ୍ତି ରହିଛି ତାହାକୁ ଆଧୁନିକ ସାହିତ୍ୟିକମାନେ ସଫଳ ଭାବେ ପ୍ରୟୋଗ କରିଛନ୍ତି । ଏକବିଂଶ ଶତାବ୍ଦୀର ମଣିଷ ଅର୍ଥସର୍ବସ୍ୱ ହୋଇପଡ଼ିଛି । ନିଜକୁ ପ୍ରତିଷ୍ଠିତ କରିବା ତଥା ଭୋଗବିଳାସରେ ଜୀବନ ବଂଚିବା ମନୋବୃତ୍ତି ଯୋଗୁଁ ଏହି ଅର୍ଥନ୍ୱେଷୀ ମଣିଷମାନେ ସର୍ବଦା ଦ୍ୱନ୍ଦ୍ୱ ଓ ସଂଘର୍ଷ ମଧ୍ୟଦେଇ ଗତି କରୁଛନ୍ତି । ସର୍ବଦା ଏକ ସଂଘର୍ଷମୟ ଜୀବନ ବଂଚୁଥିବାରୁ ପ୍ରାଚୀନ ସଂସ୍କୃତି, ସଭ୍ୟତା ଓ ପରଂପରା ପ୍ରତି ଏହି ମଣିଷମାନଂକର ଦେଖାଦେଇଛି ଦୁର୍ବଳତା । ତେଣୁ ସେ ଅତୀତମୁଖୀ ହୋଇପଡୁଛି । ଅତୀତର ସ୍ମୃତି ଓ ଆଇ ମା' କାହାଣୀ ତା'କୁ ରୋମାଂଚିତ କରୁଛି । ଗାଳ୍ପିକ ପଣ୍ଡା ଏହିପରି ମଣିଷମାନଂକର ମନଃସ୍ତତ୍ତ୍ୱକୁ ବିଶ୍ଳେଷଣ କରିଛନ୍ତି ଏବଂ ଭିନ୍ନ ଭାବେ ବ୍ୟକ୍ତ କରିବାର ପ୍ରୟାସ କରିଛନ୍ତି ତାଂକ ଗଳ୍ପଗୁଡ଼ିକରେ । ତେଣୁ ସିଧାସଳଖ ଗଳ୍ପ ରଚନା ନକରି ଲୋକକାହାଣୀ ଶୈଳୀକୁ ଆଂଗିକରେ ପ୍ରୟୋଗ କରି ସାଂପ୍ରତିକ ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରିଛନ୍ତି । ମିଶ୍ରିତ ଭାଷାରେ, ପ୍ରାଚୀନ ସଂସ୍କୃତି ଓ ପରଂପରାର ପୃଷ୍ଠଭୂମିରେ ସରଳ ଭାବରେ ଏକ ଗଭୀର ତାତ୍ତ୍ୱିକ ତଥ୍ୟ ପ୍ରଦାନ କରିବାକୁ ଚେଷ୍ଟା କରିଛନ୍ତି ଗାଳ୍ପିକ ।

ଗାଳ୍ପିକ ଲୋକକାହାଣୀ ଶୈଳୀରେ ଗଳ୍ପ ରଚନା କରିବାରେ ସିଦ୍ଧହସ୍ତ । ସାଧାରଣତଃ ଏହି ଶୈଳୀରେ ରଚିତ ଗଳ୍ପଗୁଡ଼ିକର ଉପସ୍ଥାପନା ଶୈଳୀ ଲୋକକାହାଣୀ ପରି ହେବା ସହିତ ଏଥିରେ ଲୋକ ଚରିତ୍ର ଓ ମୋଟିଫର ବ୍ୟବହାର ହୋଇଥାଏ । ଲୋକକାହାଣୀର ଉପସ୍ଥାପନ ଶୈଳୀ ସାଧାରଣ ଗଳ୍ପଠାରୁ ଭିନ୍ନ ହୋଇଥାଏ । ଏହାର ଆରଂଭ ସିଧାସଳଖ ହୋଇପାରେ, ନହେଲେ ଚାତୁର୍ଯ୍ୟପୂର୍ଣ୍ଣ ବାକ୍ୟଦ୍ୱାରା ମଧ୍ୟ ହୋଇଥାଏ । ଯେପରି 'ଜଣେ ରାଜା ଥିଲେ ଯେ, ତାଂକର ଦି' ରାଣୀ' କିମ୍ବା 'ବୁଢ଼ାଟିଏ ବୁଢ଼ୀଟିଏ' ବାକ୍ୟ ଦ୍ୱାରା ଗଳ୍ପର ଆରଂଭ କରାଯାଇଥାଏ । ପରିଶେଷରେ 'ମୋ କଥାଟି ସରିଲା, ଫୁଲଗଛଟି ମରିଲା' ପରି କାବ୍ୟିକ ବର୍ଣ୍ଣନା ରହିଥାଏ । ଗାଳ୍ପିକ ପଣ୍ଡାଙ୍କ ଗଳ୍ପରେ ମଧ୍ୟ ଏହା ପରିଲକ୍ଷିତ ହୁଏ । ଯଥା- 'କୌଣସି ରାଜ୍ୟରେ ବୃହଧ୍ୱଜ ନାମକ ଜଣେ ରାଜପୁତ୍ର ଥିଲେ' ଏବଂ 'ଯକ୍ଷପୁର ବୋଲି ଗାଁଟିଏ' ଇତ୍ୟାଦି । ଲୋକକାହାଣୀର ଶେଷରେ ବ୍ୟବହୃତ କାବ୍ୟିକ ବର୍ଣ୍ଣନାକୁ ଗାଳ୍ପିକ ଅନୁକରଣ କରିଥିଲେ ମଧ୍ୟ ସେ ଗଳ୍ପ

ମଝିରେ ଏହାକୁ ଚମତ୍କାର ଭାବେ ପ୍ରୟୋଗ କରିଛନ୍ତି । ଏହା ତାଂକର ନିଜସ୍ୱ ଶୈଳୀ । ଯଥା- "ବଡ଼ ମହୋତ୍ସବରେ ବାହାଘର ହେଲା । ମୁଁ ଗଲି ଯେ ମୋ ସାଂଗେ କେହି କଥା କହିଲେ ନାହିଁ ।" (ବୟସ୍କଙ୍କ ପାଇଁ ଶିଶୁକାହାଣୀ, ପୃଷ୍ଠା-୭୦) ଉପରୋକ୍ତ ଶୈଳୀ ମର୍ମସ୍ପର୍ଶୀ ହୋଇଥିବାରୁ ଏହା ପାଠକକୁ ମୁଗ୍ଧ କରିପାରେ । ଆହୁରି ମଧ୍ୟ ଏହି ଶୈଳୀ ବିଭିନ୍ନ ପ୍ରକାର ଚରିତ୍ର ସ୍ଥାନ ପାଇଥାଏ । ସଜୀବ, ନିର୍ଜୀବ, ପ୍ରାଣୀ, ଉଦ୍ଭିଦ, ମଣିଷ, ପଶୁ-ପକ୍ଷୀ, ରାଜାପୁଅ, ମନ୍ତ୍ରୀପୁଅ ଓ ଭୂତ-ପ୍ରେତ ଇତ୍ୟାଦି ଚରିତ୍ର ଦ୍ୱାରା ଏହା ହୋଇଥାଏ ପରିପୁଷ୍ଟ । ଆଧୁନିକ ଗଳ୍ପରେ ମଣିଷ ହିଁ ମୁଖ୍ୟ ଚରିତ୍ର, ମାତ୍ର ଲୋକକାହାଣୀରେ ସବୁ ଚରିତ୍ରକୁ ସମାନ ଅଧିକାର ଦିଆଯିବା ସହିତ ସମସ୍ତେ ମଧ୍ୟ ବାକ୍‌ଶକ୍ତିର ଅଧିକାରୀ । କୁଂଜବିହାରୀ ଦାଶଂକ ମତରେ- "ଲୋକଗଳ୍ପରେ ମନୁଷ୍ୟ ଓ ପ୍ରାଣୀମାନଂକ ସଂପର୍କ ମଧ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ କୁଟୁମ୍ବିତା ଦେଖାଯାଏ, ତାହା ଏବେ ବିରଳ ।"(କୁଂଜବିହାରୀ ଗ୍ରନ୍ଥାବଳୀ- ପୃଷ୍ଠା-୮) ପ୍ରାଣୀମାନଂକ ଠାରୁ ଆରଂଭ କରି ଭୂତ-ପ୍ରେତ ପର୍ଯ୍ୟନ୍ତ ଯେ କେହି ବି ଗଳ୍ପର ମୁଖ୍ୟ ଭୂମିକା ନିର୍ବାହ କରି ଗଳ୍ପର ବିକାଶରେ ସାହାଯ୍ୟ କରିପାରିବ ।

ଲୋକକାହାଣୀର ଗଳ୍ପଗୁଡ଼ିକ ଘଟଣାଧର୍ମୀ । ସେଥିପାଇଁ ଏଥିରେ ଚରିତ୍ରଗୁଡ଼ିକର ମାନସିକ କ୍ରିୟା-ପ୍ରତିକ୍ରିୟା, ଭାବାବେଗର ବିଶ୍ଳେଷଣ ପରିଲକ୍ଷିତ ହୁଏନାହିଁ । ଘଟଣାର ପ୍ରବାହରେ ଚରିତ୍ରଗୁଡ଼ିକ ବିକାଶ ଲାଭ କରନ୍ତି । ପ୍ରତ୍ୟେକ ଗଳ୍ପ ଏକ କାବ୍ୟିକ ନ୍ୟାୟ ପ୍ରଖ୍ୟାପନ କରେ । ରାକ୍ଷସ ମନୁଷ୍ୟର କୁପ୍ରବୃତ୍ତିର ପ୍ରତିନିଧିତ୍ୱ କରୁଥିବା ବେଳେ, ରାଜପୁତ୍ର ଓ ରାଜଜେମା ଆଦି ସତ୍ ଓ ନ୍ୟାୟକୁ ଗୁରୁତ୍ୱ ଦେଇଥାନ୍ତି । ଗାଳ୍ପିକଂକ ବହୁ ଗଳ୍ପରେ ଲୋକକାହାଣୀର ଉପସ୍ଥାପନ ଶୈଳୀ, ବିଷୟବସ୍ତୁ ଓ ଚରିତ୍ରର ସ୍ୱାଭାବିକ ପ୍ରୟୋଗ ଲକ୍ଷ୍ୟ କରାଯାଏ । ଏହି ଧାରାରେ ଗଳ୍ପ ରଚନା କରିବାରେ ମନୋଜ ଦାସ ଜଣେ ସଫଳ ଓ ସାର୍ଥକ ସ୍ରଷ୍ଟା । ସେ ଲୋକକାହାଣୀ ଶୈଳୀରେ ଗଳ୍ପ ରଚନା କରିବା ସହିତ କେତେକ ଗଳ୍ପକୁ ସଂପୂର୍ଣ୍ଣ ଲୋକକାହାଣୀ ଢାଂଚାରେ ଗଢ଼ିଛନ୍ତି ଓ କେତେକ ପ୍ରତିଷ୍ଠିତ ଲୋକକାହାଣୀକୁ ବା ଲୋକକାହାଣୀର ନିର୍ଦ୍ଦିଷ୍ଟ ଆଂଗିକକୁ ନୂତନ ରୂପ ଓ ଅର୍ଥ ପ୍ରଦାନ କରି ସମାଜ ସଚେତନତା ସୃଷ୍ଟି ପାଇଁ ଚେଷ୍ଟା କରିଛନ୍ତି । ମାତ୍ର ହୃଷୀକେଶ ପଣ୍ଡା କୌଣସି ପ୍ରତିଷ୍ଠିତ ଲୋକକାହାଣୀକୁ ଗ୍ରହଣ କରିନାହାନ୍ତି । ଲୋକକାହାଣୀର କିଛି ଲକ୍ଷଣ ମାତ୍ର ତାଂକ ଗଳ୍ପଗୁଡ଼ିକରେ ପରିଲକ୍ଷିତ ହୋଇଥାଏ । ସମାଜ ସଚେତନତା ଓ ପାଠକର ରୁଚିକୁ ଆଖି ଆଗରେ ରଖି ସେ କେବଳ ଲୋକଚରିତ୍ରକୁ ହିଁ ବ୍ୟବହାର କରିଛନ୍ତି । ତାଂକର କିଛି

ଗଳ୍ପ ଏହି ଶୈଳୀରେ ଲେଖାହୋଇଛି ଓ ଅନ୍ୟ କେତେକ ଗଳ୍ପ ଏହି ଶୈଳୀରେ ଲେଖା ହୋଇଥିଲେ ହେଁ ସାଧାରଣ ଶ୍ରେଣୀୟ ହୋଇଯାଇଛି । ଗାଳ୍ପିକଂକ ଲକ୍ଷ୍ୟ ହେଉଛି ଏହାକୁ ସାଂପ୍ରତିକ ସମୟ ସହ ସଂଯୋଜିତ କରି ବ୍ୟକ୍ତିର ଚରିତ୍ର ଓ ଆଚରଣ ବିଧିର ପ୍ରଚ୍ଛନ୍ନ ଦିଗକୁ ଭିନ୍ନ ଭାବରେ ଆଲୋକିତ କରିବା । ଗଭୀର ଅନ୍ତର୍ଦୃଷ୍ଟି ଦେଇ ଗାଳ୍ପିକ ସାଂପ୍ରତିକ ସମସ୍ୟାକୁ ଅନୁଧ୍ୟାନ କରିଛନ୍ତି ଓ କାହାଣୀ ମଧ୍ୟରେ ତା'ର ପ୍ରତିକାର ପାଇଁ ଚେଷ୍ଟା କରିଛନ୍ତି । ସୁସମାଲୋଚକ ଶତ୍ରୁଘ୍ନ ପାଣ୍ଡବଂକ ମତରେ, "ଭାରତୀୟ ପାଠକ କାହାଣୀ ପରଂପରାର ରସବୋଧକୁ ସହଜରେ ଗ୍ରହଣ କରୁଥିବାରୁ କାହାଣୀ ଜରିଆରେ ଜୀବନକୁ ଆବୋରି ରହିଥିବା ବିଭିନ୍ନ ଦିଗର ପରିବେଷଣ ଗାଳ୍ପିକଂକ ପାଇଁ ଏକ ବିଶିଷ୍ଟ ସାବଲୀଳ ମାଧ୍ୟମ ହୋଇପାରିଛି । କାହାଣୀ ଜରିଆରେ ପରିବେଷିତ ବକ୍ତବ୍ୟଟି ପାଠକର ଅନୁରାଗ ଲାଭ କରିବା ସଂଗେ ସଂଗେ ରସ ସଂଚାରଣରେ ମଧ୍ୟ ସାହାଯ୍ୟ କରିଛି ।" (କଥାଶିଳ୍ପୀ ମନୋଜ ଦାସ, ଶତ୍ରୁଘ୍ନ ପାଣ୍ଡବ, ପୃଷ୍ଠା-୭୭)

ହୃଷୀକେଶଂକର 'ବୟସ୍କଙ୍କ ପାଇଁ ଶିଶୁକାହାଣୀ' ଗଳ୍ପ ସଂକଳନରେ ସ୍ଥାନିତ ଏଗାରଟିଯାକ ଗଳ୍ପ ଲୋକକାହାଣୀ ଶୈଳୀକୁ ନେଇ ହୋଇଛି ପରିପୁଷ୍ଟ । ଏତଦଭିନ୍ନ 'ରାଜପୁତ୍ର' ସଂକଳନର ୧-କିଲମିନ୍‌ଝୋନାର ଭ୍ରମଣ ବୃତ୍ତାନ୍ତ, ୨-ଜହ୍ନ ଖୋଜୁଥିବା ଜିଦ୍‌ଖୋର ରାଜା, ୩-ଅମୃତ କୁଆଡ଼େ ଗଲା? ଓ 'ରେବତୀ' ସଂକଳନର ୧-ସାବିତ୍ରୀ ସତ୍ୟବାନ ଓ ତରଣୀସେନ ଦାସ ଓ ୨-ଗୋଟିଏ ଗୃହପାଳିତ ବିଲେଇର ଆତ୍ମକାହାଣୀ ଗଳ୍ପ ଦୁଇଟି ଲୋକକାହାଣୀ ଶୈଳୀରେ ରଚିତ । ଅର୍ଥାତ୍ ସର୍ବମୋଟ ଷୋହଳଟି ଗଳ୍ପ ଏହି ଶୈଳୀରେ ରଚିତ ।

ଏହି ଗଳ୍ପଗୁଡ଼ିକର ବିଶ୍ଳେଷଣ ପାଇଁ ଏଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ପ୍ରଥମ ଶ୍ରେଣୀୟ ଗଳ୍ପରେ ଲୋକକାହାଣୀର ଉପାଦାନ ଥାଏ ମାତ୍ର କଳେବର ଆଧୁନିକ ଗଳ୍ପର । ଏହି ଧରଣର ଗଳ୍ପଗୁଡ଼ିକ ହେଲା- 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି', 'ପଣ୍ଡିତେ ଓ ଅବୋଲକରା କଥା', 'ସାଧବାଣୀ, ସାଧବ, କଟୁଆଳ, ମନ୍ତ୍ରୀ, ବ୍ରାହ୍ମଣ ଇତ୍ୟାଦି କଥା', ପାଞ୍ଚଝିଅ କଥା', ସିଂହ ଶାବକ ଖାଦତି ଇତି ଅପବାଦ କଥା' ଓ 'ସାବିତ୍ରୀ ସତ୍ୟବାନ ଓ ତରଣୀସେନ ଦାସ' । ଶ୍ରୀ ପଣ୍ଡା ଜଣେ ସମାଜ ସଚେତନ ଶିଳ୍ପୀ । ତେଣୁ ଲୋକମାନଂକ ଭିତରେ ଦେଖାଦେଉଥିବା ହିଂସା, ଦ୍ୱେଷ ଓ ଭ୍ରଷ୍ଟାଚାରକୁ ସେ ବ୍ୟଙ୍ଗ କରିଛନ୍ତି ଉକ୍ତ ଗଳ୍ପଗୁଡ଼ିକ ମାଧ୍ୟମରେ । ସ୍ୱାଧୀନତାର ଷାଠିଏ ବର୍ଷ ପରେ ମଧ୍ୟ ଦେଶର

ସାମାଜିକ, ରାଜନୀତିକ ଓ ଆର୍ଥନୀତିକ ମାନର କ୍ରମ ଅଧୋଗତି ଘଟିଚାଲିଛି । କୁତ୍ସିତ ରାଜନୀତି ପାଇଁ ଏବେ ବି ଲୋକମାନେ ପରାଧୀନ ଜୀବନ ଅତିବାହିତ କରୁଛନ୍ତି । ନେତା ଓ ମନ୍ତ୍ରୀମାନଂକର କୁଚକ୍ରାନ୍ତ ଓ ଅର୍ଥଲାଳସା ପାଇଁ ସାଧାରଣ ଜନତା ନିଷ୍ପେଷିତ ହେବା ସହିତ ଏବେ ମଧ୍ୟ ଆମ ଦେଶ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ ପାଇଁ ବାହାର ଦେଶ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହେଉଛି । 'ପଣ୍ଡିତେ ଓ ଅବୋଲକରା କଥା' ଗଳ୍ପରେ ପଣ୍ଡିତେ ଓ ଅବୋଲକରାର ଅଥୋପକଥନ ମାଧ୍ୟମରେ ଏହା ସ୍ପଷ୍ଟ କରିଦେଇଛନ୍ତି ଗାଳ୍ପିକ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଆମର ଉନ୍ନତ ଜ୍ଞାନ କୌଶଳ ସତ୍ତ୍ୱେ ଅର୍ଥନୀତି, କୃଷି କୌଶଳ, ଶିଳ୍ପ ସଭ୍ୟତା, ଆର୍କିଟେକ୍‌ଚର, ସାହିତ୍ୟ, ସଂସ୍କୃତି ଓ ଫେଶନ୍ ପାଇଁ ଆମ ଦେଶ ଜାପାନ ଉପରେ ହୋଇଛି ନିର୍ଭରଶୀଳ । ସେହିପରି 'ସାଧବାଣୀ, ସାଧବ, କଟୁଆଳ, ମନ୍ତ୍ରୀ, ବ୍ରାହ୍ମଣ ଇତ୍ୟାଦି କଥା' ଗଳ୍ପରେ ମନ୍ତ୍ରୀ, ସାଧବ, ସାଧବାଣୀ ଇତ୍ୟାଦି ପ୍ରତୀକାତ୍ମକ ଚରିତ୍ର ମାଧ୍ୟମରେ ସାଂପ୍ରତିକ ସମାଜରେ ପ୍ରତିଷ୍ଠିତ ରାଜନୀତିକ ବ୍ୟକ୍ତି, ଚାକିରିଜୀବୀ ପୁରୁଷ ଓ ମହିଳା, ଅଦାଲତର ବିଚାରକ ଇତ୍ୟାଦିଂକ ବିକୃତ ଓ ନିକୃଷ୍ଟ ମାନସିକତାକୁ ବିଦ୍ରୂପ କରାଯାଇଛି । ସମାଜରେ ପ୍ରତିଷ୍ଠିତ ଓ ଉଚ୍ଚ ପଦ ପଦବୀରେ ଅଭିଷିକ୍ତ ବ୍ୟକ୍ତି ପାଇଁ କୌଣସି ନିୟମ କାର୍ଯ୍ୟକାରୀ ହୁଏନି; ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ମନ୍ତ୍ରୀ ଚରିତ୍ର । ପରକୀୟା ପ୍ରୀତି ସହିତ ନିଜର ପ୍ରତିଷ୍ଠା ଓ ପ୍ରତିପତ୍ତି ପାଇଁ ଏକ ସୁଂଦର ପରିବାରକୁ ଉଜାଡ଼ି ଦେଲେ ମଧ୍ୟ ଅଦାଲତ ତାଂକ ସପକ୍ଷରେ ଯାଇଛି । ମନ୍ତ୍ରୀ ମାନ୍ୟବର ତ୍ରାତ୍ର, ମିସେସ୍ ସାଧବଂକୁ ପ୍ରେମ କରିଛନ୍ତି ଓ ମିଃ ସାଧବଂକୁ ମିଛରେ ଫସେଇ ଜେଲ ପଠେଇଦେଇଛନ୍ତି, ଯେପରି ସେ ତାଂକ ପ୍ରେମରେ କଂଟା ନହୁଅନ୍ତି । ଏଥିପାଇଁ ବିଚାରପତି ପାଇଛନ୍ତି ପ୍ରଚୁର ଅର୍ଥ । ବିଚାରପତିଂକ ସିଦ୍ଧାନ୍ତକୁ ବ୍ୟଙ୍ଗାତ୍ମକ ଭାବେ ଉପସ୍ଥାପନ କରିଛନ୍ତି ଗାଳ୍ପିକ । "ଏହା ଭିତରେ ଅବଶ୍ୟ ବିଚାରପତି ସିଦ୍ଧାନ୍ତ କରିସାରିଥିଲେ ଯେ, ମିଃ ସାଧବ କେବଳ ଏକ ଭୟଂକର ସ୍ୱାମୀ ନୁହନ୍ତି, ସେ ଏକ ଭୟଂକର ନାଗରିକ ମଧ୍ୟ । ଏବର୍ ଆଇନ୍ ଅନୁଯାୟୀ ସେହି ଯୌତୁକ-ଜନିତ ଅପରାଧ ନିମନ୍ତେ ସର୍ବନିମ୍ନ ଦଣ୍ଡ ପାଞ୍ଚବର୍ଷ ଜେଲ୍ । "ଯଦିଓ ଯୌତୁକ-ଅପରାଧ ପ୍ରମାଣିତ ହୋଇନାହିଁ, ଅପରାଧୀଟି ସମାଜ ପ୍ରତି ଏକ ଭୟଂକର ବିପଦ ହୋଇଥିବାରୁ ତାକୁ ଦଶବର୍ଷ ଜେଲ୍ ହିଁ ସମୁଚିତ ଦଣ୍ଡ ହେବ," ଏହା ଏକ ଅଦ୍ଭୁତ ଯୌକ୍ତିକତାରେ ସିଦ୍ଧାନ୍ତ କରି ନିଜର ଆଦେଶ ପଢ଼ିବାକୁ ଆରଂଭ କଲେ ।" (ବୟସ୍କଙ୍କ ପାଇଁ ଶିଶୁ କାହାଣୀ,

ପୃଷ୍ଠା-୬୦) 'ସାବିତ୍ରୀ ସତ୍ୟବାନ ଓ ତରଣୀସେନ ଦାସ' ଗଳ୍ପରେ ତରଣୀସେନ ଦାସ ନିଜର ଓକିଲାତି ଯୋଗୁଁ ସତ୍ୟବାନକୁ ଯମ କବଳରୁ ରକ୍ଷା କରିପାରିଛି । ଯମ ବାହନ ମହିଁଷିକୁ ସାକ୍ଷୀକରି ବିଭିନ୍ନ ଯୁକ୍ତି ମାଧ୍ୟମରେ ଯମକୁ ମଧ୍ୟ ପରାସ୍ତ କରିବାକୁ ସକ୍ଷମ ହୋଇଛି । ଏହା ମାଧ୍ୟମରେ ପ୍ରଚଳିତ ଶାସନ ବ୍ୟବସ୍ଥାକୁ ବ୍ୟଙ୍ଗ କରାଯାଇଛି । ସର୍ବୋପରି 'ପାଞ୍ଚଝିଅ କଥା' ଗଳ୍ପଟି ପାରିବାରିକ ଦ୍ୱନ୍ଦ୍ୱର ଚରମ ନିଦର୍ଶନ । ଉକ୍ତ ଗଳ୍ପରେ ଗାଳ୍ପିକ ସୁଲଭା, ସୁକୁମାରୀ, ସୁଚାରା, ସୁଦତ୍ତା ଓ ସୁଚିତ୍ରା ପ୍ରଭୃତି ପାଞ୍ଚ ଭଉଣୀ ବିବାହ ପରେ ନିଜ ନିଜ ପରିବାର ପାଇଁ ପରସ୍ପର ସହ ଶତ୍ରୁତା, ଗରିବ ବାପା ମାଆଙ୍କର ପରିବାର ପ୍ରତିପାଳନ ଜନିତ ନିଷ୍ଠୁରତାକୁ ଦର୍ଶାଇଛନ୍ତି । ଆହୁରି ମଧ୍ୟ ଏହି ଗଳ୍ପରେ ରାଜା ରାଣୀ ପ୍ରସଂଗ ଉତ୍‌ଥାପନ ପୂର୍ବକ ଗାଳ୍ପିକ ଆର୍ଥନୀତିକ ବୈଷମ୍ୟ ହେତୁ ଭ୍ରଷ୍ଟ ଓ ବେପରୁଆ ସମାଜର ପ୍ରତିଷ୍ଠାକୁ ଗୁରୁତ୍ୱ ଦେଇଛନ୍ତି । ଅତଏବ ପରିବାର ଠାରୁ ଆରଂଭ କରି ଦେଶର ସାମାଜିକ, ରାଜନୀତିକ ଓ ଆର୍ଥନୀତିକ ସମସ୍ୟାକୁ ଗାଳ୍ପିକ ଏଠାରେ ଉପସ୍ଥାପନ କରିଛନ୍ତି । ସାଂପ୍ରତିକ ସମସ୍ୟାଯୁକ୍ତ ବିଷୟବସ୍ତୁ ଏ ଗଳ୍ପଗୁଡ଼ିକର କଳେବର ହୋଇଥିଲେ ହେଁ ଲୋକଚରିତ୍ରର ପ୍ରୟୋଗ ଯୋଗୁଁ ଏହା କିଛିମାତ୍ରାରେ ଲୋକକାହାଣୀଧର୍ମିତା ବଜାୟ ରଖିପାରିଛି । ଆରଂଭରୁ ଚରିତ୍ର ସହିତ ସଂଳାପରେ ମଧ୍ୟ ଲୋକକାହାଣୀ ଶୈଳୀ ପରିଲକ୍ଷିତ ହୋଇଥାଏ, ମାତ୍ର ପରିଶେଷରେ ହୃଷୀକେଶୀୟ ବକ୍ତବ୍ୟ ଏତେ ପ୍ରଭାବଶାଳୀ ହୋଇଯାଏ ଯେ, ଗଳ୍ପଗୁଡ଼ିକରୁ ଲୋକକାହାଣୀଗତ ପ୍ରଭାବ ହ୍ରାସ ପାଏ ।

ଦ୍ୱିତୀୟ ପ୍ରକାରର ଗଳ୍ପ ହେଉଛି ଆତ୍ମକାହାଣୀଧର୍ମୀ । ଏହି ଗଳ୍ପଗୁଡ଼ିକରେ ଭିନ୍ନ ଭିନ୍ନ ଚରିତ୍ର ମାଧ୍ୟମରେ ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିଛନ୍ତି ଗାଳ୍ପିକ । ଏ ଗଳ୍ପଗୁଡ଼ିକର ବିଶେଷତ୍ୱ ହେଉଛି ଏହାର ଚରିତ୍ର । ଏମାନେ ନିଜ ନିଜ ଜୀବନ ଗାଥା ପାଠକ ସାମ୍ନାରେ ଉପସ୍ଥାପନ କରିଥା'ନ୍ତି । ଅର୍ଥାତ୍ ପ୍ରଥମ ପୁରୁଷ ଏକବଚନରେ ଚରିତ୍ରଗୁଡ଼ିକ ଆତ୍ମକଥା ଉପସ୍ଥାପନ କରିଛନ୍ତି । ଆତ୍ମକଥନ ରୀତି ଯୋଗୁଁ ଗଳ୍ପଗୁଡ଼ିକ ତୁଳନାତ୍ମକ ଭାବେ ଆକର୍ଷଣୀୟ ହୋଇପାରିଛି । ଏ ଚରିତ୍ରଗୁଡ଼ିକ ମାଧ୍ୟମରେ ଗାଳ୍ପିକ ସାଧାରଣ ମଣିଷର ଜୀବନ-ସଂଘର୍ଷ, ନ୍ୟାୟ-ଅନ୍ୟାୟ ଓ ସର୍ବୋପରି ସାମାଜିକ ଚଳଣିର ଧାରାକୁ ସମାଂତରାଳ ଭାବେ ଦର୍ଶାଇପାରିଛନ୍ତି । ଲୋକକାହାଣୀ ଶୈଳୀ ପାଇଁ ଗଳ୍ପଗୁଡ଼ିକ ନୀତି ବା ଆଦର୍ଶର ପ୍ରଖ୍ୟାପକ ହୋଇପାରିଛି । ଏଠାରେ ଶୈଳୀରେ ନୂତନତା

ପରିଲକ୍ଷିତ ହେଉଥିଲେ ମଧ୍ୟ ବକ୍ତବ୍ୟରେ କିଛି ଗାଂଭୀର୍ଯ୍ୟ ନାହିଁ । ଆତ୍ମକଥନ ରୀତି ହିଁ ଏଠାରେ ସୃଷ୍ଟିକରେ ଚମତ୍କାରିକା ଓ ବିଶ୍ୱାସନୀୟତା । 'କାଶ୍ମୀର କାହାଣୀ' ଓ 'ଗୋଟିଏ ଗୃହପାଳିତ ବିଲେଇର ଆତ୍ମକାହାଣୀ' ଏହି ପର୍ଯ୍ୟାୟବାଚୀ । ଉପରୋକ୍ତ ଗଳ୍ପଗୁଡ଼ିକରେ ପାଞ୍ଚଶତ ମୁଦ୍ରା ଓ ବିଲେଇକୁ ଯଥାକ୍ରମେ ଚରିତ୍ର ଭାବେ ନିଆଯାଇଛି ।

'କାଶ୍ମୀର କାହାଣୀ' ଗଳ୍ପର ମୁଖ୍ୟ ଚରିତ୍ର ପାଞ୍ଚଶତ ମୁଦ୍ରା । ହିମାଳୟର ଆଂଠୁଦେଶରେ ଅବସ୍ଥିତ ଏକ ରାଜ୍ୟର ସରକାରୀ ବ୍ୟାଙ୍କରୁ ଅନ୍ୟ ଅନେଶତ ସହୋଦରଂକ ସହ ବାହାରି ଆସି ସେ ଜୀବନର ପ୍ରଥମ ଆଲୋକ ଦେଖିଲା । ଜନ୍ମଠାରୁ ଏପର୍ଯ୍ୟନ୍ତ ସେ କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିଭିନ୍ନ ଅଂଚଳ ଓ ତା'କୁ ଏ ସୁଂଦର ସଂସାର ଦେଖେଇଥିବା ଅନନ୍ତନାଗ ଜିଲ୍ଲାର ମାଜିଷ୍ଟ୍ରେଟଙ୍କ ଦପ୍ତରରେ କ୍ୟାଶ୍-ମେସେଞ୍ଜର ଥିବା ହ୍ୟାଣ୍ଡସମ ଯୁବକ ଠାରୁ ଆରଂଭ କରି ଅବଦୁଲ୍ ରେହେମାନ୍, ହରି ସିଂ, ବିଷ୍ଣୁ ଜାମାୱାର, ମହମ୍ମଦ କୁରେଶୀ, ଜୁଲିଫିକର, କୁମାରୀ ହୁମରା ଇମତିହାନ ଓ ମେଜର କୋହିଲି ପର୍ଯ୍ୟନ୍ତ ବିଭିନ୍ନ ବ୍ୟକ୍ତି ବିଶେଷଂକ ସଂସ୍ପର୍ଶରେ ଆସିଛି । ବିଭିନ୍ନ ସ୍ଥାନ ଓ ଲୋକମାନଂକ ସଂସ୍ପର୍ଶରେ ଆସିବା ଭିତରେ ସେ ଦେଖିଛି ହିନ୍ଦୁ-ମୁସଲମାନ ଦ୍ୱେଷକୁ ନେଇ ଶତ୍ରୁତା, ଟେରରିଷ୍ଟମାନଂକର ଅତ୍ୟାଚାର, କଣ୍ଟ୍ରାକଟରୀ କାମରେ ଜାଲିଆତି ଓ ମଦବେପାରୀମାନଂକର ପ୍ରାଧାନ୍ୟ । ସବୁଠାରେ ଉପଲବଧି କରିଛି ଅନ୍ୟାୟ ଅତ୍ୟାଚାର । ପାଞ୍ଚଶତ ମୁଦ୍ରା ତା' ଏକପାର୍ଶ୍ୱରେ ମହାତ୍ମା ଗାନ୍ଧୀଂକର ଦୀପ୍ତିମାନ ମୁଖକୁ ଧାରଣ କରି ମଧ୍ୟ ଏସବୁ ପାପ ଓ ଅପକର୍ମକୁ ଦେଖିବାକୁ ବାଧ୍ୟ । ଏହାର ପ୍ରତିବାଦ କରିବାକୁ ଯାଇ ସେ କହିଛି- "ମୁଁ ଖାଲି ଏତିକି ପଚାରୁଛି, କି ସୌଭାଗ୍ୟ ମୋର, ଏତେସବୁ ପାପ ଓ ଅକର୍ମର ଦ୍ରଷ୍ଟା ହୋଇସାରି ମୁଁ କ'ଣ ମହାତ୍ମା ଗାନ୍ଧୀଂକ ଛବି ବୋହି ଚାଲିଥିବି? ନବୋହିଲେ କ'ଣ କରିବି, ଏ'ତ ଆଉ ବୋଝଟିଏ ନୁହେଁ ଯେ ଫୋପାଡ଼ିଦେବି, ଏ ତ ମୋର ଅନ୍ତର୍ଗତ, ଏଇ ଅନ୍ତର୍ଗତ ଛବି ନେଇ କେମିତି ପାପ କରିବି ମୁଁ, କେମିତି ପାପରୁ ଆତ୍ମରକ୍ଷା କରିବି, କେମିତି ଜୀଇଁବି, କେମିତି ନଜୀଇଁବି?(ବୟସ୍କଙ୍କ ପାଇଁ ଶିଶୁକାହାଣୀ, ପୃଷ୍ଠା-୪୧) ବାସ୍ତବିକ୍ ଗାନ୍ଧୀଂକର ପରିକଳ୍ପିତ ରାମରାଜ୍ୟ ଆଜି ବିଲୁପ୍ତ ପ୍ରାୟ । ସତ୍ୟ ଓ ଅହିଂସା ପରିବର୍ତ୍ତେ ସବୁଠି ଦୃଷ୍ଟିଗୋଚର ହେଉଛି ଅସତ୍ୟ ଓ ହିଂସା । ମଣିଷ ହରେଇବସୁଛି ତା'ର ଭିତରର ମଣିଷପଣିଆକୁ । ଗାଳ୍ପିକ ଚମତ୍କାର ଭାବେ ପାଞ୍ଚଶତ

ମୁଦ୍ରାକୁ ଚରିତ୍ର ଭାବେ ନେଇ ଦେଶରେ ସୃଷ୍ଟି ହେଉଥିବା ଅରାଜକତା ତଥା ବିଭିନ୍ନ ଅନୈତିକ କାର୍ଯ୍ୟର ବିଶ୍ଳେଷଣ କରିଛନ୍ତି ।

'ଗୋଟିଏ ଗୃହପାଳିତ ବିଲେଇର ଆତ୍ମକାହାଣୀ' ଗଳ୍ପରେ ସାଂସାରିକ ମଣିଷମାନଂକର ଦୈନନ୍ଦିନ ଜୀବନ ଶୈଳୀକୁ ବ୍ୟାଖ୍ୟା କରାଯାଇଛି । ବିଭିନ୍ନ ଘାତ ପ୍ରତିଘାତ ସତ୍ତ୍ୱେ ମଣିଷର ଜୀବନ ଯାତ୍ରା ଅବ୍ୟାହତ ରହିଛି । ମାତ୍ର ନିଜର କ୍ଷଣିକ ସୁଖ ଓ ସ୍ତ୍ରୀର ସାନ୍ନିଧ୍ୟ ପାଇଁ ସେ ସବୁକିଛିକୁ ତୁଛ କରିଦିଏ । ସାମାନ୍ୟ ଉତ୍ତେଜନାର ବଶବର୍ତ୍ତୀ ହୋଇ ସବୁ ସଂପର୍କ ସେ ଭୁଲିଯାଏ । ଉକ୍ତ ଗଳ୍ପରେ ବିଲେଇ ଟିନୁ ନିଜ ଜୀବନସଂଗୀ ପାଇଲା ପରେ ପୁରୁଣା ଖାଉନ୍ଦକୁ ଭୁଲିଯାଇଛି ଓ ଆତ୍ମୀୟସ୍ୱଜନଂକୁ ପଛରେ ପକାଇ ସହରରେ ରହିଛି । ଟିନୁ ପରି ସ୍ୱାର୍ଥ ସର୍ବସ୍ୱ ଲୋକମାନଂକର ମାନସିକତାକୁ ବର୍ଣ୍ଣନା କରିବାକୁ ଯାଇ ଗାଳ୍ପିକ ଲେଖିଛନ୍ତି- "ମୁଁ ଆଉ ମୋର ସାଂଗ ବେଶ୍ ଖୁସିରେ ଅଛୁ । ଖାଉନ୍ଦଙ୍କ କଥା ମନେପଡ଼ିଲେ 'ଢୋ ହେଇଗଲା' ବୋଲି କହୁଛୁ ଓ ଅଣ୍ଟାପାଖେ ମୋଟେଇ ଗଲୁଣି ।"(ବୟସ୍କଙ୍କ ପାଇଁ ଶିଶୁକାହାଣୀ, ପୃଷ୍ଠା-୫୫) ସାଂସାରିକ ମଣିଷମାନଂକ ଜୀବନ ଚର୍ଯ୍ୟାକୁ ଏହିପରି ଚରିତ୍ରଗୁଡ଼ିକ ମାଧ୍ୟମରେ ଜୀବନ୍ତ ଭାବେ ବ୍ୟାଖ୍ୟା କରାଯାଇଛି ଉକ୍ତ ଗଳ୍ପଗୁଡ଼ିକରେ ।

ତୃତୀୟ ଶ୍ରେଣୀୟ ଗଳ୍ପରେ ଚରିତ୍ର ଓ କଥନଭଂଗୀ ଲୋକକାହାଣୀ ପରି, ମାତ୍ର ପ୍ରଥମ ବିଭାଗ ପରି ଏଥିରେ ମଧ୍ୟ ଲୋକକାହାଣୀର ଉପାଦାନ ସହିତ ଆଧୁନିକ ଗଳ୍ପର କଳେବର ପରିଲକ୍ଷିତ ହୋଇଥାଏ । କିନ୍ତୁ ଏହି ଗଳ୍ପଗୁଡ଼ିକରେ ମୂଳରୁ ଶେଷ ପର୍ଯ୍ୟନ୍ତ ଚରିତ୍ରଗୁଡ଼ିକର ଧାରାବାହିକତା ଓ ପ୍ରାଧାନ୍ୟ ସହିତ କଥନଭଂଗୀରେ ଲୋକକାହାଣୀ ଶୈଳୀ ପରିଲକ୍ଷିତ ହେଉଥିବାରୁ ଏହାକୁ ସ୍ୱତନ୍ତ୍ର ବିଭାଗ ଅନ୍ତର୍ଭୁକ୍ତ କରାଯାଇଛି । 'ରାଣୀ ଓ ଡାହାଣୀ କଥା', 'ଶିଆଳ ଓ କୋକିଶିଆଳ କଥା', 'ଦୟା', 'ଏକ ଦାର୍ଶନିକ ହାତୀ କଥା', 'ଗଉଡ଼ ଟୋକା ଓ ବୁଢ଼ୀ ଅସୁରୁଣୀ କଥା', 'ଜହ୍ନ ଖୋଜୁଥିବା ଏକ ଜିଦ୍‌ଖୋର ରାଜା' ଓ 'ଅମୃତ କୁଆଡ଼େ ଗଲା?' ଏହି ଶୈଳୀରେ ରଚିତ । ଏହି ଗଳ୍ପଗୁଡ଼ିକରେ ଅତିରଂଜନ ଓ ଅଲୌକିକତାକୁ ପ୍ରାଧାନ୍ୟ ଦିଆଯାଇଛି । ଯେପରି ବେଙ୍ଗ ମଣିଷ ହୋଇଯିବା ଓ ମଣିଷ ବେଙ୍ଗ ହୋଇଯିବା, ଜହ୍ନ ସୁଂଦର ହରିଣରେ ରୂପାନ୍ତରିତ ହେବା, ଏକ ବୃହତ୍ ଶାମୁକାରୁ ସୃଷ୍ଟି ସଂଭବ ହେବା ଇତ୍ୟାଦି ଅଲୌକିକତା ପରିଲକ୍ଷିତ ହୋଇଥାଏ । ଏସବୁ ଅଲୌକିକତା ଓ ଅତିରଂଜନ କୌଶଳ ମାଧ୍ୟମରେ ଗଳ୍ପଗୁଡ଼ିକରେ

ସାଂପ୍ରତିକ ରାଜନୀତି, ଗାଁର କଳୁଷିତ ବାତାବରଣ ଓ ପାରିବାରିକ ଦ୍ୱନ୍ଦ୍ୱକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରିଛନ୍ତି ଗାଳ୍ପିକ ।

ଉପରୋକ୍ତ ଗଳ୍ପଗୁଡ଼ିକରେ ଗାଳ୍ପିକ ଅଲୌକିକତା ଓ ଅତିରଂଜନକୁ ଏକ କୌଶଳ (Technique) ଭାବେ ବ୍ୟବହାର କରିଛନ୍ତି । କାରଣ ଏହାଦ୍ୱାରା ଲେଖକୀୟ ସ୍ୱାଧୀନତା ବୃଦ୍ଧି ପାଇଥାଏ । ବିଶିଷ୍ଟ ଗାଳ୍ପିକ ତଥା ଏ ଶୈଳୀର ସଫଳ ପ୍ରୟୋଗକାରୀ ମନୋଜ ଦାସ ମଧ୍ୟ ଅଲୌକିକତା ଓ ଅତିନ୍ଦ୍ରୀୟଚେତନା(Mysticism) ଉପରେ ବିଶ୍ୱାସ ରଖନ୍ତି । ଅଧ୍ୟାପକ ପି. ରାଜାଂକୁ 'ଦି ଟାଇମସ ଅଫ୍ ଇଣ୍ଡିଆ'ରେ ଦେଇଥିବା ସାକ୍ଷାତକାରରେ ସେ କହିଛନ୍ତି- "Mysticism ଜଣକୁ ଏପରି ଆନ୍ତଃସ୍ୱାଧୀନତାର ସ୍ୱାଦ ଦେଇପାରେ, ଯାହାଦ୍ୱାରା ସେ ବହୁପ୍ରକାର ବାଧା ଓ ସୀମାକୁ ଅତିକ୍ରମ କରିପାରେ ।" (ଲେଖକଂକ ସହ ପ୍ରଶ୍ନୋତ୍ତର, ମନୋଜ ପଂଚବିଂଶତି, ପୃଷ୍ଠା-ଗ) କାରଣ ଗାଳ୍ପିକ ଯଦି ବାସ୍ତବତାକୁ ଗୁରୁତ୍ୱ ଦେବ ତାହେଲେ ସେ ପ୍ରତ୍ୟେକ ପଦକ୍ଷେପରେ ଦୋଷୀକୁ ତଥା ଖଳ ଚରିତ୍ରକୁ ଦଣ୍ଡ ଦେଇପାରିବ ନାହିଁ । ମାତ୍ର ଏହି ଶୈଳୀ ପ୍ରୟୋଗରେ ସେ ଦୋଷୀକୁ ନିଜ ଇଚ୍ଛାନୁସାରେ ଦଣ୍ଡ ଦେବା ସହିତ ଚାହିଁଲେ ଜୀବନରୁ ମଧ୍ୟ ମାରିଦେଇପାରିବ । ବାସ୍ତବିକ୍ ଏହି ଶୈଳୀ ଅନ୍ୟାୟ, ଅତ୍ୟାଚାର, ବସ୍ତୁବାଦୀତା ଓ ଉଚ୍ଚାକାଙ୍କ୍ଷା ପରି ମାନବ ଚରିତ୍ରର ଅନ୍ଧକାରମୟ ଦିଗକୁ ଉଦ୍ଭାସିତ କରିବା ପାଇଁ ଲେଖକକୁ ଦିଏ ବ୍ୟାପକ ପରିସର ।

ସଂପ୍ରତି ରାଜନୀତି ହୋଇଯାଇଛି ଆତ୍ମକୈନ୍ଦ୍ରିକ । ଯେକୌଣସି ଉପାୟରେ ଅର୍ଥ ଉପାର୍ଜନ କରିବା ଓ ନିଜକୁ ତଥା ନିଜ ପରିବାରକୁ ସମାଜରେ ପ୍ରତିଷ୍ଠିତ କରେଇବା ହେଇଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ସେଥିପାଇଁ କୁଚକ୍ରାନ୍ତ, ଛଳନା ଓ ପ୍ରତାରଣା ହୋଇଛି ଉପଜୀବ୍ୟ । ଏହାର ଫଳ ସ୍ୱରୂପ ବାପା-ପୁଅ, ଭାଇ-ଭାଇ, ଓ ଆତ୍ମୀୟସ୍ୱଜନଂକ ମଧ୍ୟରେ ସଂପର୍କ ତିକ୍ତ ହେବାରେ ଲାଗିଛି । 'ଶିଆଳ ଓ କୋକିଶିଆଳ କଥା' ଗଳ୍ପରେ ରାଜପୁତ୍ର ଶୃଗାଳ ସିଂହାସନ ଲାଳସାରେ କବଳିତ । ଶତ୍ରୁମାନଂକ ଚକ୍ରାନ୍ତ ଯୋଗୁଁ ରାଜପୁତ୍ର ଶୃଗାଳର ଅନେକ ସହୋଦର ଓ ଆତ୍ମୀୟଂକ ମୃତ୍ୟୁ ହୋଇଛି । ମାତ୍ର ସିଂହାସନ ଆରୋହଣର ଅଦମ୍ୟ ଇଚ୍ଛା ଯୋଗୁଁ ରାଜପୁତ୍ର ଶୃଗାଳ ଏଥିରେ ମର୍ମାହତ ହୋଇନାହିଁ ବରଂ ଲାଭକରିଛି ଆତ୍ମତୃପ୍ତି । କାରଣ ସେମାନଂକ ମୃତ୍ୟୁ ହିଁ ତା'ର ସିଂହାସନ ଆରୋହଣର ପଥ ପରିଷ୍କାର କରିଦେଇଛି । ବର୍ତ୍ତମାନ ରାଜନୀତିରେ ଦେଖାଯାଉଥିବା

ଭ୍ରାତୃବିବାଦ, ପାରିବାରିକ ବିଶୃଂଖଳାକୁ ଗାଳ୍ପିକ ଶିଆଳ ଓ କୋକିଶିଆଳ ଚରିତ୍ର ମାଧ୍ୟମରେ ବ୍ୟକ୍ତ କରିଛନ୍ତି । ସେହିପରି ରାଜନୀତି ପାଇଁ ସ୍ୱାମୀ ଓ ସ୍ତ୍ରୀର ସଂପର୍କ ମଧ୍ୟରେ କିପରି ଫାଟ ସୃଷ୍ଟି ହେଉଛି ତାହାର ସଫଳ ଦୃଷ୍ଟାନ୍ତ 'ରାଣୀ ଓ ଡାହାଣୀ କଥା' ଗଳ୍ପ । ଆହୁରି ମଧ୍ୟ 'ଗଉଡ଼ ଟୋକା ଓ ବୁଢ଼ୀ ଅସୁରୁଣୀ କଥା' ରେ ଗ୍ରାମ୍ୟ ରାଜନୀତି, ଟାଉଟର ଓ ଗୁଣିଆମାନଂକର ପ୍ରାଦୁର୍ଭାବକୁ ବ୍ୟଙ୍ଗ କରାଯାଇଛି । ପ୍ରମାଥିନୀ ନାମକ ଯୁବତୀର ସ୍ୱାମୀ ମରିଗଲା ବେଳେ ତା'ର ହରିତାଳିକା ନାମକ ଦୁଇବର୍ଷର ଝିଅଟିଏ ଥିଲା । ଏହି ସୁଯୋଗରେ ତା'ର ସଂପତ୍ତି ଉପରେ ଲୋଭକରି ଗାଁ ମାମଲତକାର ଚକ୍ରପାଣି ନିଜର ଟାଉଟରୀ ବିଦ୍ୟା, କୁଚକ୍ରାନ୍ତ ଓ ବିଭିନ୍ନ ପ୍ରକାର ଅପବାଦ ଦେଇ ପ୍ରମାଥିନୀକୁ ଜଂଗଲକୁ ପଠାଇଦେଲା । ଅପରପକ୍ଷରେ ପ୍ରମାଥିନୀ ଆରାମରେ କିଛି ଦିନ ସନ୍ୟାସିନୀ ଜୀବନ ବିତେଇଲା, ମାତ୍ର କ୍ଷଣିକ ମାନସିକ ସ୍ଖଳନ ପାଇଁ ନିଜ ଝିଅକୁ ହରେଇଲା । ସଂପ୍ରତି ଗାଁରେ ସୃଷ୍ଟି ହେଉଥିବା ଏହିପରି ବିଭିନ୍ନ ସମସ୍ୟା ସଂପର୍କରେ ଗାଳ୍ପିକ ସୂଚନା ଦେଇଛନ୍ତି । ମାତ୍ର 'ଜହ୍ନ ଖୋଜୁଥିବା ଜିଦ୍‌ଖୋର ରାଜା' ଗଳ୍ପରେ ମଣିଷ ଭିତରେ ସୃଷ୍ଟି ହେଉଥିବା ଅସଂଖ୍ୟ ଆଶା ଓ ଆକାଂକ୍ଷା ବିଷୟରେ କହିଛନ୍ତି । ପ୍ରତ୍ୟେକ ମଣିଷର ଆଶା ସର୍ବଦା ଅସୁମାରୀ । କିଛି ପାଇବାର ଆଶା ଓ ତା'ର ଅପେକ୍ଷାରେ ବ୍ୟସ୍ତ ରହିଥାଏ ସେ । ମାତ୍ର ସବୁ ଆଶାର ସଫଳ ସମାଧାନ ହୋଇପାରେନା । ସଂଭାବନା ନଥାଇ ଶୁଦ୍ଧା ଅପେକ୍ଷାର ଶେଷ ହୁଏନାହିଁ । ପ୍ରତ୍ୟେକ ପରିଣାମ ସଂପର୍କରେ ସଚେତନ ହୋଇ ବି ସେ ହୁଏ ଆଶାବାଦୀ । ଯେପରି ରାଜା ଅପେକ୍ଷାରେ ଅଛନ୍ତି ଜହ୍ନ ଓ ହରିଣର । ଜହ୍ନ ଓ ହରିଣକୁ ଏଠାରେ ପ୍ରତୀକ୍ଷା ବା ଆଶାର ପ୍ରତୀକ ଭାବେ ବ୍ୟବହାର କରାଯାଇଛି । ଯାହା ସର୍ବଦା ମରୀଚିକା ପ୍ରାୟ । ସେଥିପାଇଁ ସମସ୍ତେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ କିଛି ନା କିଛି ଅପେକ୍ଷାରେ ଥାଆନ୍ତି । କାରଣ ଏହି ପ୍ରତୀକ୍ଷା ହିଁ ଚିରଂତନ ସବୁ ସମୟରେ ।

ଲୋକକାହାଣୀ ଶୈଳୀରେ ଆଧୁନିକ ଗଳ୍ପକୁ ବିନ୍ୟସ୍ତ କରିବା ସହିତ ଏହା ମାଧ୍ୟମରେ ସମସାମୟିକ ସମାଜ ବ୍ୟବସ୍ଥାକୁ ଉପସ୍ଥାପନ କରାଯାଇଛି । ମାତ୍ର ସ୍ଥାନେ ସ୍ଥାନେ ହୃଷୀକେଶୀୟ ଶୈଳୀ ଓ କୌଶଳ ଏସବୁକୁ ଟପିଯିବା ପରି ମନେହୁଏ । ଗାଳ୍ପିକ ଏହି ଶୈଳୀକୁ ଗୁରୁତ୍ୱ ଦେଇଥିଲେ ହେଁ ଲୋକକାହାଣୀ ପରି ସେ କ୍ରମାନ୍ୱୟତା ରକ୍ଷା କରିପାରିନାହାନ୍ତି । ସାଧାରଣତଃ କ୍ରମିକ ବର୍ଣ୍ଣନା ହିଁ ଲୋକକାହାଣୀକୁ ସୁଖପାଠ୍ୟ କରି ଗଢ଼ିତୋଳିଥାଏ । ନିଜର ବକ୍ତବ୍ୟକୁ ଟିକିଏ ଅଲଗା ଭାବେ ପ୍ରକାଶ କରିବାର ମାନସିକତା

ନେଇ ଗାଳ୍ପିକ ଏହି ଧାରାରୁ ଓହରି ଆସିଛନ୍ତି ଓ ସୀମିତ ବାକ୍ୟ ମଧ୍ୟରେ ବହୁତ କିଛି କହିବାର ଚେଷ୍ଟା ସହିତ ପାଠକକୁ ସେହି ସମସ୍ୟା ସଂପର୍କରେ ଭାବିବାକୁ ସୁଯୋଗ ଦେଇଛନ୍ତି । ଯଥା- "ବହୁଦିନ ତଳେ ଗୋଟିଏ ଗାଁରେ ପ୍ରମାଥିନୀ ନାମକ ଯୁବତୀଟିଏର ସ୍ୱାମୀ ମରିଗଲା ।" କିମ୍ବା "କୌଣସି ରାଜ୍ୟରେ ବୃହଧ୍ୱଜ ନାମକ ଜଣେ ରାଜପୁତ୍ର ଥିଲେ ।" (ବୟସ୍କଙ୍କ ପାଇଁ ଶିଶୁକାହାଣୀ, ପୃଷ୍ଠା-୧୩,୧) ଅତଏବ ଏଠାରେ ସିଧାସଳଖ ସମସ୍ୟା ସଂପର୍କରେ କୁହାଗଲା । କିନ୍ତୁ ଲୋକକାହାଣୀ ହୋଇଥିଲେ ଗାଁ ଓ ରାଜ୍ୟର ନାମ, ଯୁବତୀର ସ୍ୱାମୀ, ରାଜ୍ୟର ରାଜା ଓ ସବିଶେଷ ବର୍ଣ୍ଣନା ସ୍ଥାନ ପାଇଥା'ନ୍ତା । ଗାଳ୍ପିକଂକ ଉଦ୍ଦେଶ୍ୟ ପାଠକମାନଂକୁ ଆମର ପୁରୁଣା ସଭ୍ୟତା, ସଂସ୍କୃତି ଓ ପରଂପରା ବିଷୟରେ ପୁଣିଥରେ ମନେପକେଇଦେବା, ମାତ୍ର ପ୍ରାଚୀନ ଧାରାରେ ଭସେଇ ନନେଇ ସାଂପ୍ରତିକ ସମସ୍ୟା ସଂପର୍କରେ ଭାବିବାକୁ ସୁଯୋଗ ଦେବା । ଯାହା ଫଳରେ ପାଠକ ସମସ୍ୟାଗୁଡ଼ିକୁ ହୃଦୟଂଗମ କରିବା ସହିତ ସଚେତନ ହୋଇପାରିବ । ସେଥିପାଇଁ ଲୋକକାହାଣୀ ଶୈଳୀକୁ ବ୍ୟବହାର କରିଥିଲେ ମଧ୍ୟ ସିଧାସଳଖ ଓ ରୋକ୍‌ଠୋକ୍ ଭାବେ ନିଜର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି । କାରଣ ଏହିପରି ବର୍ଣ୍ଣନା ଦ୍ୱାରା ବକ୍ତବ୍ୟର ଗୁରୁତ୍ୱ ବୃଦ୍ଧିପାଇବା ସହିତ ପ୍ରଭାବଶାଳୀ ହୋଇପାରିଥାଏ । ଆହୁରି ମଧ୍ୟ ଏ ସଂପର୍କରେ ବିଶିଷ୍ଟ ସାହିତ୍ୟିକ ତଥା ଏ ଧାରାର ସଫଳ ପ୍ରୟୋଗକାରୀ ମନୋଜ ଦାସ ମନେକରନ୍ତି ଯେ, ଏହା ଦ୍ୱାରା ଲେଖକର ସ୍ୱାଧୀନତା ବୃଦ୍ଧିପାଏ । ଅନ୍ୟାୟ, ଅତ୍ୟାଚାର, ମନୁଷ୍ୟର ବସ୍ତୁବାଦୀତା, ଉଚ୍ଚାକାଂକ୍ଷା ପରି ମାନବ ଚରିତ୍ରର ଅନ୍ଧକାରମୟ ଦିଗକୁ ଉଭାସିତ କରିବା ପାଇଁ ଏ ଶୈଳୀ ଲେଖକକୁ ଦିଏ ବ୍ୟାପକ ପରିସର ।

ମଣିଷ ଯେତେ ଆଧୁନିକ ହେଲେ ମଧ୍ୟ ଆମର ବାପା-ମା ଓ ପୂର୍ବପୁରୁଷମାନଂକୁ ଅସ୍ୱୀକାର କରିନାହିଁ କି କରିପାରିବନାହିଁ । ସେହିପରି ଲୋକକାହାଣୀ ପରଂପରାରେ ସେ ଯୁଗେଯୁଗେ ଉଦବୁଦ୍ଧ ହେଉଥିବ । କାରଣ ଲୋକକାହାଣୀ ଆମର ଅସ୍ଥିମଜ୍ଜାଗତ ଏବଂ ଏହା ଆମର ଅତୀତ ପରଂପରାକୁ ସ୍ମୃତିର ସୁଅରେ ଭସେଇ ଆଣି ବର୍ତ୍ତମାନର ପୃଷ୍ଠଭୂମିରେ ସମତାଳ ରକ୍ଷାକରି ଭବିଷ୍ୟତ ପାଇଁ ଏକ ନୂତନ ସତ୍ୟ ସଂଧାନର ସୁଯୋଗ ସୃଷ୍ଟି କରିପାରୁଛି । ସେଥିପାଇଁ ଏହି ଶୈଳୀ ମାଧ୍ୟମରେ ସମାଜର ସୁସ୍ଥ ମଣିଷମାନଂକର ଚିତ୍ର ନଦେଇ ଏହାର ବିପରୀତମୁଖୀ ଅର୍ଥାତ୍ ଅନ୍ୟାୟୀ ଓ ଅତ୍ୟାଚାରୀ ମଣିଷମାନଂକର ପୁନଃଜାଗରଣ ପାଇଁ ଚେଷ୍ଟା କରିଛନ୍ତି ଗାଳ୍ପିକ । ଏହା ସହିତ ସମାଜରେ ସୃଷ୍ଟି ହେଉଥିବା

ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗାଲ୍ପିକଂକ ନୂତନ ଶୈଳୀର ପ୍ରୟୋଗ ଓ ଚମତ୍କାର ବର୍ଣ୍ଣନା ବେଶ୍ ରୁଚିପୂର୍ଣ୍ଣ ।

**(୫) ସାମାଜିକ ସମସ୍ୟାମୂଳକ ଗଳ୍ପ:-**

ମଣିଷ ଏକ ସାମାଜିକ ପ୍ରାଣୀ । ତେଣୁ ତା'କୁ କେନ୍ଦ୍ରକରି ରଚିତ ସମସ୍ତ ସୃଷ୍ଟି ସାମାଜିକ ପର୍ଯ୍ୟାୟବାଚୀ । ଆମ ଚତୁଃପାର୍ଶ୍ୱରେ ଘଟୁଥିବା ସମସ୍ତ ଘଟଣା, ସେ ରାଜନୀତିକ ହେଉ ବା ଐତିହାସିକ ତାହା ଆମ ସମାଜର ଅଂଶବିଶେଷ । ମାତ୍ର ନିଜର ସୁବିଧାର୍ଥେ ଏଗୁଡ଼ିକର ବିଭାଗୀକରଣ କରାଯାଇଛି । ସେହିପରି ଏଠାରେ ମଧ୍ୟ ହୃଷୀକେଶଂକ ଗଳ୍ପଗୁଡ଼ିକୁ ଆଲୋଚନାର ସୁବିଧା ପାଇଁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି । ଆଲୋଚ୍ୟ ସାମାଜିକ ସମସ୍ୟାମୂଳକ ଗଳ୍ପରେ ମଧ୍ୟ ଉପରୋକ୍ତ ବିଭାଗଗୁଡ଼ିକ ଦୃଷ୍ଟିଗୋଚର ହୋଇଥାଏ, ମାତ୍ର ତାହା କ୍ଷୀଣ । ସେଥିପାଇଁ ପୃଥକ୍ ବିଭାଗୀକରଣ ପରେ ଅନ୍ୟାନ୍ୟ ସମସ୍ତ ଗଳ୍ପକୁ ସାମାଜିକ ସମସ୍ୟାମୂଳକ ପର୍ଯ୍ୟାୟଭୁକ୍ତ କରି ଆଲୋଚନା କରାଯାଇଛି ।

୧୯୮୨ ମସିହାରେ ପ୍ରକାଶିତ ହୁଏ ଗାଲ୍ପିକଂକ ପ୍ରଥମ ଗଳ୍ପ ସଂକଳନ 'ବାହାରେ ଛିଡ଼ାହୋଇଥିବା ଲୋକ' । ଏଥିରେ ତାରୁଣ୍ୟର ଛାପ ପରିଲକ୍ଷିତ ହୁଏ । ସେ ନିଜେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ତାଂକର ପ୍ରଥମ ଦୁଇ ତିନୋଟି ସଂକଳନରେ ସ୍ଥାନିତ ଅଧିକାଂଶ ଗଳ୍ପ କଲେଜ ବେଳର ଲେଖା । ସେଥିପାଇଁ ଏହି ଗଳ୍ପଗୁଡ଼ିକରେ ପ୍ରେମ ଜନିତ ହତାଶା, କିଛି ପାଇବାର ବ୍ୟାକୁଳତା, ନିଃସଂଗତା ଓ ସାଧାରଣ ଘଟଣାବଳୀ ଇତ୍ୟାଦି ମୁଖ୍ୟ ଉପଜୀବ୍ୟ । 'ତୋ ଲାଗି ଗୋପଦାଣ୍ଡ', 'ସାତୋଟି କାର୍ଟୁନ ଓ ଗୋଟିଏ ତୈଳଚିତ୍ର', 'ଜଣେ ପ୍ରସିଦ୍ଧ ଲେଖକର ସଂକ୍ଷିପ୍ତ ଆତ୍ମଜୀବନୀ', 'ଗୋଟିଏ ନିହାତି ଟ୍ରାଡିସନାଲ ଗପ', 'କନଅପାର ପାଉଁଜି', 'ନଚିକେତାର ସବାଶେଷ ପ୍ରେମଗପ', 'ନିଜପାଇଁ ଗପ', 'ପୃଥିବୀ ହୃଦୟରେ ସମସ୍ତେ ଏକାକୀ', 'ହାତଟିଏ', 'ହୃଦୟ ଭିତରେ ଝଡ଼ିପୋକ ଉଡୁଥିବାର ଦୃଶ୍ୟ' ଇତ୍ୟାଦି ଗଳ୍ପଗୁଡ଼ିକରେ ଉପରୋକ୍ତ ଭାବଧାରାର ପରିପ୍ରକାଶ ଘଟିଛି । ନିଃସଂଗତା ଓ ପ୍ରେମହୀନତା ଏସବୁ ଗଳ୍ପର ମୁଖ୍ୟସ୍ୱର । ଏହିପରି ତାରୁଣ୍ୟର ଉଚ୍ଛ୍ୱାସ ଓ ବ୍ୟର୍ଥପ୍ରେମ ବର୍ଣ୍ଣନା କରିବା ସମୟରେ ଗାଲ୍ପିକ ସିରିୟସ ନହୋଇ ତାଂକ ଚିରାଚରିତ ଶୈଳୀର୍ରେ ବର୍ଣ୍ଣନା କରିଛନ୍ତି । ଗଳ୍ପନାୟକ କେତେବେଳେ କନଅପା ତ କେତେବେଳେ ପ୍ରୀତି, ବାପ୍ନା

ଓ ମାୟାର ପ୍ରେମରେ ମସଗୁଲ । ଏମାନଂକୁ ଖୋଜୁଖୋଜୁ ସେ ନୟାନ୍ତ ହୋଇପଡ଼ିଛନ୍ତି । ଭଦ୍ରକ କଲେଜର କ୍ୟାମ୍ପସ୍ ଠାରୁ ଆରଂଭ କରି ବାଣୀବିହାରର ପାଣିଟାଂକି ପାଖ ଭାଇନା କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ସେ ସବୁଠି ପାଇଛନ୍ତି ବାସ୍ନାର ସଂଧାନ । 'ପୃଥିବୀ ହୃଦୟରେ ସମସ୍ତେ ଏକାକୀ' ଗଳ୍ପରେ ଗଳ୍ପନାୟକ ବାସ୍ନାର ସଂଧାନ କରିଛନ୍ତି, ତା ପବିତ୍ରତାରେ ମୁଗ୍ଧ ହୋଇଛନ୍ତି, ତାକୁ ନେଇ ସ୍ୱପ୍ନର ମୀନାର ଗଢ଼ିଛନ୍ତି, ମାତ୍ର ଥରୁଟିଏ କିଛି କହିପାରିନାହାନ୍ତି ମୁହଁଖୋଲି । ଏଠାରେ ଏକ ନୀରବ ପ୍ରେମର ଫଲ୍‌ଗୁ ପ୍ରବାହିତ ହୋଇଛି । ବାସ୍ନାକୁ ଏକ ସୌମ୍ୟ ଦର୍ଶନ ଯୁବକ ସାଥେ ଦେଖି ସେ ମର୍ମାହତ ହୋଇପଡ଼ିଛନ୍ତି । ଆହୁରି ମଧ୍ୟ ଏକଦା ଏକତ୍ର ହେବାର ସ୍ୱପ୍ନ ଦେଖୁଥିବା ଗଳ୍ପନାୟକଂକ ହୃଦୟରୁ ମାୟା ନିଷ୍କ୍ରାନ୍ତ ହୋଇଯାଇଛି । ଗାଳ୍ପିକଂକ ବକ୍ତବ୍ୟ, "ପବନ ଚାଲିଗଲା ବେଳେ ବି ଶବ୍ଦ ହୁଏ, ତମେ କେମିତି ଚାଲିଗଲ ଚୁପ୍‌ଚାପ୍? ପୃଥିବୀ ହୃଦୟରେ ସମସ୍ତେ ଏକାକୀ; ସୂର୍ଯ୍ୟର ଦୟାର୍ଦ୍ର କିରଣ ଟିକେ ଫୋଡ଼ିହେଇ ଜୀବନ । ତାପରେ ସହସା ନିରବଚ୍ଛିନ୍ନ ରୌଦ୍ରଅନ୍ଧାର ।" (ପୃଥିବୀ ହୃଦୟରେ ସମସ୍ତେ ଏକାକୀ, ସଂ- ବାହାରେ ଛିଡ଼ାହୋଇଥିବା ଲୋକ, ପୃଷ୍ଠା- ୩୯)

ସାଧାରଣତଃ ଗଳ୍ପଗୁଡ଼ିକରେ ନାୟକ ଓ ନାୟିକା ଉଭୟର ମିଳନରେ ପ୍ରେମର ସାର୍ଥକତା ପ୍ରତିପାଦନ ହୋଇଥାଏ । ଉଭୟଂକ ପରସ୍ପର ପ୍ରତି ଥିବା ଅନୁରାଗ ଯୋଗୁଁ ପ୍ରେମ ହୋଇପାରିଥାଏ ସ୍ୱର୍ଗୀୟ ଓ ଶାଶ୍ୱତ । ମାତ୍ର ହୃଷୀକେଶଂକ ପ୍ରେମ ଚିତ୍ର ସଂପୂର୍ଣ୍ଣ ନିଆରା । ଗୋଟିଏ ବି ଗଳ୍ପରେ ସେ ଦୁଇଟି ହୃଦୟର ମିଳନକୁ ଗୁରୁତ୍ୱ ଦେଇନାହାନ୍ତି । ପ୍ରତ୍ୟେକ ଚରିତ୍ର ଯେପରି ଅନ୍ୟମନସ୍କ । ସେଥିପାଇଁ ତାଂକ ଗଳ୍ପନାୟକ କନଅପା, ପ୍ରୀତି, ବାସ୍ନା ଓ ମାୟାର ସ୍ୱପ୍ନରେ ବିଭୋର । କାହାରି ପାଖରୁ ପ୍ରେମର ଉଷ୍ମତା ଅନୁଭବ କରିପାରୁନାହିଁ ସେ । ପରସ୍ପର ପ୍ରତି ଥିବା ଆକର୍ଷଣ ଯେପରି କ୍ଷଣିକ । ସେହିପରି ନାୟିକା ମାୟା ମଧ୍ୟ ବାହାଘର ଠିକ୍ ହୋଇଯିବା ପରେ ମଧ୍ୟ ନଚିକେତାକୁ ସମୟ ଦେଇଛି, ସମୁଦ୍ର କୂଳରେ ବୁଲିଛି ଓ ଅଂତରଂଗ ହୋଇଛି । ମାତ୍ର ସେ ସଚେତନ ଯେ, ସେ କେବେ ବି ନଚିକେତାର ହୋଇପାରିବ ନାହିଁ । ତାଂକର ଗଳ୍ପର ନାୟକ ନାୟିକାମାନେ ପରସ୍ପର ପ୍ରତି କ୍ଷଣିକ ଉତ୍ତେଜନାରେ ଶିହରିତ ହୁଅନ୍ତି ମାତ୍ର; ସମସ୍ତେ ଯେପରି ସଚେତନ ସେମାନଂକର ପରିବାର, କ୍ୟାରିଅର ଓ ଭବିଷ୍ୟତକୁ ନେଇ ।

ସଂପ୍ରତି ମଣିଷ ନିଜର ଆତ୍ମସତ୍ତା ଅନ୍ୱେଷଣରେ ବ୍ରତୀ । ସମାଜର ଧରାବଂଧା ରୁଟିନ୍‌ଯୁକ୍ତ ନିୟମ କାନୁନ୍ ଓ ଜୀବନ ଧାରଣ ପ୍ରକ୍ରିୟାର ସୀମା ସରହଦ ଅତିକ୍ରମ କରିବାକୁ ସେ ବ୍ୟଗ୍ର । ସେଥିପାଇଁ ଅଧିକାଂଶ ହୃଷୀକେଶୀୟ ଚରିତ୍ର ସମାଜକୁ ଉପେକ୍ଷା କରି ନିଜସ୍ୱ ସ୍ଥିତି ସୁଦୃଢ଼ କରିବାକୁ ଶତତ ଚେଷ୍ଟିତ । ତେଣୁ ଏହି ବିଚିତ୍ର ବ୍ୟକ୍ତି ସତ୍ତା ହିଁ ଅନୁଭୂତ ହୁଏ ତାଂକ ଗଳ୍ପରେ । 'ନଚିକେତାର ସବାଶେଷ ପ୍ରେମ ଗପ'ରେ ନଚିକେତା ଜଣେ ଶିକ୍ଷିତ ଓ ଆତ୍ମମନସ୍କ ଯୁବକ । ମାୟା ସହିତ ନିବିଡ଼ ସଂପର୍କ ଥିଲେ ହେଁ ସମୟାନୁକ୍ରମେ ପୂର୍ବର ସେ ଘନିଷ୍ଠତାରେ ଦେଖାଦେଇଛି ଶିଥିଳତା । ସମୟାନୁକ୍ରମେ ମାୟାର ବାହାଘର ଅନ୍ୟତ୍ର ଠିକ୍ ହୋଇଯିବା ପରେ ସେ ନଚିକେତାକୁ ତା' ସହ ଦେଖା କରିବାକୁ ବା ଫୋନ୍ କରିବାକୁ ମନା କରିଦେଇଛି । ତଥାପି ନଚିକେତା ମାୟାର ଚିଠିକୁ ଓ ସମାଜକୁ ଖାତିର୍ ନକରି ମାୟାର ସହରକୁ ଆସିଛି ଓ ବାରଂବାର ଫୋନ୍‌କରି ପରିଶେଷରେ ତା' କଲେଜକୁ ଯାଇ ତାକୁ ଦେଖାକରିଛି । ଦେଖାହେଲା ପରେ ଉଭୟେ ଉଭୟଂକୁ ଅତି ଆପଣାର ଲାଗିଲେ । ପୁନର୍ବାର ସେମାନେ ଶୀତତାପ ନିୟନ୍ତ୍ରିତ ରେସ୍ତୋରାଁରେ କଫି ଖାଇଲେ, ସମୁଦ୍ର କୂଳରେ ବୁଲିଲେ । ପୁଣିଥରେ ଜହ୍ନରାତି, ଗୋଲାପ ପାଖୁଡ଼ା ଓ ବର୍ଷାରେ ହାତଧରି ଭିଜିବାର ସୁଂଦର ମୁହୂର୍ତ୍ତକୁ ଉପଭୋଗ କଲେ । ନଚିକେତା ଦାନ୍ତ କାମୁଡ଼ି ପଚାରିଲା, 'ମୁଁ ତମ ପାଇଁ ଜୀବନ ଦେଇଦେବି । ମୋତେ କୁହ ମୋର କ'ଣ ଭୁଲ ରହିଗଲା, କୋଉଠି ମୁଁ ପଛେଇଗଲି ।' ଏହା ଶୁଣି ତରତର ହୋଇ ଦି'ଧାର ଲୁହ ବହିଗଲା ମାୟାର ଆଖିରୁ । ମାୟାର ବିଦାୟ ପରେ ଅଲକ୍ଷ୍ୟରେ ନଚିକେତା ମାୟା ରହୁଥିବା ସହରରେ ଘୂରି ବୁଲିଛି, ସିଗାରେଟ ଟାଣିଛି ଓ ରାତିରେ ନିଦ ଔଷଧ ଖାଇ ଶୋଇବାର ଉପକ୍ରମ କରିଛି । କୌଣସିଟିରେ ସମାଧାନର ପନ୍ଥା ପାଇନାହିଁ । ସେ ଯେପରି ହଜାର ହଜାର ଲୋକଂକ ଦୁଃଖ ସହ ସାମିଲ୍ ହୋଇଯାଇଛି । ନଚିକେତା ଭାବିଛି , "ବୋଧେ ଜୀବନରେ ବିରାଟ କିଛି ଗୋଟେ ଘଟିଲେ, ସେଟା ଜୀବନ ଅର୍ଥହେବ, ସେ ଅବସ୍ଥାରେ ଆମେ ପହଞ୍ଚିନାହେଁ, କିନ୍ତୁ ଖୁବ୍ ସମ୍ଭବତଃ ମୋ ପାଇଁ ଜୀବନର ଅର୍ଥ ଏଇ ଗଲା ଦି' ଦିନର ଜୀବନ। ଯେହେତୁ ମଣିଷଠୁ ଉଚ୍ଚରେ କୌଣସି ମୂଲ୍ୟ/ବସ୍ତୁରେ ମୁଁ ବିଶ୍ୱାସ କରେନାହିଁ, ତମେ ହିଁ ମୋର ମନର ମଣିଷ, ମୋର ଜୀବନର ଅର୍ଥ । ଏତଦବ୍ୟତୀତ ଜୀବନର ଆଉ କ'ଣ ଅର୍ଥ, ଏଇ ଜୀବନ ବାହାରେ?" ଏବଂ ମାୟା କହିଛି, "ତମେ କ'ଣ ଜାଣନାହିଁ, ଏଇଟା ନିରାଟ ସତବୋଲି?" (ବାହାରେ ଛିଡ଼ା

ହୋଇଥିବା ଲୋକ, ପୃଷ୍ଠା-୧୧୬,୧୧୭) ଏଠାରେ ଜଣଂକର ସମାଜକୁ ସ୍ୱୀକାର କରିନେବାର ମାନସିକତା ଓ ଅନ୍ୟଜଣେ ନିଜର ଅସ୍ତିତ୍ୱ ପାଇଁ ସମାଜ ସହ ଚ୍ୟାଲେଞ୍ଜ କରିବାରେ ଆଗ୍ରହୀ ।

ସଂପ୍ରତି ପରିବର୍ତ୍ତିତ ପୃଷ୍ଠଭୂମି ସହ ମଣିଷର ମାନସିକତାରେ ଦେଖାଦେଇଛି ପରିବର୍ତ୍ତନ । ତେଣୁ 'କନଅପାର ପାଉଁଜି', 'ତୋ ଲାଗି ଗୋପଦାଣ୍ଡ' ଓ 'ହୃଦୟ ଭିତରେ ଝଡ଼ିପୋକ ଉଡୁଥିବାର ଦୃଶ୍ୟ' ଗଳ୍ପଗୁଡ଼ିକରେ ଗଳ୍ପନାୟକ ନାୟିକାର ଅନ୍ୟତ୍ର ବିବାହ ହେବା କଥା ଶୁଣି ମଧ୍ୟ ନିଜର ଇଚ୍ଛା ଜାହିର କରିବାକୁ ପ୍ରସ୍ତୁତ । ସମାଜର ଶୃଂଖଳକୁ ଭାଂଗି ଗଳ୍ପନାୟକ ପ୍ରୀତି ଓ କନଅପାର ସ୍ୱପ୍ନରେ ବିଭୋର । ଗାଳ୍ପିକଂକ ଏହି ପ୍ରକାର ଚରିତ୍ରମାନଂକ ସଂପର୍କରେ ସମାଲୋଚକ କ୍ଷୀରୋଦ ଚଂଦ୍ର ବେହେରା କହଂତି, "ହୃଷୀକେଶଂକ ନାୟକଗୁଡ଼ିକ ପ୍ରତିନାୟକ । ତାଂକ ଭିତରେ ହିରୋଇକ୍ ଭାବନା ବଦଳରେ ଅଧିକାଂଶ ସମୟରେ ବାସ୍ତବ ଜୀବନ ଉଦାସୀନତା ତାଂକୁ ଗ୍ରାସ କରିଥାଏ । ଉଦାସୀନତା ବଦଳରେ ଯଦି ନାୟକମାନେ ନାୟକତ୍ୱ ଦେଖାଇଥା'ନ୍ତେ ତେବେ ଗଳ୍ପଟି ପାରଂପରିକ ପରିଣତି ଓ କାବ୍ୟିକ ନ୍ୟାୟ ଆଡ଼କୁ ଗତି କରିଥାନ୍ତା । ସବୁଠାରୁ ବଡ଼କଥା ବାସ୍ତବ ଜୀବନରେ ସର୍ବଦା ନାୟକତ୍ୱ ଦେଖାଇ ହୁଏନାହିଁ ଏବଂ ବାସ୍ତବ ଜୀବନରେ ବାସ୍ତବରେ କାବ୍ୟିକ ନ୍ୟାୟ ଚରିତ୍ରମାନଂକୁ ମିଳିନଥାଏ ।"(ଏକବିଂଶ ଶତାବ୍ଦୀରେ ଓଡ଼ିଆ ଗଳ୍ପ: ପ୍ରତିଶ୍ରୁତି ଓ ସମ୍ଭାବନା, ପୃଷ୍ଠା-୧୦୯) ଏହି ନ୍ୟାୟରେ ଉପରୋକ୍ତ ଗଳ୍ପଗୁଡ଼ିକର ନାୟକ ସମସ୍ତ ପ୍ରୟାସ ସତ୍ତ୍ୱେ ହତାଶ ହୋଇଛି । କନଅପା ସହିତ ସମୁଦାୟ ପାଞ୍ଚପଦ କଥା ହୋଇ ବି ତା' ସ୍ୱପ୍ନରେ ବିଭୋର ଗଳ୍ପନାୟକ । 'କନଅପାର ପାଉଁଜି' ଗଳ୍ପରେ କନଅପା ପେଟରେ ପିଲା, 'ହୃଦୟ ଭିତରେ ଝଡ଼ିପୋକ ଉଡୁଥିବାର ଦୃଶ୍ୟ' ଗଳ୍ପରେ ପ୍ରୀତିର ବାହାଘର ଠିକ୍ ହୋଇଯିବା ଓ 'ତୋ ଲାଗି ଗୋପଦାଣ୍ଡ' ଗଳ୍ପରେ ନାୟିକା କାଖରେ ଦୁଇଟି ଛୁଆ ଓହଳେଇ ଗଳ୍ପନାୟକ ସାମ୍ନାରେ ଲାଜ ନକରି ସ୍ତନରୁ ଛୁଆକୁ କ୍ଷୀର ପିଆଇବା ସତ୍ତ୍ୱେ ବି ଏମାନଂକ ସ୍ମୃତିରେ ଗଳ୍ପନାୟକର ହୃଦୟ ରୁକରୁକ୍ କରୁଛି । ପ୍ରକୃତିସ୍ଥ ହେଲାପରେ ହୃଦୟ ଭିତରେ ଝଡ଼ିପୋକ ଉଡୁଥିବାର ଅନୁଭବ କରିଛନ୍ତି ଗଳ୍ପନାୟକ । ଗାଳ୍ପିକଂକ ଭାଷାରେ, "ଏବେ ଆଉ କ'ଣ? ଭାବୁଚି ତମେ ଆଉ ଆସିବ ନାହିଁ, ମୁଁ ଆଉ ତମକୁ ଡାକିବି ନାଇଁ । ଏଠି ଏକା ଏକା ବସି ସିଗାରେଟ/ଦାରୁ ପିଇବି, ରଜାପରି ଏକାଟିଆ ହେଇଯିବି ।" (ବାହାରେ ଛିଡ଼ାହୋଇଥିବା ଲୋକ, ପୃଷ୍ଠା-୨୯)

ଏହିପରି ଭାବେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଏମାନେ ଏକାଟିଆ ହୋଇଯାନ୍ତି । 'ସାତୋଟି କାର୍ଟୁନ ଓ ଗୋଟିଏ ତୈଳଚିତ୍ର' ଗଳ୍ପରେ ଓପେକ୍, ତ୍ରିଭୁବନ ବିଜୟୀ ଚତୁର୍ବେଦୀ, ନୂତନ କିଶୋର ରାଉତ, ଆଲୋକ ମଲ୍ଲିକ, ଇନ୍ଦ୍ରିୟଜିତ, ମହାପାତ୍ରେ ଇତ୍ୟାଦି ସାତଜଣ ପୁରୁଷ, ଯେଉଁମାନେ କି ପେଷାରେ ଡାକ୍ତର ଇଂଜିନିୟର ପରି ପଦସ୍ଥ ଅଫିସର, ସେମାନଂକ ଜୀବନ ଗୋଟିଏ ଝିଅପାଇଁ ହିଁ ଅସହାୟ ହୋଇଯାଇଛି । ସେଇ ଟଣାଟଣା ଆଖି, ଗୋଲାପ ପାଖୁଡ଼ା ପରି ମୁହଁ ହୋଇଥିବା ଏକ ସୁଂଦରୀ ତରୁଣୀ, ଯିଏକି ହାଇଦର ଅଲ୍ଲୀ ବିଡ଼ି କଂପାନୀର କ୍ୟାଲେଣ୍ଡରରେ ମଡେଲ ଭାବେ ଲଟକି ଥାଏ, ତାକୁ ପାଇବାକୁ ଏଇ ସାତଜଣ ବ୍ୟାକୁଳ । ସମସ୍ତେ ଭାବନ୍ତି ସେ ତ ମୋର ହୋଇପାରିଥାନ୍ତା । ଗାଳ୍ପିକ ବ୍ୟଙ୍ଗାତ୍ମକ ଭାବେ ଏହି ସାତଜଣଂକୁ କାର୍ଟୁନ ଓ ସେହି ନାରୀକୁ ତୈଳଚିତ୍ର ଭାବେ ବ୍ୟକ୍ତ କରିଛନ୍ତି । 'ନିଜପାଇଁ ଗପ', 'ନିହାତି ସତ ଭୂତଗପ' ଓ 'ଜଣେ ପ୍ରସିଦ୍ଧ ଲେଖକର ସଂକ୍ଷିପ୍ତ ଆତ୍ମଜୀବନୀ' ଗଳ୍ପଗୁଡ଼ିକରେ କିଛି ନୂତନତ୍ୱ ପରିଲକ୍ଷିତ ହୁଏନାହିଁ ।

ସଂପ୍ରତି ଦେଶରେ ଚାକିରି କ୍ଷେତ୍ରରେ ଦେଖାଦେଇଛି ବିଭିନ୍ନ ପ୍ରକାର ସମସ୍ୟା । ଚାକିରିଜୀବୀମାନେ କେତେବେଳେ ଉଚ୍ଚପଦସ୍ଥ ଅଫିସରମାନଂକର କୁଦୃଷ୍ଟିର ଶିକାର ହେଉଛନ୍ତି ତ କେତେବେଳେ ନିଜର ପ୍ରମୋସନ ଓ ତତ୍‌ଜନିତ ମାନସିକ ଦ୍ୱନ୍ଦ୍ୱ ଭୋଗୁଛନ୍ତି । ଦେଶର ସବୁଠାରୁ ଶୃଂଖଳିତ ସାମରିକ ଚାକିରିରେ ମଧ୍ୟ ପଦସ୍ଥ ଅଫିସରମାନଂକର ବିଶୃଂଖଳିତ କାର୍ଯ୍ୟ ଦେଖିବାକୁ ମିଳୁଛି । ଏହାର ଏକ ସଫଳ ଦୃଷ୍ଟାନ୍ତ 'କୌଣସି ଏକ କଜଳପାତି ସଂପର୍କରେ' ଗଳ୍ପ । ନାୟାର ପରି ଏକ କର୍ତ୍ତବ୍ୟନିଷ୍ଠ ଅଫିସର ଚିତ୍ର ଆଂକିବାରେ ଏପରି ମଜ୍ଜିଯାଇଥିଲା ଯେ, କ୍ୱାର୍ଟର ମାଷ୍ଟରଂକୁ ଅଭିବାଦନ ଜଣେଇବାକୁ ଭୁଲିଯାଇଛି । ତେଣୁ କ୍ୱାର୍ଟର ମାଷ୍ଟର ରାଗରେ ଲାଲ ହୋଇଯାଇଛନ୍ତି । ଏମାନଂକ ଆଧିପତ୍ୟକୁ ବର୍ଣ୍ଣନା କରିବାକୁ ଯାଇ ଗାଳ୍ପିକ ଲେଖିଛନ୍ତି, "କ୍ୱାର୍ଟର ମାଷ୍ଟରଂକ ଆଖି ଛୋଟ ଛୋଟ ହୋଇଗଲା, ମୁହଁ ଲାଲ । ସେ ପିଛେ ମୁଡ୍ କରି ଚାଲିଗଲେ ଓ ଦୁଇପଟୁ ରିକ୍ରୁଟମାନେ ଧାଡ଼ିଏ ଲାଜକୁଳୀ ପତ୍ରପରି ଛିଡ଼ାହେଇ ନଇଁପଡ଼ିଲେ ।" (ବାହାରେ ଛିଡ଼ାହୋଇଥିବା ଲୋକ, ପୃଷ୍ଠା-୨୧) ଏଇ ସାମାନ୍ୟ ଭୁଲ୍ ପାଇଁ ନାୟାରକୁ ଚାକିରିରୁ ବରଖାସ୍ତ କରାଯାଇଛି । କାରଣ ଦର୍ଶାଯାଇଛି ଯେ, ସେ ମାନସିକ ଭାବ ବିକୃତ । ଏଥିରୁ ସ୍ପଷ୍ଟ ଅନୁମେୟ ସାଧାରଣ ସ୍ତରଠାରୁ ଆରଂଭ କରି ଦେଶସେବା ପର୍ଯ୍ୟନ୍ତ ସେବୁଠି ଉଚ୍ଚପଦସ୍ଥ ଅଫିସରମାନଂକ ଭୂମିକା ବଳବତ୍ତର ରହିଛି । ପରିଶେଷରେ ପି.ଏ. ମହାଶୟ

ନାୟାରକୁ ଦେଇଥିବା ଆଶ୍ୱାସନା ଏକ କରୁଣ ପରିସ୍ଥିତି ସୃଷ୍ଟି କରିବା ସହିତ ଆମ ଶାସନ ବ୍ୟବସ୍ଥାର ସ୍ଥିତିକୁ ଲୋକଲୋଚନକୁ ଆଣିପାରିଛି । "ଖରାପ ଭାବିବେନି । ମୁଁ କିନ୍ତୁ ଭାବୁଛି ଆପଣ ସଂପୂର୍ଣ୍ଣ ସୁସ୍ଥ, ଏଇ ଯୁଗଟା ତ ହେଲା ଶକ୍ତିଶାଳୀ ଲୋକଂକ ଯୁଗ । ଏଇ ସବୁ ମିଛ ଆରୋପ- ତଥାପି ଥରେ ଡାକ୍ତର ଦେଖେଇଦେବାଟା ଭଲ ହବ ନାଇଁକି?" (ବାହାରେ ଛିଡ଼ାହୋଇଥିବା ଲୋକ, ପୃଷ୍ଠା-୨୩)

ଚାକିରି ଓ ପ୍ରମୋସନ ସମସ୍ତଙ୍କୁ କବଳିତ କରି ରଖିଛି । ଚାକିରି ପାଇବାର ମାନସିକ ଯନ୍ତ୍ରଣା ଓ ଚାକିରି ପାଇଯିବା ପରେ ପ୍ରମୋସନ ଜନିତ ସମସ୍ୟାକୁ ନେଇ ସମସ୍ତେ ବ୍ୟସ୍ତ । ଏହିପରି ଘଟଣାକୁ ନେଇ ଗାଳ୍ପିକ ରଚନା କରିଛନ୍ତି 'ନିଶୁଣି', 'ପ୍ରକୃତ ହତ୍ୟାକାରୀ ଦୟାକରି ହାତଟେକିବେକି', 'ଜଣେ ସମସାମୟିକ ନାୟକର କଥା' ଇତ୍ୟାଦି ଗଳ୍ପ । 'ନିଶୁଣି' ଗଳ୍ପରେ ବିଶ୍ୱମ୍ଭର ବାବୁ ପ୍ରମୋସନ ପାଇଁ ମାନସିକ ଭାବେ ଯନ୍ତ୍ରଣା ପାଇଛନ୍ତି । ଏଥିପାଇଁ ସେ ସ୍ତ୍ରୀ, ପୁଅ-ଝିଅ ଓ ଅଫିସରେ କୌଣସି କର୍ମଚାରୀଂକ ସହିତ ମଧ୍ୟ ଆଲୋଚନା କରିପାରିନାହାନ୍ତି । ତାଂକର ଅନ୍ୟଜଣେ ସହକର୍ମୀ ଧନୁର୍ଦ୍ଧର ତାଂକର ସମକକ୍ଷ ହେଲେ ହେଁ, ତା'ର ପ୍ରମୋସନ ହୋଇଯାଇଛି ମାତ୍ର ବିଶ୍ୱମ୍ଭର ବାବୁ ସେହିପରି ତଳ ପାହ୍ୟାରେ ରହିଯାଇଛନ୍ତି । ଧନୁର୍ଦ୍ଧରର ପିଲାମାନେ ଭଲ ସ୍କୁଲରେ ପଢ଼ିବା ସହିତ ଅୟେସ ଆରାମରେ ଦିନ କାଟୁଛନ୍ତି, ମାତ୍ର ତାଂକର ପିଲାମାନଂକୁ ନା ସେ ଭଲ ସ୍କୁଲରେ ପଢ଼େଇପାରୁଛନ୍ତି ନା ଭଲ ଖାଇବାକୁ ମଧ୍ୟ ଦେଇପାରୁଛନ୍ତି । ବିଶ୍ୱମ୍ଭର ବାବୁଂକ ଆଜୀବନ ପ୍ରଗଲ୍‌ଭା ଝିଅର ବିବାହ ବୟସ ଅତିକ୍ରାନ୍ତ ହେବାରୁ ସେ ପ୍ରାୟତଃ ମୂକ ହୋଇଯାଇଥିଲା, ବେକାରୀ ସମସ୍ୟା ଯୋଗୁଁ ପୁଅଟି ରାତିରେ ଡେରିରେ ଘରକୁ ଫେରିବା ସହିତ ବାଜେ କାର୍ଯ୍ୟରେ ଲିପ୍ତ ହୋଇଯାଉଥିଲା ଏବଂ ତାଂକର ସ୍ତ୍ରୀ ଛାତିରେ ବ୍ୟଥା ଅନୁଭବ କରିବା ସହିତ ମୁର୍କୁଟିଆ ଓ ଖେଟଖେଟିଆ ହୋଇଯାଉଥିଲା । ବିଶ୍ୱମ୍ଭର ବାବୁଂକ ପରି ଏହିପରି ସମସ୍ୟା ଭୋଗୁଛନ୍ତି ଅନେକ ଲୋକ । ଏହାର ମୁଖ୍ୟ କାରଣ ଛୋଟ ଚାକିରି ଓ ଅଳ୍ପ ଦରମା ।

'ଜଣେ ସମସାମୟିକ ନାୟକ କଥା' ଗଳ୍ପରେ ଅନନ୍ତ ବାବୁ ପ୍ରମୋସନ ଚିନ୍ତାରେ ମାନସିକ ଭାରସାମ୍ୟ ହରେଇ ଚାକିରିରୁ ଇସ୍ତଫାଦେଲେ ଓ ମଝିରେ ମଝିରେ ସେ କେନାଲ ପାଣିରେ କାଗଜ ଡଂଗା ଭସାଉଥିବାର ଦେଖିବାକୁ ମିଳିଲା । 'ପ୍ରକୃତ ହତ୍ୟାକାରୀ ଦୟାକରି ହାତ ଟେକିବେ କି?' ଗଳ୍ପରେ ମୀନକେତଅନ ବାବୁ ହାର୍ଟ ଆଟାକ୍

ଯୋଗୁଁ ମୃତ୍ୟୁବରଣ କରିଛନ୍ତି । ସେ ୱାଟର ସପ୍ଲାଇ ଏକ୍‌ଜିକ୍ୟୁଟିଭ ଇଂଜିନିୟର ଥିଲେ । ତାଂକ ମୃତ୍ୟୁ ପରେ ସପକ୍ଷରେ ଓ ବିପକ୍ଷରେ ବହୁ ମତ ପ୍ରକାଶ ପାଇଲା । ପ୍ରତିଦ୍ୱନ୍ଦ୍ୱୀମାନେ କହିଲେ ମୀନକେତନ ବାବୁ ଶୋଷି ଶୋଷି ଏଡ଼େବଡ଼ ସହରଟାକୁ ମରୁଭୂମି କରିଦେଲେ ଓ ଲୋକେ ଟୋପେ ପାଣି ମଧ୍ୟ ପାଇଲେ ନାହିଁ । ପଇସା ଖୋଳ କରି ମଧ୍ୟ ଆଜିଯାଏ କାମ ଶେଷ କରିପାରିଲେ ନାହିଁ । ଲୋକଂକ ନିଃଶ୍ୱାସ ତାଂକ ଉପରେ ପଡ଼ିବ ନାହିଁ ତ କାହା ଉପରେ ପଡ଼ିବ । ମାତ୍ର ସପକ୍ଷବାଦୀମାନଂକ ମତ ଥିଲା ଯେ, ଏଠିକାର ଷ୍ଟାଫମାନେ ବହୁତ ଖରାପ । ସେମାନେ ସର୍ବଦା ମୀନକେତନ ବାବୁଂକୁ ଗାଳି ଦେଉଥିଲେ, ଧମକ ଦେଉଥିଲେ ଓ ବ୍ଲାକମେଲ କରୁଥିଲେ, ସେଥିପାଇଁ ବିଚରାର ହାର୍ଟଫେଲ ହେଇଗଲା । ମାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଂକ ବୟାନରୁ ସବୁକିଛି ସ୍ପଷ୍ଟ ହେବା ସହିତ ଚାକିରିଜୀବୀମାନଂକର ଲାଂଚଖୋର ମନୋବୃତ୍ତି ଲୋକଲୋଚନକୁ ଆସିପାରିଛି । ତାଂକ ବକ୍ତବ୍ୟ ଏହିପରି ଥିଲା- "ମୀନକେତନ ବାବୁ ଆମର ପୁରୁଣା ରୋଗୀ । ଅବଶ୍ୟ ସେ ଭେଲୋରରେ ଚିକିତ୍ସିତ ହେଉଥିଲେ । ହେଲେ ରୁଟିନ୍ ଚେକ୍ ପାଇଁ ସେ ଆମ ପାଖକୁ ଆସନ୍ତି । ଆଗରୁ ତାଂକର ତିନିଥର ହାର୍ଟ ଆଟାକ୍ ହୋଇଥିଲା । ଏଇଟା ଚତୁର୍ଥ । ଆମେ ତାଂକୁ ଅନେକ ଥର ଉପଦେଶ ଦେଇଛୁ ଯେ, ଏଇ ଫିଲ୍‌ଡ କାମର ଟେନ୍‌ସନ ଛାଡ଼ି ହେଡ଼ ଅଫିସକୁ ବଦଳି ହେଇ ଯାଆଂତୁ । ହେଲେ ତାଂକ ସ୍ତ୍ରୀ ରାଜି ହେଲେନାହିଁ । ଦୁଇଦୁଇଟା ବଢ଼ିଲା ଝିଅ ବାହା ହେବାକୁ ହେଲେଣି । ପୁଅ ଦୁଇଟାଂକର ପାଠପଢ଼ା ସରିନାହିଁ । ହେଡ୍ ଅଫିସରେ ଦରମା ଟଂକାରେ କେମିତି ଚଳିବେ? x x x ହେଲେ କିଏ କହିବ ଟିକେ ହାଲୁକା ପୋଷ୍ଟକୁ ଯାଇଥିଲେ....... ।" (ଶୂନ୍ୟତାର ପାଶ୍ଚାତ୍ୟକୁ, ପୃଷ୍ଠା-୩୮) ବର୍ତ୍ତମାନ ପ୍ରାୟ ଅଧିକାଂଶ ଲୋକ ଏହିପରି ହୀନମାନସିକତା ଦ୍ୱାରା କବଳିତ । କିପରି ସେମାନେ ଅଳ୍ପ ପରିଶ୍ରମରେ କରିବେ ଅଧିକ ଉପାର୍ଜନ । ଅସତ୍ ଉପାୟରେ ଅର୍ଥ ଉପାର୍ଜନର ଚିଂତା ଯୋଗୁଁ ସବୁ ସମୟରେ ସେମାନେ ଭୋଗୁଛନ୍ତି ମାନସିକ ଯନ୍ତ୍ରଣା । ସେଥିପାଇଁ କେବେ ବି ଏମାନେ ଉପଭୋଗ କରିପାରିନାହାଂତି ଏହାର ସୁପରିଣାମ । ପରିଶେଷରେ ଏମାନଂକୁ ଭୋଗିବାକୁ ପଡୁଛି ଅନନ୍ତ ବାବୁ, ବିଶ୍ୱମ୍ଭର ବାବୁ ଓ ମୀନକେତନ ବାବୁଂକ ପରି ଅବସ୍ଥା । ପାରିବାରିକ ଓ ସାମାଜିକ ଶାଂତି ବଦଳରେ ଏହିପରି ଲୋକମାନେ ସର୍ବଦା ମାନସିକ ଦ୍ୱନ୍ଦ୍ୱରେ ଛଟପଟ ହୁଅଂତି । ଏହି ଗଳ୍ପଗୁଡ଼ିକ ମାଧ୍ୟମରେ ଗାଳ୍ପିକ ସମାଜରେ ବାସ

କରୁଥିବା ଏହି ଛଦ୍ମମୁଖାଧାରୀ ମଣିଷମାନଂକର ପ୍ରକୃତ ରୂପ ଉନ୍ମୋଚନ କରିବାକୁ ଚେଷ୍ଟା କରିଛନ୍ତି ।

ସଂପ୍ରତି ଦେଶରେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛନ୍ତି ଯୁବପୀଢ଼ି ଓ ସେମାନଂକ ଦ୍ୱାରା ସୃଷ୍ଟ ବେକାରୀ ସମସ୍ୟା । ଚାକିରି ଅନ୍ୱେଷଣ, ଅର୍ଥଚିଂତା ଓ ସର୍ବୋପରି ପରିବାରର ବୋଝ ଇତ୍ୟାଦି ଯୋଗୁଁ ସେମାନେ ହରାଉଛନ୍ତି ମାନସିକ ଭାରସାମ୍ୟ । ଯାହାଫଳରେ ସେମାନେ ଏଥିରୁ ମୁକୁଳିବା ପାଇଁ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଚୋରୀ, ହତ୍ୟା, ଧର୍ଷଣ ଓ ଲୁଂଠନ ସହିତ ବଜାରରେ ଆଡ୍ଡାଦେବା, ଚୁଗୁଲିଆମି କରିବା, ଗ୍ରାମ୍ୟ ରାଜନୀତିରେ ମିଶି ସର୍ବସ୍ୱାନ୍ତ ହେବା, ଲକ୍ଷ୍ୟଭ୍ରଷ୍ଟ ଭାବେ ଘୁରିବା ଏବଂ ମାନସିକ ଅବସାଦ ଦୂରୀକରଣ ପାଇଁ କ୍ଲବ୍ ଯାଇ ମଦ୍ୟପାନ କରିବାକୁ ଆପଣେଇ ନେଇଛି ଆଜିର ଯୁବସମାଜ । ତା'ର ଅସରଂତି ଜୀବନ ଅନ୍ୱେଷାର ଯେତେବେଳେ ପୂର୍ଣ୍ଣଚ୍ଛେଦ ପଡ଼ିଯାଉଛି ଏବଂ କିଛି କରିପାରିବାର ସ୍ୱପ୍ନ ଯେତେବେଳେ ଭଂଗିଯାଉଛି ସେ ଆହୁରି ଅସହାୟ ହୋଇଉଠୁଛି । ଏହି ଅତି ପରିଚିତ ଦୁଃଖମାନଂକୁ ଭୁଲିବା ପାଇଁ 'ସନାତନ ସବୁଦିନେ କ୍ଲବ୍‌ଯାଏ' ଗଳ୍ପର ସନାତନ ସବୁଦିନେ କ୍ଲବ୍‌ଯାଏ ଓ ମଦପିଏ ଏବଂ ଭୁଲିଯିବାକୁ ଚେଷ୍ଟାକରେ ନିଜର ପାରିବାରିକ ସ୍ଥିତିକୁ । ସନାତନ ପରିବାରର ବଡ଼ପୁଅ । ଔଷଧ ବିନା ସାନଭାଇ ଟାଇଫଏଡ଼ରେ ମରିଗଲା ପରେ ମା' ଓ ଭଉଣୀ ରାତିରେ ଶୋଇପାରୁନାହାନ୍ତି । ଆର୍ଥିକ ଦୁଃସ୍ଥିତି ପାଇଁ ବାପା କିଛି ନଜାଣିଲା ପରି ଚୁପ୍ ରହୁଛନ୍ତି । ଏହି ପରିସ୍ଥିତିରେ ତା'ର ମୁଖ୍ୟ ଆଶ୍ରୟସ୍ଥଳ ହୋଇଯାଇଛି କ୍ଲବ୍ । ନିଜର ବେକାରୀ ଜୀବନ ଓ ତତ୍‌ଜନିତ ପାରିବାରିକ ଅଶାନ୍ତି ଯୋଗୁଁ ସେ କ୍ଲବ୍‌ଯାଇ ଭୁଲିଯିବାକୁ ଚାହିଁଛି ନିଜ ଘର, ପରିବାର ଓ ନିଜସ୍ୱ ସତ୍ତାକୁ । ଏହାକୁ ଗୁରୁତ୍ୱ ଦେବାକୁ ଏବଂ ସମସ୍ତଂକ ଦୃଷ୍ଟି ଆକର୍ଷଣ ପାଇଁ ଗାଳ୍ପିକ ପଦ୍ୟଶୈଳୀରେ ବର୍ଣ୍ଣନା ଦେଇଛନ୍ତି ।

"ସନାତନ ସବୁଦିନେ କ୍ଲବରେ ମଦପିଏ ।
କ୍ଲବରେ ପହଞ୍ଚିବା ମାତ୍ରକେ କିଛିକ୍ଷଣ
ଅଦ୍ଭୁତ ସଂପର୍କହୀନ ଲୋକଂକୁ ଦେଖିଦେଖି
ସେ ନିଜକୁ ଆଶ୍ଚର୍ଯ୍ୟ ହେଇ ପଚାରେ
ମୁଁ କ୍ଲବ୍ କାହିଁକି ଆସିଚି? କିନ୍ତୁ

ଦି' ଚାରି ପେଗ୍ ପିଇଦେଲା ପରେ
ସେ ଏ ପ୍ରଶ୍ନଟି ଭୁଲିଯାଏ ଓ
କ୍ଲବ୍ ସାଙ୍ଗେ ସାମିଲ୍ ହେଇଯାଏ ।'' (ରେବତୀ, ପୃଷ୍ଠା-୮୦-୮୧)

ଏହି ଭାବଧାରାକୁ ଭିତ୍ତିକରି ଗାଳ୍ପିକଂକ ଅନ୍ୟ ସଫଳ ଗଳ୍ପଗୁଡ଼ିକ ହେଲା, 'କ'ଣ ଖୋଜୁଛ ଯଯାତି?', 'ଗୋଟିଏ ଅବୋଧ୍ୟ ହତ୍ୟାକାଣ୍ଡର ବିବରଣୀ', 'ଚାରି ସଙ୍ଗାତ କଥା', 'ସୁଖବାସୀ' ଓ 'ଡିଡି ଆମର ସାଙ୍ଗ, ଭାରି ଭଲ ସାଙ୍ଗ' । ଅର୍ଥଚିଂତା ଓ ତତ୍‌ଜନିତ ମାନସିକ ଦ୍ୱନ୍ଦ୍ୱ ଯୋଗୁଁ ଯଯାତି, ଧଡ଼ି, ଧୂଳିଆ, ନରୋତ୍ତମ, ସୁଖବାସୀ, ଦକ୍ଷିଣକବାଟ, ସନ୍ତୋଷ, ନରେନ୍ଦ୍ର, ଡ଼ିଡ଼ି ଇତ୍ୟାଦି ଚରିତ୍ର ବାଜେ ବାଜେ କଥାରେ ମୁଣ୍ଡପୂରାନ୍ତି, ମଦ ପିଅନ୍ତି, ସିନେମାରେ ମିଶିବାର ସ୍ୱପ୍ନ ଦେଖନ୍ତି ନହେଲେ ଶସ୍ତା ରାଜନୀତି କରି ତଳିତଳାନ୍ତ ହୁଅନ୍ତି । ନିଜର ଅଯୋଗ୍ୟତା ପାଇଁ 'ଚାରି ସଙ୍ଗାତ କଥା'ରେ ଘରେ କୌଣସି କାମ ନକରି ବଜାରରେ ଆଡ୍ଡା ଦିଅନ୍ତି ଧଡ଼ି ଓ ଧୂଳିଆ । କାମ ନଥିବାରୁ ମିଛରେ କଲେଜ ଚୌକିଦାରର ମୃତ୍ୟୁ ଘଟଣା ଚାରିଆଡ଼େ ପ୍ରଚାର କରନ୍ତି । ପରିଶେଷରେ ଏନ୍.ଏ.ସି. ଲୋକେ ବସ୍ତା ଭିତରୁ ଉଦ୍ଧାର କରନ୍ତି ଦୁଇଟି କୁକୁରର ମୃତଦେହ । ସେହିପରି 'ଗୋଟିଏ ଅବୋଧ୍ୟ ହତ୍ୟାକାଣ୍ଡର ବିବରଣୀ' ଗଳ୍ପରେ ଶ୍ରମକାତର ଦୁଇ ଯୁବକ ସନ୍ତୋଷ ଓ ନରେନ୍ଦ୍ର ପଖାଳ ଓ ଶୁଖୁଆପୋଡ଼ା ଖାଇ ଘରୁ ବାହାରି ଆସି ସାମାନ୍ୟ ଟିଫିନ୍ ଲୋଭରେ ପ୍ରୋସେସନରେ ମିଶି ସ୍ଲୋଗାନ୍ ଦେଇଛନ୍ତି ଓ ପୋଲିସ ପାଖରୁ ମାଡ଼ ମଧ୍ୟ ଖାଇଛନ୍ତି । ପୋଲିସ ଉପରେ ରାଗ ରଖି ଗଳି ରାସ୍ତାରେ ଘରକୁ ଫେରୁଥିବା ସମୟରେ ପୋଲିସ ସଂଦେହରେ ଦିଗମ୍ବର ନାମକ ମାଟିଆ ବର୍ଦ୍ଦିପିନ୍ଧା ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀକୁ ପିଟି ମାରିଦେଇଛନ୍ତି । ଏହିପରି ବିନାମୂଲ୍ୟରେ କୌଣସି କାରଣ ନଥାଇ ଆଜିର ସୁସ୍ଥ ଯୁବ ସମାଜ ନଷ୍ଟ କରୁଛି ନିଜର ବହୁମୂଲ୍ୟ ସମୟ ଏବଂ ସମାଜରେ ଏକ ବିଷାକ୍ତ ପରିବେଶ ସୃଷ୍ଟି କରୁଛି । ଦେଶ ଯେତେବେଳେ ସେମାନଂକ ଠାରୁ ଆଶା କରୁଛି କିଛି ନୂତନ ଆଲୋକ, ସେତେବେଳେ ସେମାନେ ହୋଇଯା'ନ୍ତି ପଙ୍ଗୁ ଓ ଅଥର୍ବ । ଦେଶକୁ ଯେଉଁମାନେ ନିୟନ୍ତ୍ରଣ କରିବା କଥା, ସମାଜକୁ ନୂତନ ଆଶା ଓ ବିଶ୍ୱାସ ଦେବାକଥା ସେମାନେ ଆଜି ଗୋଟିଏ ଚା' କପରେ ହରେଇବସୁଛନ୍ତି ନିଜର ବ୍ୟକ୍ତିତ୍ୱ । ଭୁଲିଯାଆନ୍ତି ଯେ ସେମାନେ ଏ ଦେଶର ଉତ୍ତରଦାୟାଦ । 'ସୁଖବାସୀ' ଗଳ୍ପରେ ସୁଖବାସୀ ନିଜର ସ୍ତ୍ରୀ ଓ ପିଲାମାନଂକୁ ଉପେକ୍ଷା କରି ନେତାମାନଂକର ଚାମ୍‌ଚା ହୋଇଛି । ପରିଶେଷରେ ସାମାନ୍ୟ ଜଳଖିଆ ଓ

ମିଲ୍ ଖାଇବା ପାଇଁ ନିଜର ଜମିବାଡ଼ି ବିକ୍ରିକରି ସେ ହୋଇଯାଇଛି ସର୍ବସ୍ୱାନ୍ତ । ଏଥର ତା'ର ନା ଅଛି ଜମିବାଡ଼ିର ଚିନ୍ତା ନା ଚାଷବାସର ଚିନ୍ତା । ସବୁକିଛି ହରେଇ ସେ ବାସ୍ତବରେ ହୋଇଯାଇଛି ସୁଖବାସୀ । ଏହିପରି ଚରିତ୍ରଗୁଡ଼ିକ ନିଜର କ୍ଷତି କରିବା ସହିତ ନିଜ ପରିବାର ଓ ଦେଶର ମଧ୍ୟ କ୍ଷତି କରୁଛନ୍ତି । ବାସ୍ତବରେ ବେକାରୀ ସମସ୍ୟା ଏକ ଚିନ୍ତାଶୀଳ ବିଷୟ । ଦେଶର ଆର୍ଥନୀତିକ ବିକାଶ ସହ ସର୍ବାଙ୍ଗୀନ ଉନ୍ନତି ବାଧାପ୍ରାପ୍ତ ହେଉଛି ଏହାଦ୍ୱାରା । ଏଥିପାଇଁ ଅନେକ କାରଣ ଥିଲେ ବି ଗାଳ୍ପିକ ହୃଷୀକେଶ ପଣ୍ଡା ଯୁବପୀଢ଼ିର ଶ୍ରମକାତରତା, ଅପରିଣାମଦର୍ଶିତା ଓ କାର୍ଯ୍ୟଦକ୍ଷତାର ଅଭାବକୁ ଦାୟୀ କରିଛନ୍ତି ।

ଗାଳ୍ପିକ ସର୍ବଦା ଏକ ସୁସ୍ଥ ସମାଜ ଗଠନରେ ପ୍ରୟାସୀ । ମଣିଷ କିପରି ମୁଣ୍ଡଟେକି ଏକ ସୁସ୍ଥ ଜୀବନ ବଂଚିପାରିବ ଏହା ତାଂକର ଲକ୍ଷ୍ୟ । କିନ୍ତୁ ସାଧାରଣ ମଣିଷର ସୁଖର ସଂସାରକୁ ଯିଏ ବିଷାକ୍ତ କରୁଛି ସିଏ ମଧ୍ୟ ମଣିଷ । ଏହି ମଣିଷ ପୁଣି ଅମାପ କ୍ଷମତାର ଅଧିକାରୀ ହେଲେ ହୁଏ କୁବୁଦ୍ଧିସଂପନ୍ନ । ବିଶେଷକରି ରାଜନୀତିକ ବ୍ୟକ୍ତି, ସରକାରୀ କର୍ମଚାରୀ, ସାଂବାଦିକ ଓ ଓକିଲମାନଂକ ଠାରୁ ଦେଶର ଅଗଣିତ ଜନତା ସୁସ୍ଥ ଆଇନ କାନୁନ୍ ଓ ଶୃଂଖଳିତ ବ୍ୟବହାର ଆଶା କରୁଛନ୍ତି, ମାତ୍ର ଅର୍ଥ ଓ ପ୍ରତିଷ୍ଠା ପାଇଁ ସେମାନେ ନିଷ୍ଠୁର ହୋଇଯାଆନ୍ତି । 'ବାଃ କି ବଢ଼ିଆ ଜୋକ୍ ମାରିଲି', 'ଏହି ଗଳ୍ପଟି ଶହେବର୍ଷ ପରେ ଲେଖା ଯାଇଥିଲେ ଗଳ୍ପ ନହୋଇ ଇତିହାସ ହୋଇଥାଆନ୍ତା', 'ରଘୁଅଜା', 'ମେରିଆ' ଓ 'ସେ କ'ଣ ମୂକ, ନା ସେ କଥା କହିପାରେ ଯେ, କହେନାହିଁ କୌଣସି କାରଣରୁ?' ଇତ୍ୟାଦି ଗଳ୍ପଗୁଡ଼ିକରେ ବିଭିନ୍ନ ସ୍ତରରେ ଥିବା କ୍ଷମତାଶାଳୀ ବ୍ୟକ୍ତିମାନଂକୁ ଗାଳ୍ପିକ ସିଧାସଳଖ ଆକ୍ଷେପ କରିବା ସହିତ ସେମାନଂକର ହୀନ ମାନସିକତାକୁ ସୂଚେଇ ଦେଇଛନ୍ତି । ଜଣେ ସଚ୍ଚୋଟ ନାଗରିକ ଓ ନିର୍ଭୀକ ପ୍ରଶାସକ ହିସାବରେ ସେ ଏମାନଂକୁ ଅଂଗୁଳି ନିର୍ଦ୍ଦେଶ କରିଛନ୍ତି । ସଭାସମିତିରେ ନାରୀର ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ଆଇନ୍ ପ୍ରଣୟନ କରନ୍ତି ଏମାନେ । ମାତ୍ର ଚାକିରି ପ୍ରଲୋଭନ ଦେଖେଇ ଅର୍ଥନେବା ସହିତ ନାରୀ ଇଜ୍ଜତକୁ ନେଇ ଖେଳ ଖେଳନ୍ତି । ନାରୀ ପ୍ରତି ସମ୍ମାନ କେବଳ କାଗଜ ପତ୍ର ମଧ୍ୟରେ ସୀମିତ ରହିଯାଏ । ଏହିପରି ଏକ ନୀଚ ମନୋବୃତ୍ତିର ପରିଚୟ ଦେବାକୁ ଯାଇ ଗାଳ୍ପିକ ଲେଖିଛନ୍ତି– "ହେଲେ ଏବେ ତୁ ଆଉ କୁମାରୀ ନୋହୁଁ; କେମିତି ଆମ ଘରକୁ ବୋହୂ ହେଇ ଆସିବୁ? ଆଉ ଚାକିରି ଅବଶ୍ୟ ମିଳିବ, ହେଲେ ତୁ ତ

ଜାଣୁ ପଇସା ଦେବାକୁ ପଡ଼ିବ, କାରଣ ମୋ ସ୍ତ୍ରୀ ହିସାବ ରଖିବ ଯେ ।'' (ବାଃ କି ବଢ଼ିଆ ଜୋକ୍ ମାରିଲି, ସଂ-ସାହାବଦେବତା, ପୃଷ୍ଠା-୧୦୮) ସେହିପରି 'ରଘୁଅଜା' ଗଳ୍ପରେ ମୃତ ରଘୁଅଜାଂକ ପରି ସଚ୍ଚୋଟ ମଣିଷଂକୁ ରାଜନୀତିକ ଛକାପଞ୍ଝା ଓ ଭୋଟ ପ୍ରଚାର ପାଇଁ ଗାଁର ସାଧାରଣ ସଭାରେ ଦେଶଦ୍ରୋହୀରେ ପରିଣତ କରିବା ସହିତ ତାଂକ ବିଧବା ସ୍ତ୍ରୀଂକୁ ସମସ୍ତଂକ ଆଗରେ ଅପଦସ୍ତ କରିବା ରାଜନିତିକ ବ୍ୟକ୍ତିମାନଂକ ନିକୃଷ୍ଟ ମାନସିକତାର ପରିଚୟ ଦିଏ । ଏମାନେ ଗାଁର ଶାଂତ ଓ ସୁଂଦର ବାତାବରଣରେ ବିଷ ପ୍ରୟୋଗ କରି ଏକ ଭୟଂକର ପରିବେଶ ସୃଷ୍ଟି କରିବା ସହିତ ନିରୀହ ଜନସାଧାରଣଂକ ଆଖିରୁ ନିଦ ହଜେଇଦେଉଛନ୍ତି । ଉକ୍ତ ଗଳ୍ପ ମାଧ୍ୟମରେ ଗାଳ୍ପିକ ବର୍ତ୍ତମାନର କଳୁଷିତ ରାଜନୀତି ଓ ନ୍ୟସ୍ତସ୍ୱାର୍ଥ ନେତାମାନଂକୁ ବ୍ୟଙ୍ଗ କରିଛନ୍ତି ।

ସଂପ୍ରତି ନାରୀ ନିର୍ଯ୍ୟାତନା ଓ ଧର୍ଷଣ ଆମ ସମାଜର ମୁଖ୍ୟ ସମସ୍ୟା । ଯହାର ପୃଷ୍ଠଭୂମିରେ ରହିଛି ପଦସ୍ଥ ଅଫିସର, ନେତା ଓ ମନ୍ତ୍ରୀ ପୁଅମାନଂକର ପ୍ରଚ୍ଛନ୍ନ ହାତ । ସଭା, ସମିତି, ଖବରକାଗଜ ଇତ୍ୟାଦିରେ ଏହା ବିରୁଦ୍ଧରେ ନାନା ତଥ୍ୟ ପ୍ରଦାନ କରାଯାଉଥିଲେ ମଧ୍ୟ ପରୋକ୍ଷରେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି ସମାଜର ବଡ଼ପଣ୍ଡାମାନେ । 'ମେରିଆ' ଗଳ୍ପ ଏହାର ଏକ ସଫଳ ନିଦର୍ଶନ । ରେପ୍ ବା ଟୋକୀମରା ବା ଟୋକୀଉଡ଼ାର ଗଳ୍ପ ହେଉଛି 'ମେରିଆ' । ରାସ୍ତା ଉପରେ କୁକୁଡ଼ା ବିକୁଥିବା ଏକ ଝିଅ ଆଡ଼କୁ ସାପ ପରି ଲଂବି ଆସିଛି ନେତା, ମନ୍ତ୍ରୀଂକ ପୁଅମାନଂକର ମୋଟା ମୋଟା ଓଠ । ସମସ୍ତଂକ ସମ୍ମୁଖରେ ସେ ପାଶବିକ ଅତ୍ୟାଚାରର ଶିକାର ହେଲା । ତା'ପରେ ପତ୍ରହୀନ ଶିମୁଳି ଗଛର ପିଶାଚୁଣୀ, ଭୂତୁଣୀ ପରି ଅଳ୍ପ ଦୋହଲୁଥିଲା ସେ । ବାଳ ମୁକୁଳେଇ, ଜଂଘ ଉପରକୁ ଶାଢ଼ୀ ଟେକି, ହାତଗୋଡ଼ ଫରକଟେଇ, କତରା ଉଡ଼େଇ ସେ ଝିଅଟି ସମସ୍ତଂକ ମୁହଁକୁ ଲକ୍ଷ୍ୟ କରି ଛେପ ପକାଇଲା । ଏହି ଛେପ ଯେପରି ଥିଲା ଆଧୁନିକ ସଭ୍ୟ ସମାଜ ଉପରକୁ । ମାତ୍ର ସାଂବାଦିକମାନେ ଏହି ଘଟଣା ମାଧ୍ୟମରେ ନିଜର ଲୋକପ୍ରିୟତା ହାସଲରେ ଲାଗିପଡୁଛନ୍ତି ଫଳରେ ଅଭିଯୁକ୍ତମାନେ ଏହିପରି ଘଟଣାର ପୁନରାବୃତ୍ତି କରିବାକୁ ଦ୍ୱିଧା ପ୍ରକାଶ କରୁନାହାନ୍ତି କିନ୍ତୁ ଯିଏ ଘଟଣାର ଶିକାର ହେଉଛି ସେ ମାନସିକ ଭାରସାମ୍ୟ ହରେଇବସୁଛି । ଶାନ୍ତନୁ, ସୁବୀର ଓ ପ୍ରବୀର ପରି ସାଂବାଦିକମାନଂକର ଅବିବେକୀ କାର୍ଯ୍ୟକଳାପ ପ୍ରତି ତାଚ୍ଛଲ୍ୟ ପ୍ରକାଶ କରି ଗାଳ୍ପିକ ଲେଖିଛନ୍ତି, ''ସବୁଠୁ ପ୍ରଥମେ ଓ ସବୁଠୁ ବିଶ୍ଳେଷଣାତ୍ମକ ସମ୍ବାଦ ବାହାର କରିଥିଲା ଶାନ୍ତନୁ ତା' କାଗଜରେ ।

ଏମିତି ଟିକିନିଖି ସେ ଖବର ବାହାର କରିଥିଲା ଯେ, ଯେ ଭାବିବ ସେ ନିଜେ ହିଁ ସେ ଟୋକୀକୁ ଉଡ଼େଇ ନେଇ ରେପ୍ କରିଥିଲା । ପ୍ରାୟ ଦି' ମାସ ପରେ ତା' ଘରେ ମୁଁ ତାକୁ ଥରେ ଏକଥା ଥଟ୍ଟାରେ କହିଥିଲି । ସେ ମୋତେ ତା' ଘର ଭିତରକୁ ନେଇଗଲା ଓ ଗୋଟେ ବହି କାଢ଼ି ଦେଖେଇଲା "ପୃଥିବୀ ପ୍ରସିଦ୍ଧ ରେପ୍ ।" କହିଲା, "ମୁଁ ଏଥିରୁ କାଢ଼ି ଲେଖିଦେଇଛି । କହିବୁନିଟି, ନହେଲେ ତୋତେ ରେପ୍ କରିଦେବି ।" (ମେରିଆ, ସଂ-ପ୍ରୌଢ଼ଭାବନା, ପୃଷ୍ଠା-୭୬) ଏହିପରି ସାଂବାଦିକମାନେ ଭୁଲିଯାଉଛନ୍ତି ସେମାନଙ୍କର ସାମାଜିକ ଦାୟିତ୍ୱ । ଯାହାର ଫଳସ୍ୱରୂପ ଅଭିଯୁକ୍ତମାନେ ଭଦ୍ରଭାବେ ଘୁରିବୁଲିବା ସହିତ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି । ଉପରୋକ୍ତ ଉକ୍ତିରୁ ଏହା ସ୍ପଷ୍ଟ ହୁଏ ଯେ, ଦେଶରୁ ଅନ୍ୟାୟ ଦୂରକରିବା ପାଇଁ ଏମାନେ ଯେତିକି ବ୍ୟଗ୍ର ନୁହନ୍ତି, ଯେକୌଣସି ଉପାୟରେ ହେଉ ନା କାହିଁକି ନାଁ କମେଇବାରେ ଏମାନେ ବ୍ୟସ୍ତ । କପୋଳକଳ୍ପିତ କାହାଣୀକୁ ନେଇ ଗଣମାଧ୍ୟମରେ ଏପରି ପ୍ରଚାର କରନ୍ତି ଯେ, ଏହା ସତ୍ୟ ଘଟଣାରେ ପରିଣତ ହୋଇଯାଏ । 'ଏହି ଗଳ୍ପଟି ଶହେ ବର୍ଷପରେ ଲେଖାଯାଇଥିଲେ, ଗଳ୍ପ ନହୋଇ ଇତିହାସ ହୋଇଥାଆନ୍ତା' ଗଳ୍ପରେ ଗୌରୀଦେବୀ ନାମକ ଜଣେ ସାଧାରଣ ଭଦ୍ର ମହିଳା ମରିଯିବା ପରେ ତାଙ୍କର ଏକମାତ୍ର ବାଲ୍ୟବନ୍ଧୁ ଅଜାତଶତ୍ରୁ ଏହି ଶୋକ ସଂବାଦକୁ ଜାତୀୟ ସଂବାଦ ହିସାବରେ ପ୍ରଚାର କରିପାରିଲେ, ଗୌରୀଦେବୀଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ସଂପାଦିତ ହେବବୋଲି ସ୍ଥିରକଲେ । ଅଜାତଶତ୍ରୁ ଜଣେ ଉଚ୍ଚପଦସ୍ଥ ଅଫିସର ଥିବାରୁ ଏହି ଖବରକୁ ସେ ବିଭିନ୍ନ ସଂବାଦପତ୍ର, ସଂବାଦସଂସ୍ଥା ଓ ପତ୍ରିକା ମାଧ୍ୟମରେ ପ୍ରକାଶ କରେଇଲେ । ଖବରରେ ତାଂକ ଜନ୍ମ ତାରିଖ ଠାରୁ ଆରଂଭ କରି ମୃତ୍ୟୁ ପର୍ଯ୍ୟନ୍ତ କେଉଁ ସମାଜସେବୀ, ପରିବେଶବିତମାନଂକ ସହିତ ସଂପର୍କ ଥିଲା ତାହା ପ୍ରକାଶ ପାଇଲା । ପରିଶେଷରେ ସେ ଲବଣ ସତ୍ୟାଗ୍ରହରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଓ ତାଂକ ମୃତ୍ୟୁରେ ଦେଶ ଜଣେ ମହାନ ନେତ୍ରୀଂକୁ ହରାଇଲା ବୋଲି ପ୍ରଚାରହେଲା । ଲେଖକଂକ ବକ୍ତବ୍ୟ ଏହି ଯେ, ଯଦି ଲୋକମାନଂକର ଏପରି ମାନସିକତା ରହେ ତାହେଲେ ଏହି ଗଳ୍ପକୁ ଯଦି ଶହେ ବର୍ଷପରେ ଲେଖାଯାଏ ତାହେଲେ ଏହାକୁ ଇତିହାସ ବୋଲି ମାନିବାକୁ ସମସ୍ତେ ବାଧ୍ୟ ହେବେ । ସମାଜର ଉଚ୍ଚ ପଦପଦବୀରେ ଅଧିଷ୍ଠିତ ଲୋକମାନେ ଅର୍ଥ, ପ୍ରତିଷ୍ଠା, ପ୍ରତିପତ୍ତି ପାଇଁ ଯେ, ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ଅନାୟାସରେ କରିପାରନ୍ତି ତାହା ଏହି ଗଳ୍ପ ମାଧ୍ୟମରେ ପ୍ରମାଣିତ ହୋଇଛି ।

ଆଧୁନିକ ମଣିଷ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳରେ ଯେଉଁ ପରିମାଣରେ ଅଗ୍ରଗତି କରୁଛି ସେହି ପରିମାଣରେ ନିଜଠାରୁ ଓ ଆତ୍ମୀୟମାନଂକ ଠାରୁ ଦୂରେଇଯାଉଛି । ବିଶେଷକରି ସ୍ୱାମୀ ସ୍ତ୍ରୀ ଭିତରେ ଆଂତରିକତା କ୍ରମଶଃ ଶଂକୁଚିତ ହୋଇଯାଉଛି । ପୁରୁଷ ଓ ନାରୀ ସଭ୍ୟ ଓ ମାର୍ଜିତ ହେବା ସହିତ ସେମାନଂକ ଭିତରେ ଦୂରତ୍ୱ ମଧ୍ୟ ଆଶାନୁରୂପ ବୃଦ୍ଧିପାଉଛି । ସେଥିପାଇଁ ଯଯାତି, ନଚିକେତା ଓ ଅଭିଷେକ ପରି ଚରିତ୍ର ବିବାହ ପରେ ମଧ୍ୟ ପୁରୁଣା ପ୍ରେମରେ ମସଗୁଲ୍ ରହୁଛନ୍ତି । 'ରବିନ୍‌ସନ୍ କୃସୋ ଆଉଥରେ' ଗଳ୍ପରେ ହିମାନୀକୁ ବାହାହେବାର ଚାରିବର୍ଷ ପରେ ଓ ଦୁଇଟି ପିଲାର ବାପା ହୋଇସାରିଲା ପରେ ବି ଯଯାତି ବିଧବା ତିମା ସହ ରତିମଗ୍ନ ରହିଛି । ତିମା ମଧ୍ୟ ସକାଳୁ ଉଠି ନିଜ ଦେହକୁ ସଜାଡୁ ନଥିଲା ବା ପରୀକ୍ଷା କରୁନଥିଲା । କାରଣ ତା' ଦେହ ଆଉ ସ୍ୱାମୀଂକ ତୀକ୍ଷ୍ଣ ନିରୀକ୍ଷଣର ଅକ୍ତିଆରରେ ନଥିଲା । ସେହିପରି 'ବାସ୍' ଗଳ୍ପରେ ଅଭିଷେକ ଓ ହିମାନୀ ଏବଂ 'ବିମାନ ଦୁର୍ଘଟଣା' ଗଳ୍ପରେ ନଚିକେତା ଓ ଜୟା ମଧ୍ୟରେ ଫାଟ ସୃଷ୍ଟି ହୋଇଛି । ଦାଂପତ୍ୟ ଜୀବନର ମଧୁର ଅନୁଭୂତି ଏମାନଂକ ପାଇଁ ତିକ୍ତ ହୋଇଯାଇଛି । ଅଭିଷେକ ସତ୍ ପଥରେ ଥିଲେ ବି ସାମାନ୍ୟ କଥାରେ ଶିକ୍ଷିତା ଓ ସ୍ୱାଭିମାନୀ ହିମାନୀ ଅଭିଷେକ ଠାରୁ ଦୂରେଇ ଯିବା ସହ ପୁଅ ଓମ୍‌କାରକୁ ମଧ୍ୟ ଆଇନ୍ ଦ୍ୱାରା ନିଜ ପାଖରେ ରଖିଛି । ଏହାପରେ ଅଭିଷେକ ଅନ୍ୟମାନଂକ ପରି କାଂଦିବ, ଯେଉଁ କାଂଦକୁ ଅହରହ ଶବ୍ଦ ଓ ନିର୍ଜନତା ଶୋଷିନେବ । କାଂଦିସାରିବା ପରେ ନିଜ ନିରର୍ଥକ ଜୀବନ ସହିତ ସଂଧି କରିବ ଏବଂ ନିଜର ନାତିବୃହତ୍ ବାସଗୃହର ସାମ୍ରାଜ୍ୟରେ ବଂଦୀ ହୋଇ ଭାବିବ, "ମୁଁ ଯଦି ନିରର୍ଥକ; ଦୁର୍ଘଟଣାଜନିତ; ତେବେ ହିମାନୀ ଓ ଓମ୍‌କାର କିପରି ଅର୍ଥସଂପନ୍ନ ଓ ଉତ୍ତରିତ ହେଲେ?" (ବାସ୍/ଶୂନ୍ୟତାର ପାଶ୍ଚାତ୍ୟକୁ- ପୃଷ୍ଠା-୫୦)

କଥାକାରଂକର ଅଧିକାଂଶ ଗଳ୍ପର ଭାବ ବଳୟ ମଧ୍ୟବିତ୍ତ ଶ୍ରେଣୀର ନୁହେଁ, ଉଚ୍ଚ ମଧ୍ୟବିତ୍ତ ବୁଦ୍ଧିଜୀବୀ ଶ୍ରେଣୀ କୈନ୍ଦ୍ରିକ । ଯେତେବେଳେ ଲେଖକ ଅନୁନ୍ନତ ଅଥବା ଆଦିବାସୀ ଜନଜୀବନର କଥା କହନ୍ତି ତାହା ଜୀବନର ସୁଖ ଦୁଃଖ, ଆଶା-ନିରାଶାର ପ୍ରାତ୍ୟହିକ ଛବି ନୁହେଁ । ତାହା ତାଂକ ପ୍ରତି ହେଉଥିବା ଅନ୍ୟାୟ, ଅନୀତି ଓ ଶୋଷଣର ବ୍ୟଥା । ଏକ ଦିଗରେ ସେମାନଂକର ଶୋଷଣ ଅନ୍ୟଦିଗରେ ତଥାକଥିତ ଉଚ୍ଚବିତ୍ତ ଶ୍ରେଣୀୟ ଶୋଷକ । ସୁତରାଂ ବିଷୟବସ୍ତୁରେ ଦେଖାଯାଏ ଏକ ନିର୍ଦ୍ଦିଷ୍ଟତା । ବାସ୍ତବ ଜୀବନରେ ଲେଖକଂକର ଆଦର୍ଶ, ଅନ୍ୟାୟର ବିରୋଧିତା, ଶୋଷିତ ଶ୍ରେଣୀ ପ୍ରତି

ଅନୁକଂପା, ନିର୍ଭୀକତା, ରାଜନୀତିରେ ପଶା ଖେଳୁଥିବା ନେତା ମନ୍ତ୍ରୀଙ୍କ ପ୍ରତି ଘୃଣା ଯେପରି ପ୍ରକାଶିତ ସେହିପରି ଚରିତ୍ରଗୁଡ଼ିକ ମାଧ୍ୟମରେ ଏହା ହୋଇଥାଏ ପ୍ରତିଫଳିତ । ବିଷୟବସ୍ତୁ, ଘଟଣାର ଜୀବନ୍ତ ଉପସ୍ଥାପନାରୁ ଲେଖକଂକ ଗଭୀର ଅଭିଜ୍ଞତା, ବ୍ୟକ୍ତିଗତ ସଂପୃକ୍ତି, ସମବେଦନା ଉପଲବ୍ଧି କରିହୁଏ । ପ୍ରତ୍ୟେକଟି ଗଳ୍ପ ମଧ୍ୟରେ ଅଦ୍ଭୁତ ଭାବରେ ଘଟଣା ଓ ମାନସିକ କ୍ରିୟା ପ୍ରତିକ୍ରିୟାର ସମାଂତରାଳ ଚିତ୍ର ପରିଲକ୍ଷିତ ହୁଏ । ସାଧାରଣତଃ ଘଟଣା ବହୁଳ ବା ଘଟଣା ପ୍ରଧାନ ଗଳ୍ପରେ ମନସ୍ତତ୍ତ୍ୱର ଚିତ୍ର ଓ ମନସ୍ତତ୍ତ୍ୱଧର୍ମୀ ଗଳ୍ପରେ ଘଟଣାର ପ୍ରାଧାନ୍ୟ କମ ଦେଖିବାକୁ ମିଳେ । ହୃଷୀକେଶଂକ ଗଳ୍ପଗୁଡ଼ିକ ଏ ଦୃଷ୍ଟିରୁ ଭିନ୍ନ । ତାଂକ ଗଳ୍ପଗୁଡ଼ିକ ସାଂପ୍ରତିକ ସମସ୍ୟା-ସ୍ପନ୍ଦିତ । ବିଶେଷ ଭାବରେ ସାମାଜିକ, ରାଜନୀତିକ ଶୋଷଣ ଓ ଅନ୍ୟାୟର ତୃଣମୂଳ ଓ ପୁଙ୍ଖାନୁପୁଙ୍ଖ କାରଣ ସହ ଏହାର ବ୍ୟାପକତା ଓ ସୁଦୂରପ୍ରସାରୀ ପରିଣତି ଦର୍ଶାଯାଇଥାଏ । ଅନାହାର ମୃତ୍ୟୁ, ରୁଗ୍‌ଣ ଶିଳ୍ପ, ସରକାରୀ ଯୋଜନାରେ ଜାଲିଆତି ଇତ୍ୟାଦି ପରି ଘଟଣାର ଜୀବନ୍ତ ଓ ଅନେକତ୍ର ସତ୍ୟ ବର୍ଣ୍ଣନା ପ୍ରଦତ୍ତ । ଲେଖକ କେବଳ ଯେ ବାହ୍ୟ ଜୀବନର ବାହ୍ୟ ବୃତ୍ତସହ ପାଠକକୁ ପରିଚିତ କରାଇଛନ୍ତି ତା'ନୁହେଁ ପୁରୁଷ-ନାରୀର ପ୍ରେମ ପ୍ରଣୟର ଚିତ୍ର ଅପେକ୍ଷା ସେ ପ୍ରେମରେ ହତାଶ, ନୈରାଶ୍ୟ ଦେଖିଛନ୍ତି । ତାଂକ ବର୍ଣ୍ଣନାରେ ପ୍ରେମରେ ଅଭାବ ରହିଛି ନିଷ୍ଠା, ଏକାଗ୍ରତା ତଥା ବିଶ୍ୱାସର । ତାଂକ ଚରିତ୍ରମାନଂକୁ ବ୍ୟକ୍ତିଗତ ଜୀବନର, ପାରିବାରିକ ତଥା ଦାଂପତ୍ୟ ଜୀବନର ନିତିଦିନିଆ ଜଂଜାଳ ଅତିଷ୍ଠ କରିନାହିଁ । ବରଂ ସୁସ୍ଥ ଦାଂପତ୍ୟ ଜୀବନର ଅଭାବ ଓ ବୈବାହିକ ସଂପର୍କ ଅତିରିକ୍ତ ପୁରୁଷ ଓ ନାରୀ ଉଭୟ ଅନ୍ୟ ସଂପର୍କରେ ଆବଦ୍ଧ । କୌଣସି ସଂପର୍କ ପ୍ରତି ଆଂତରିକ ଅନୁରକ୍ତି ନାହିଁ କି ଆନୁଗତ୍ୟ ନାହିଁ । ଦାଂପତ୍ୟ ସଂପର୍କ ଅଥବା ଏହା ବାହାରେ ଥିବା ପ୍ରେମ ସଂପର୍କ କୌଣସିଟି ପ୍ରତି ଅନୁଗତ ନୁହନ୍ତି ନାୟକ-ନାୟିକା । ହଜିଯାଉଥିବା ବିଶ୍ୱାସ ଓ ହୁଗୁଳି ଯାଉଥିବା ବଂଧନ ଏଠାରେ ପ୍ରତିପାଦ୍ୟ । ଅଭିଷେକ, ଅଭିମନ୍ୟୁ, ନଚିକେତା, ହିମାନୀ, ତିମା, ଜୟା ପରି ଚରିତ୍ର ଏହିପରି ସଂପର୍କକୁ ନେଇ ବଂଚିଛନ୍ତି ।

ସଂପ୍ରତି ପରିବର୍ତ୍ତିତ ମାନସିକତା ଯୋଗୁଁ ଅଧିକାଂଶ ଲୋକ ଅର୍ଥହୀନ ଜୀବନ ବଂଚିବାକୁ ବାଧ୍ୟ ହେଉଛନ୍ତି । ଏଠାରେ ମଧ୍ୟ ଅଭିଷେକ ଓ ଅଭିମନ୍ୟୁ ପ୍ରତ୍ୟେକ ମୁହୂର୍ତ୍ତରେ ଯେପରି ଜୀବନ ସହ ସଂଧି କରିଛନ୍ତି । କାରଣ ହିମାନୀ, ତିମା, ଜୟା ଓ ମାଧବୀ ପରି ଚରିତ୍ର ନିଜ ସ୍ଥିତି ସଂପର୍କରେ ସଚେତନ । ଏମାନେ ତେଣୁ ନିଜ ପରିବାରକୁ

ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି । ଦେଶରେ ସୃଷ୍ଟି ହେଉଥିବା ଦାରିଦ୍ର୍ୟ ସମସ୍ୟା, ଆର୍ଥନୀତିକ ଅସ୍ଥିରତା ଇତ୍ୟାଦିକୁ ନେଇ ଏମାନେ ବ୍ୟଗ୍ର । ସେଥିପାଇଁ 'ପଥୁକି' ଓ 'ଗୋପାଳପୁର ଦେଖିଚ, ଗୋପାଳପୁର' ଗଳ୍ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ନୀରବ ଦୂରତା ସୃଷ୍ଟି ହୋଇଛି । ସବୁଠାରୁ ବଡ଼କଥା ହେଲା ମାତୃତ୍ୱକୁ ମଧ୍ୟ ଏମାନେ ଗୁରୁତ୍ୱ ଦେଇନାହାନ୍ତି । 'ପଥୁକି' ଗଳ୍ପରେ ହିମାନୀ ଜିଦ୍ ଧରି ଭ୍ରୂଣ ନଷ୍ଟ କରିଛି । ଗାଳ୍ପିକଂକ ଭାଷାରେ- "ହିମାନୀକୁ କ'ଣ ଆଦୌ ଭୟ ଲାଗିନଥିବ? ସେ କ'ଣ ଆଦୌ ଭାବିବ ନାହିଁ ଯେ ଭ୍ରୂଣଟି ହୁଏତ ପିଲାଟିଏ ହୋଇପାରିଥା'ନ୍ତା! x x x ସେ କାହିଁକି ଜିଦ୍ ଧରିଥିଲା? ସେ କ'ଣ ଅଭିମନ୍ୟୁ ଉପରେ ପ୍ରତିଶୋଧ ନେଉଥିଲା ନା ସେ ସତରେ ଏଡ଼େ ପ୍ରଚଣ୍ଡ କ୍ୟାରିଅରିଷ୍ଟ?" (ପଥୁକି/ଶୂନ୍ୟତାର ପାଶ୍ଚାତ୍ୟକୁ, ପୃଷ୍ଠା-୨୨) ମଣିଷ ଯେତେ ଆଧୁନିକ ହେଉଛି ନିଜ ନୈତିକତାକୁ ମଧ୍ୟ ଧିରେ ଧିରେ ଭୁଲିଯାଉଛି । ଦେଶରେ ସୃଷ୍ଟି ହେଉଥିବା ଆର୍ଥନୀତିକ ଅସ୍ଥିରତା, ରାଜନୀତିକ ବ୍ୟଭିଚାର, ପ୍ରାକୃତିକ ବିପର୍ଯ୍ୟୟ ଓ ସାଂପ୍ରଦାୟିକ ଦଂଗା ବିଷୟରେ ଏମାନେ ଏତେ ବେଶୀ ସଚେତନ ରହୁଛନ୍ତି ଯେ, ଏକ ସୁସ୍ଥ ଦାଂପତ୍ୟ ଜୀବନ ଅତିବାହିତ କରିବା ପାଇଁ ସମୟ ପାଉନାହାନ୍ତି । ଯାହାଫଳରେ ହିମାନୀ, ମାଧବୀ ପରି ଚରିତ୍ରମାନେ ସର୍ବଦା ମାନସିକ ଯନ୍ତ୍ରଣା ଭୋଗୁଛନ୍ତି । ଏହି ଗଳ୍ପଗୁଡ଼ିକ ମାଧ୍ୟମରେ ଆତ୍ମମନସ୍କ ଯୁବକ ଯୁବତୀମାନଂକର ମାନସିକ ଅବସ୍ଥାକୁ ଗୁରୁତ୍ୱ ଦିଆଯାଇଛି ।

ଗାଳ୍ପିକ ହୃଷୀକେଶ ପଣ୍ଡା ଜଣେ ସମାଜ ସଚେତନ ଗାଳ୍ପିକ । ବିବର୍ତ୍ତିତ ସାମାଜିକ ମୂଲ୍ୟବୋଧକୁ ସେ ସର୍ବଦା ଗୁରୁତ୍ୱ ଦେଇଥାନ୍ତି ତାଂକ ଗଳ୍ପ ମାଧ୍ୟମରେ । ବର୍ତ୍ତମାନ ବିଶ୍ୱାୟନ ବା ଜଗତୀକରଣ ଫଳରେ ସାରା ବିଶ୍ୱ ଏକ ଛୋଟ ପରିବାର ସଦୃଶ ହୋଇଯାଇଛି । ବୈଜ୍ଞାନିକ ଜ୍ଞାନକୌଶଳର ଭୂୟୋ ଅଭିବୃଦ୍ଧି ଯୋଗୁଁ ଆମେ ଘରେ ବସି ମଧ୍ୟ ଅନ୍ୟ ଦେଶଗୁଡ଼ିକର ରାଜନୀତିକ ସ୍ଥିତି, ଆର୍ଥନୀତିକ ପରିବର୍ତ୍ତନ, ବୈଷୟିକ ଉନ୍ନତି ଓ ବିଜ୍ଞାନରେ ଅଗ୍ରଗତିକୁ ଆମ ଦେଶ ସହ ତୁଳନା କରିପାରୁଛନ୍ତି । ଏଥିପାଇଁ ପାଶ୍ଚାତ୍ୟ ଦେଶମାନଂକ ପରି ଆମ ଦେଶରେ ମଧ୍ୟ ସୃଷ୍ଟି ହୋଇଯାଇଛି ନୂତନ ଉପନିବେଶବାଦ ବା ନିଓ-କଲୋନିଆଲିଜମ୍ । ଏହା ଫଳରେ ଛିଣ୍ଡା କୋତରା ଶାଢ଼ୀ ପିନ୍ଧିଥିବା ସ୍ତ୍ରୀ ଲୋକଟିଏ ଶୀତତାପ ନିୟନ୍ତ୍ରିତ ସରକାରୀ ଦୋକାନରୁ ଡିପ୍ ଫ୍ରିଜରୁ ପ୍ଲାଷ୍ଟିକ୍ ପଲିପ୍ୟାକରେ ବଂଧାହୋଇଥିବା ସାରୁ କିଣିପାରୁଛି ଏବଂ ଅଟୋରିକ୍ସାର ଡ୍ରାଇଭର୍ ତା' ସ୍ତ୍ରୀର ପାକସ୍ଥଳୀର ବେଦନା ଓ ପେଟ୍ରୋଲ ଦର ବିଷୟରେ ନକହି ଶେୟାର ମାର୍କେଟ୍ କଥା

କହୁଛି । ପ୍ରତ୍ୟେକ ଦେଶ ଯେ ଏକ ନୂତନ ବିଶ୍ୱ ଆଡ଼କୁ ଅଗ୍ରସର ତାହା ସ୍ପଷ୍ଟ ଅନୁମେୟ । ଦେଶ-ବିଦେଶ ଭ୍ରମଣ ଓ ପ୍ରଶାସନିକ ଅନୁଭୂତି ଯୋଗୁଁ ଗାଳ୍ପିକ ଲୋକମାନଂକର ଏହି ପରିବର୍ତ୍ତିତ ମାନସିକତାକୁ ଉପଲବଧି କରିପାରିଛନ୍ତି । ଯେକୌଣସି ଉପାୟରେ ଅର୍ଥ ଉପାର୍ଜନକୁ ଏମାନେ ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ପରିବାର, ସଂପର୍କ, ଅନ୍ୟର ସୁବିଧା ଅସୁବିଧା ହୋଇଯାଇଛି ନଗଣ୍ୟ ।

ଗାଳ୍ପିକଂକ ଷଷ୍ଠ ଗଳ୍ପ ସଂକଳନ ଅର୍ଥାତ୍ 'ଶୂନ୍ୟତାର ପାଶ୍ଚାତ୍ୟକୁ' ସଂକଳନରେ ଉତ୍ତର ଆଧୁନିକ ମାନସିକତାର ପରିପ୍ରକାଶ ଘଟିଛି । ଏଥିରେ ସନ୍ନିବିଷ୍ଟ ଅଧିକାଂଶ ଗଳ୍ପରେ ସହରରେ ବାସ କରୁଥିବା ଅଭିଜାତ ମଣିଷମାନଂକର ମାନସିକତାର ହୋଇଛି ବିଶ୍ଳେଷଣ । ନୂତନ ଉପନିବେଶବାଦ ଫଳରେ ଆର୍ଥନୀତିକ ଉଦାରୀକରଣ ଜନିତ ସାମାଜିକ ସମସ୍ୟା ଏହି ଗଳ୍ପଗୁଡ଼ିକର ଭିତ୍ତିଭୂମି ହୋଇଥିବାରୁ ଗଳ୍ପଗୁଡ଼ିକ କାହାଣୀଧର୍ମିତା ହରେଇ ହୋଇଯାଇଛି ବକ୍ତବ୍ୟଧର୍ମୀ । 'କେତୋଟି ଭଂଗା ଚଉତା ରମ୍ବସ୍', 'ଔରସ୍ୟ', 'ଲଂଚକ୍ଲବ୍ ଓ ଭାରତବର୍ଷ', 'ବଂଚିବାର ବାଧ୍ୟବାଧକତାରେ' ଓ 'ଶୂନ୍ୟତାର ପାଶ୍ଚାତ୍ୟକୁ' ଇତ୍ୟାଦି ଗଳ୍ପ ଏହି ପୃଷ୍ଠଭୂମିରେ ରଚିତ । ଯୁଯୁତ୍ସୁ, ଓମ୍କାର, କାଦୁଆଲର ଭାଇ, ମିସେସ୍ ଶର୍ମା ଓ ମିସେସ୍ ନାଗରାଜନ୍ ପରି ଚରିତ୍ର ସମାଜରେ ନିଜର ସ୍ଥିତିକୁ ଦୃଢ଼ କରିବାରେ ପ୍ରୟାସୀ । ସମସ୍ତ ସଂପର୍କକୁ ଭୁଲି ଏଠି ନିଜେ ହିଁ ନିଜ ପାଇଁ ବଂଚନ୍ତି । ଗାଳ୍ପିକଂକ ଭାଷାରେ- "କେହି କାହା ପାଇଁ ବଂଚେ ନାହିଁ, କେହି କାହା ପାଇଁ ମରେ ନାହିଁ । ବଂଚିବା ପୋଖରୀରେ ଗାଧୋଇବା ପରି ନୁହେଁ, ନଈରେ ଗାଧୋଇବା ପରି । କେହି ସେଇ ନଈରେ ଦୁଇଥର ଗାଧୋଇପାରେ ନାହିଁ, କାରଣ ଦ୍ୱିତୀୟ ଥର ଗାଧୋଇବା ବେଳକୁ ପ୍ରଥମ ଥରର ପାଣି ତଳକୁ ବୋହିଯାଇଥାଏ ।" (ଔରସ୍ୟ/ଶୂନ୍ୟତାର ପାଶ୍ଚାତ୍ୟକୁ-୯) ନଈରେ ଗାଧୋଇବା ନ୍ୟାୟରେ ଏହି ମଣିଷମାନେ ସର୍ବଦା ସଂପର୍କ ଠାରୁ ଦୂରେଇଯା'ନ୍ତି ।

ଭାରତୀୟମାନଂକର ଜୀବନ ଧାରଣ ଶୈଳୀର ପରିବର୍ତ୍ତନ ଯୋଗୁଁ ସହରରେ ଦେଖାଦେଇଛି ପାଶ୍ଚାତ୍ୟ ଶୈଳୀର ତାରକା ଖଚିତ ହୋଟେଲ, କ୍ଲବ୍ ଓ ଡିସ୍କୋ । ଆଭିଜାତ୍ୟମୟ ପୁରୁଷ ଓ ନାରୀମାନଂକର ଅବସର ସମୟ ଅତିବାହିତ ଏହିଠାରେ ହିଁ ହୋଇଥାଏ । ସେଥିପାଇଁ 'ବଂଚିବାର ବାଧ୍ୟବାଧକତାରେ' ଗଳ୍ପରେ ମିସେସ୍ ଶର୍ମା ଓ ମିସେସ୍ ନାଗରାଜନ୍ ପରି ବୟସ୍କା ମହିଳାମାନେ ମଧ୍ୟ ରାତି ଆଠଟା ପରେ କ୍ଲବ୍

ଲନରେ ସମୟ ଅତିବାହିତ କରନ୍ତି ଏବଂ 'ଲଂଚକ୍ଲବ୍ ଓ ଭାରତବର୍ଷ' ଗଳ୍ପରେ ଚାକିରିଜୀବୀ ପୁରୁଷମାନେ ନିଜ କର୍ମଜଂଜାଳାରୁ ମୁକ୍ତି ପାଇଁ ଲଂଚ କ୍ଲବ୍ ସୃଷ୍ଟି କରିଥା'ନ୍ତି । ଏହାଦ୍ୱାରା ଆଭିଜାତ୍ୟ ପ୍ରକାଶ ପାଇଥାଏ । ଉପଭୋଗ ଓ ବିଳାସର ସାମଗ୍ରୀ ଏଠାରେ ଭରପୁର ରହିଥିବାରୁ ପ୍ରତ୍ୟେକ ମୁହୂର୍ତ୍ତକୁ ଏମାନେ ରଂଗୀନ ଭାବେ ଜୀଇଁଥା'ନ୍ତି ।

'କେତୋଟି ଭଂଗା ଚଉତା ରମ୍ବସ' ଗଳ୍ପରେ ଯୁଯୁସୁକୁ ଷୋହଳ ବର୍ଷ ହୋଇଥିବା ବେଳେ ତା' ବାପା ମରିଗଲେ । ତା' ମା'ଙ୍କ ଜିଦ୍ ଯୋଗୁଁ ତାକୁ ତାଂକର କ୍ଷୁଦ୍ରଶିଳ୍ପ ଚଳାଇବାକୁ ପଡ଼ିଲା । ପ୍ରଥମେ ଅସୁବିଧା ହେଲେ ହେଁ ପରେ ପଇସା, ଅର୍ଡର, କଂଚାମାଲ, ଲେବର, ଟ୍ରାନ୍ସପୋର୍ଟ, ବ୍ୟାଙ୍କ ଇତ୍ୟାଦିର ଚକ୍ରବ୍ୟୂହ ମଧ୍ୟରେ ପଶି ସେ ଏପରି କ୍ଳାନ୍ତ ହୋଇଯାଉଥିଲା ଯେ, ଅଧିକାଂଶ ସମୟରେ ଗଲ୍ଫ ଓ ବ୍ରିଜ୍ ଖେଳିବାକୁ କ୍ଲବ୍ ଯାଉଥିଲା ଓ ସାରାରାତି ବ୍ଲୁ ଫିଲ୍ମ ଦେଖୁଥିବା ହେତୁ ଘରେ ମାସରେ ଥରେ ଡିନର କରୁଥିଲା । ଉପନିବେଶବାଦ ଫଳରେ ଏହିପରି ଲୋକମାନଂକର ମାନସିକତାରେ କି ପରିବର୍ତ୍ତନ ଘଟିଛି ତାହା ଯୁଯୁସୁ ଚରିତ୍ର ମାଧ୍ୟମରେ ବ୍ୟକ୍ତ କରିଛନ୍ତି ଗାଳ୍ପିକ । "ଯୁଯୁସୁ ହାରିନଥିଲା, କାରଣ ସେ ଲଢ଼ିନଥିଲା । ସେ ସୁଖ ଓ ସୌନ୍ଦର୍ଯ୍ୟ ବାଣ୍ଟିବାକୁ ଗୋଟେ ତିନିମାସ ପୁରୁଣା ପ୍ରତିଜ୍ଞା କରିଥିଲା; ହେଲେ ସୁଖ, ସୌହାର୍ଦ୍ଦ୍ୟ ଓ ସୌନ୍ଦର୍ଯ୍ୟ ତାକୁ ଅର୍ଦ୍ଧନମିତ ଓ ଶ୍ୱାସରୁଦ୍ଧ କରିଦେଉଥିଲା । ଯୁଯୁସୁ ନପୁଂସକ ନଥିଲା, କାରଣ ଲଢ଼ିବାର ଇଚ୍ଛା କେବେହେଲେ ତାକୁ ଛାଡ଼ିଯାଇନଥିଲା । ଯୁଯୁସୁ ନାୟକ ହୋଇନଥିଲା, କାରଣ ନାୟକୋଚିତ ନାଟକ କେହି ତା' ପାଇଁ ଲେଖିନଥିଲା । ଚାମ୍ପିଅନ ହୋଇନଥିଲା; କିନ୍ତୁ ଖେଳୁଆଡ୍ ଥିଲା । ସେ ମରିନାହିଁ, କାରଣ ସେ ମରିଗଲେ ତା' ଖବର କେହି ଆମ ପାଖେ ପହଞ୍ଚେଇବ ନାହିଁ ।" (କେତୋଟି ଭଂଗା ଚଉତା ରମ୍ବସ/ଶୂନ୍ୟତାର ପାଶ୍ଚାତ୍ୟକୁ, ପୃଷ୍ଠା-୬) ବାସ୍ତବିକ୍ ଏହା ହିଁ ସାଂପ୍ରତିକ ମଣିଷମାନଂକର ସ୍ଥିତି । ସ୍ୱାଧୀନତାର ଅର୍ଦ୍ଧଶତାବ୍ଦୀ ପରବର୍ତ୍ତୀ ସହର ଜୀବନର ଚିତ୍ର ।

ପାଶ୍ଚାତ୍ୟ ଦେଶମାନଂକରେ ଯେତେବେଳେ ପ୍ରଥମେ ଉପନିବେଶବାଦର ଆରଂଭ ହେଲା, ଭାରତୀୟମାନଂକୁ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ସହିବାକୁ ପଡ଼ିଲା । ଏହାର ପ୍ରତିଶୋଧ ସ୍ୱରୂପ ଗଳ୍ପନାୟକ ଭାରତୀୟତାର ମହିମାରେ ଉଦବୁଦ୍ଧ । 'ଶୂନ୍ୟତାର ପାଶ୍ଚାତ୍ୟକୁ' ଗଳ୍ପ ମାଧ୍ୟମରେ ଆମ ସମାଜର ବାସ୍ତବ ଓ ଜୀବନ୍ତ ଚିତ୍ର ଉପସ୍ଥାପନ କରିଛନ୍ତି ଗାଳ୍ପିକ । ଜଣେ ବେଶ୍ୟା ସହ କଥୋପକଥନ ମାଧ୍ୟମରେ ଭାରତୀୟମାନଂକର

ହୀନମନ୍ୟତା ଦୂର କରିବାକୁ ଚେଷ୍ଟା କରିଛନ୍ତି । ଭାରତୀୟ ପୁଞ୍ଜିପତିମାନେ ନୂତନ ଉପନିବେଶବାଦରେ ବୁଡ଼ିରହି ଗରିବ ଲୋକମାନଂକ ଦୁଃଖକୁ ଭୁଲିଯାଉଛନ୍ତି । ଏହିପରି ଲୋକମାନଂକୁ ଚେତାବନୀ ଦେବାପାଇଁ ଗାଳ୍ପିକ ଏହି ଗଳ୍ପରେ ପ୍ରୟାସ କରିଛନ୍ତି । ଭାରତୀୟମାନେ କୌଣସି ଗୁଣରେ ଯେ, ଗୋରା ଲୋକମାନଂକ ଠାରୁ କମ୍ ନୁହନ୍ତି ତାହା ଦର୍ଶାଇବା ସହିତ ଗଳ୍ପନାୟକ ପରି ଆମ ସମସ୍ତଂକୁ ଭାରତୀୟତାର ମହିମାରେ ମହିମାମୟ ହେବାକୁ ପରାମର୍ଶ ଦେଇଛନ୍ତି ଗାଳ୍ପିକ । ତେଣୁ ଗାଳ୍ପିକ ଗଳ୍ପନାୟକ ମାଧ୍ୟମରେ କହିଛନ୍ତି- "ତଥାପି ବିଶ୍ୱାସ କର, ତମ ଉପରକୁ ଏ ଶହେ ଡଲାର ଫିଙ୍ଗିଦେଇ, ତମକୁ ସମ୍ଭୋଗ ନକରି, ଏପରିକି ନଛୁଇଁ ଚାଲିଯାଉଛି ମୁଁ ଦୁଇଶହ ବର୍ଷ ଉପନିବେଶପଣିଆର ବଦଳା ନେଇ ।" (ଶୂନ୍ୟତାର ପାଶ୍ଚାତ୍ୟକୁ, ପୃଷ୍ଠା-୮୬)

ଉପରୋକ୍ତ ଗଳ୍ପଗୁଡ଼ିକରେ ପରିଲକ୍ଷିତ ହୋଇଥାଏ ଉତ୍ତର ଆଧୁନିକ ମାନସିକତା । ସାରା ବିଶ୍ୱ ଯେହେତୁ ନୂତନ ଉପନିବେଶବାଦରେ ମସଗୁଲ୍ ଆମକୁ ମଧ୍ୟ ଏଥିରେ ସାମିଲ୍ ହେବାକୁ ପଡ଼ିବ; ମାତ୍ର ଆମେମାନେ ଯେ ଭାରତୀୟ ସେଥିପ୍ରତି ସମସ୍ତଂକୁ ଦୃଷ୍ଟି ଦେବାକୁ ପଡ଼ିବ । ମିଷ୍ଟର ଓ ମିସେସ୍ ଶର୍ମାଂକ ପରି ଡୋମେଷ୍ଟିକ ଇଣ୍ଡଷ୍ଟ୍ରି ଓ କପଡ଼ା ଏକସପୋର୍ଟ ବିଜିନେସ୍ ଥିବା ସତ୍ତ୍ୱେ ଅଧିକ ଅର୍ଥ ଉପାର୍ଜନ ପାଇଁ ଭାରତରୁ ନାବାଳକମାନଂକୁ ମଧ୍ୟପ୍ରାଚ୍ୟ ଦେଶର ଓଟ ଦୌଡ଼ରେ ମିଶେଇବା ପାଇଁ ବେଆଇନ ଭାବେ ରପ୍ତାନୀ କରିବା ନିଶ୍ଚୟ ଭାରତୀୟତାର ପରିପନ୍ଥୀ ।

୧୯୮୨ ମସିହାରୁ ୨୦୦୫ ପର୍ଯ୍ୟନ୍ତ ସମୟସୀମା ମଧ୍ୟରେ ଗାଳ୍ପିକ ହୃଷୀକେଶ ପଣ୍ଡାଂକର ପ୍ରକାଶିତ ହୋଇଛି ଆଠଟି ଗଳ୍ପ ସଂକଳନ । ଏହି ସଂକଳନରେ ସ୍ଥାନିତ ଅଣାନବେଟି ଗଳ୍ପ ସ୍ପର୍ଶକାତର ସମସ୍ୟାବଳୀକୁ ନେଇ ହୋଇଛି ପରିପୁଷ୍ଟ । ୧୯୮୨ ମସିହାରେ ପ୍ରକାଶିତ 'ବାହାରେ ଛିଡ଼ାହୋଇଥିବା ଲୋକ'ରେ ତାରୁଣ୍ୟର ଭାବ କିଛିମାତ୍ରାରେ ପ୍ରକଟ ହୋଇଥିଲେ ହେଁ ତାଂକ ଶେଷ ଗଳ୍ପ ସଂକଳନ 'ମିଛଖୁସି ସତଦୁଃଖ' (୨୦୦୫)ରେ ଗାଳ୍ପିକଂକ ପରିପକ୍ୱତା ଓ ବୁଦ୍ଧିଦୀପ୍ତତାର ପରିଚୟ ମିଳିଥାଏ । ସେ ଜଣେ ବାସ୍ତବବାଦୀ ଗାଳ୍ପିକ ଓ ଶୋଷିତମାନଂକ ପାଇଁ ତାଂକ ହୃଦୟରେ ରହିଛି ସମବେଦନା । ଏହା ସହିତ ସମାଂତରାଳ ଭାବେ ସହରୀ ମଣିଷମାନଂକର ଉତ୍ତର ଆଧୁନିକ ମାନସିକତାକୁ ମଧ୍ୟ ସେ ବ୍ୟଙ୍ଗ କରିଛନ୍ତି । ମୋଟ ଉପରେ କହିବାକୁ ଗଲେ ସହରର ସଂଭ୍ରାନ୍ତ ଓ ରାଜସିକ ଜୀବନ ଅତିବାହିତ କରୁଥିବା ମଣିଷ, ଗାଁ ଗହଳିର ସବୁଜିମାରେ

ବାସକରୁଥିବା ମଣିଷ ଓ ବଣ ଜଂଗଲର ଶାଂତ ପରିବେଶକୁ ଭଲ ପାଉଥିବା ମଣିଷମାନଂକର ସାଂପ୍ରତିକ ସମାଜରେ ସ୍ଥିତିକୁ ସେ ନିଜର ପ୍ରଚଣ୍ଡ ଧୀଶକ୍ତି ଓ ଅନ୍ତର୍ଦୃଷ୍ଟି ମାଧ୍ୟମରେ ପରଖିଛନ୍ତି ତାଂକ ଗଳ୍ପଗୁଡ଼ିକରେ । ସେଥିପାଇଁ ସୁନାପୁଟର ଲୋକମାନଂକ ସମସ୍ୟାକୁ ଯେତିକି ନିକଟରୁ ଦେଖିଛନ୍ତି ଯୁଯୁତ୍ସୁ ଅଥବା ମିସେସ୍ ଶର୍ମାଂକ ଉତ୍ତର ଆଧୁନିକ ମାନସିକତାକୁ ସେହିପରି ପରଖିଛନ୍ତି ।

ଏସବୁ ସତ୍ତ୍ୱେ ହୃଷୀକେଶୀୟ ଗଳ୍ପମାନସର ଏକ ବଳିଷ୍ଠ ଦିଗ ହେଉଛି ନିଃସଂଗ ଚେତନା । ନିଃସଂଗତା ଓ ଆଧୁନିକ ମଣିଷ ଯେପରି ହୋଇଯାଇଛନ୍ତି ପରସ୍ପର ପରିପୂରକ । ଏହି ନିଃସଂଗ ମଣିଷମାନେ ତେଣୁ ମୋହଭଂଗ, ଅସହାୟତା ଓ ଏକାକୀତ୍ୱବୋଧ ଦ୍ୱାରା କବଳିତ । ସେଥିପାଇଁ ସନାତନ ସବୁଦିନ କ୍ଲବ୍ ଯାଏ, ମଦପିଏ ଓ ରେବତୀ ଏକାଏକା ବୁଲିବୁଲି ବିଡ଼ିଟାଣେ । ଏହିପରି ମଣିଷମାନଂକର ସ୍ଥିତି ସଂପର୍କରେ ଗାଳ୍ପିକଂକ ବକ୍ତବ୍ୟ ହେଲା- "ମୋର ଇଚ୍ଛା ହଉଚି ଉଡ଼ନ୍ତି, କଅଁଳା ବାଛୁରୀ ପରି ଅକାରଣେ ଚିକ୍‌ଚିକ୍ ଖରାରେ ଉଜ୍ଜ୍ୱଳ ହେଇ ଦୌଡ଼ନ୍ତି, ହଉଚି କୋଉଠି, ମଝିରେ ଶଳା ଅଥବା, ଅଖାଡୁଆ ଧିଅଟା ରହୁଚି, କେତେବେଳେ ଯକ୍ଷ୍ମା, କେତେବେଳେ ଅନ୍ଧ, କେତେବେଳେ ଅଇନାରେ ନିଜର ବିରକ୍ତିକର ଚେହେରା, ନଚେତ୍ କ୍ଳାନ୍ତି, ଉଡ଼ିପାରିବାର ଅକ୍ଷମତା ଅଥବା ମରିଯିବାର/ସରିଯିବାର ଭୟ । ସବୁଦିନ, ମୁଁ ଓ ଆପଣ, ସେଇ ବାହାରେ ଛିଡ଼ାହେଇଥିବା ଲୋକ ।" (ପୃଷ୍ଠବଂଧ, ବାହାରେ ଛିଡ଼ା ହୋଇଥିବା ଲୋକ, ପୃଷ୍ଠା-୧୩୫)

ଗାଳ୍ପିକ ସାଂପ୍ରତିକ ମଣିଷର ସମସ୍ୟା ସହ ଆମ ସଭ୍ୟତା ଓ ସଂସ୍କୃତିର ଅବକ୍ଷୟକୁ ମଧ୍ୟ ଲୋକଲୋଚନକୁ ଆଣିଛନ୍ତି । 'ଧର୍ମପଦ' ଓ 'ସାଧବପୁଅ' ଗଳ୍ପରେ ଆମକୁ ଆମର ପୂର୍ବ ପୁରୁଷମାନଂକ ସ୍ମୃତିରେ ଉଦବୁଦ୍ଧ ହେବାକୁ ପରାମର୍ଶ ଦେବା ସହ 'ପୁରୀ' ଗଳ୍ପରେ ଅବକ୍ଷୟଗ୍ରସ୍ତ ଉତ୍କଳୀୟ ସଂସ୍କୃତିର ପୁନରୁତ୍‌ଥାନ ପାଇଁ ଚେଷ୍ଟା କରିଛନ୍ତି ।

ହୃଷୀକେଶ ପଣ୍ଡାଂକ ଗଳ୍ପଗୁଡ଼ିକ ତାଂକ ରଚନା କୌଶଳର ଗୋଟିଏ ଗୋଟିଏ ପ୍ରୟୋଗଶାଳା । ଆଂଗିକରେ ହେଉ ବା ଆତ୍ମିକରେ ସର୍ବଦା ନୂତନ ନୂତନ ପରୀକ୍ଷା ଦେଖିବାକୁ ମିଳିଥାଏ ତାଂକ ଗଳ୍ପରେ । କେତେବେଳେ କାହାଣୀ ପ୍ରାଧାନ୍ୟ ଲାଭ କରିଥାଏ ତ କେତେବେଳେ ବକ୍ତବ୍ୟ । 'ବୟସ୍କଙ୍କ ପାଇଁ ଶିଶୁ କାହାଣୀ' ଗଳ୍ପ ସଂକଳନରେ

ମାନବେତର ଚରିତ୍ରର ଅବତାରଣା କରି ତା ମାଧ୍ୟମରେ ସମସାମୟିକ ସମସ୍ୟାକୁ ସମାଧାନ ପାଇଁ ଚେଷ୍ଟା କରିଛନ୍ତି । ଏଥିରୁ ଗାଳ୍ପିକଂକର ଲେଖକୀୟ ପରିପକ୍ୱତାର ଉଦାହରଣ ମିଳିଥାଏ ।

ଗାଳ୍ପିକ ତାଂକ ପ୍ରତ୍ୟେକ ସଂକଳନରେ ନୂତନ ବିଶ୍ୱାସ, ନୂତନ ଗଠନଶୈଳୀ ଓ ନୂତନ ଭାଷା ନେଇ ଆସନ୍ତି । ଠୋ ଠୋ ହସି ନିର୍ଭୀକ ଭାବରେ ବାସ୍ତବ ସମସ୍ୟାକୁ ରୋକ୍‌ଠୋକ୍ ଭାବେ ବର୍ଣ୍ଣନା କରିଥାନ୍ତି । ଏହା ହିଁ ହେଉଛି ହୃଷୀକେଶୀୟ ଶୈଳୀ । ସମାଜରେ ସୃଷ୍ଟି ହେଉଥିବା ଦୋଷତ୍ରୁଟିକୁ ସୁଧାରିବା ପାଇଁ ସେ ସର୍ବଦା ପ୍ରୟାସୀ । ତେଣୁ ତାଂକ କଲମ ଏପର୍ଯ୍ୟନ୍ତ ସତ୍ ପଥରୁ ବିଚ୍ୟୁତ ହୋଇନାହିଁ । ଚ୍ୟାଲେଞ୍ଜର ସହ ଗଳ୍ପ ରଚନା କରୁଥିବାରୁ ତାଂକ ପ୍ରତ୍ୟେକଟି ସୃଷ୍ଟି ସବୁଶ୍ରେଣୀୟ ପାଠକକୁ ସ୍ପର୍ଶ କରିବା ସହିତ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିପାରିଛି । ନିଜର ଦୃଢ଼ ମନୋବଳ ଓ ପ୍ରତ୍ୟେକ ପଦକ୍ଷେପରେ ଅଭିନବତ୍ୱ ପ୍ରଦର୍ଶନ ପାଇଁ ଗାଳ୍ପିକ ହୃଷୀକେଶ ପଣ୍ଡା ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଯେ ମଂଗୁଆଳ ହୋଇପାରିବେ ଏହା ନିଃସଂଦେହରେ କୁହାଯାଇପାରେ ।